ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani



ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୨ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 02 July 2026
Vol.No. 36 ■ No.172 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ADMISSION GOING ON- 2026
SAI SADHANA SCIENCE COLLEGE
+2 Sc. & +2 Arts
SAI SADHANA COLLEGE OF BASIC SCIENCE (+3)
(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)
Dibyasingpur, UDALA
100% first class result-2026
Contact No: 9437294587, 9437443950, 9937557158


# ଆମେରିକୀୟ ସହାୟତା ଚାହୁଁନୁ: ଆତ୍ମନିର୍ଭରଶୀଳ ହେବାକୁ ସଙ୍କେତ ଦେଲେ ନେତାନ୍ୟାହୁ

ନୂଆଦିଲ୍ଲୀ,୧/୭ : ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆତ୍ମନିର୍ଭରଶୀଳ ହେବାକୁ ସଙ୍କେତ ଦେଇଛନ୍ତି। ସେ ଆମେରିକା ଉପରେ ନିର୍ଭରଶୀଳତା ସମାପ୍ତ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି। ସେ କହିଛନ୍ତି,ମୁଁ ଆମେରିକୀୟ ସହାୟତା ବନ୍ଦ କରିବାକୁ ଚାହୁଁଛି। ଏହା ଦାନ ଅବା କଲ୍ୟାଣକାରୀ ଯୋଜନା ପରି ମନେ ହେଉଛି। ମୁଁ ଏହାକୁ ଚାହୁଁନାହିଁ। ମୁଁ ଚାହୁଁଛି ଯେ, ଏକ ଆତ୍ମନିର୍ଭର ପ୍ରକ୍ରିୟା ଚଳିତ ବର୍ଷ ଆରମ୍ଭ ହେଉ। ବର୍ଷ ବର୍ଷ ଧରି ଆମେରିକୀୟ ପାଣ୍ଠି ଉପରେ ନିର୍ଭରଶୀଳ ରହିଥିବା ଇସ୍ରାଏଲ ଏବେ ନିଜର ସ୍ୱାଧୀନ ପରିଚୟ ଏବଂ ପ୍ରତିରକ୍ଷା ଉତ୍ପାଦନ ନେଟୱାର୍କ ସ୍ଥାପନ କରିବାକୁ



ଚାହୁଁଛି। ନେତାନ୍ୟାହୁ ଏକ କାର୍ଯ୍ୟକ୍ରମରେ କହିଛନ୍ତି, ଆମର ମୁଣ୍ଡପିଛା ଜିଡିପି ୬୭ ହଜାର ଡଲାର। ଆମେ ଖୁବ୍ ଶୀଘ୍ର ୧ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଆମର ଅର୍ଥନୀତି ଏବେ ଆଉ ଛୋଟ ନାହିଁ। ଆମେ ଆମେରିକାରୁ ପାଉଥିବା ଜିଡିପିର ଏକ ଛୋଟ ଅଂଶ ପାଇଁ ନିଜେ ନିଜର ପାଣ୍ଠି ଯୋଗାଡ଼ କରିପାରିବୁ। ଇସ୍ରାଏଲୀ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଇରାନ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ମତଭେଦ ବୃଦ୍ଧି ପାଇଛି। ଟ୍ରମ୍ପ ଅନେକ ଥର ସାଧାରଣରେ ନେତାନ୍ୟାହୁଙ୍କୁ ସମାଲୋଚନା କରିଛନ୍ତି, ଏପରିକି କହିଛନ୍ତି ଯେ, ମୁଁ ଯାହା କୁହେ ନେତାନ୍ୟାହୁ ତାହା କରନ୍ତି। ପୂର୍ବରୁ ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ଧୀରେ ଧୀରେ ଆମେରିକୀୟ ସାମରିକ ସହାୟତା ବନ୍ଦ କରିବା ଏବଂ ଇସ୍ରାଏଲକୁ ସ୍ୱାବଲମ୍ବୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ଇସ୍ରାଏଲ ବର୍ତ୍ତମାନ ଆମେରିକାଠାରୁ ବାର୍ଷିକ ପ୍ରାୟ ୩.୮ ବିଲିୟନ ଡଲାର ସାମରିକ ସହାୟତା ପାଉଛି। ନେତାନ୍ୟାହୁ ଆଗାମୀ ଦଶନ୍ଧି ମଧ୍ୟରେ ଏହି ସହାୟତାକୁ ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରି ଏକ ଆତ୍ମନିର୍ଭରଶୀଳ ପ୍ରତିରକ୍ଷା ନେଟୱାର୍କ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି। କିନ୍ତୁ ଏହା ଇସ୍ରାଏଲ ପାଇଁ ସହଜ ନୁହେଁ। ପରିଷଦ ଅନ୍ ଫରେନ୍ ରିଲେସନ୍ସ ରିପୋର୍ଟ ଅନୁଯାୟୀ, ଅକ୍ଟୋବର ୨୦୨୩ରେ ଗାଜା ଯୁଦ୍ଧ ଆରମ୍ଭ ହେବା ପରଠାରୁ, ଆମେରିକା ଜରୁରୀକାଳୀନ ପ୍ୟାକେଜ୍ ମାଧ୍ୟମରେ ଇସ୍ରାଏଲକୁ ୧୬ ବିଲିୟନ ଡଲାରରୁ ୨୨ ବିଲିୟନ ଡଲାର ପର୍ଯ୍ୟନ୍ତ ଅତିରିକ୍ତ ସାମରିକ ସହାୟତା ପ୍ରଦାନ କରିଛି। ତେଣୁ ଇସ୍ରାଏଲ ସିଦ୍ଧାନ୍ତିକ ଭାବରେ ଦାବି କରିପାରେ ଯେ, ଆମେରିକୀୟ ସହାୟତା ବିନା ବଞ୍ଚିପାରିବ କିନ୍ତୁ ବାସ୍ତବରେ ଆମେରିକୀୟ ସହାୟତା ପ୍ରତି ନିର୍ଭରଶୀଳ ନରହିବା କଷ୍ଟକର ହେବ। ◆◆ପୃଷ୍ଠା ୭

# ପଶ୍ଚିମ ଓଡ଼ିଶାକୁ ବଡ଼ ଭେଟି ଦେବେ ଶାହ: ସରକାର ଓ ସଂଗଠନକୁ ଦେବେ ମନ୍ତ୍ର



ଭୁବନେଶ୍ୱର, ୦୧/୭ (ନି.ପ୍ର): ଦିନକ ପରେ ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ । ବରଗଡ଼ ଓ ସମ୍ବଲପୁରରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରି ପଶ୍ଚିମ ଓଡ଼ିଶାବାସୀଙ୍କୁ ଦେବେ ବଡ଼ ଭେଟି। ସରକାରୀ କାର୍ଯ୍ୟକ୍ରମର ଭିଡ଼ ଭିତରେ ସମୟ କାଢ଼ି ରାଜ୍ୟ ବିଜେପି ମୁଖ୍ୟ କାର୍ଯ୍ୟାଳୟକୁ ଆସିପାରନ୍ତି ଶାହା । ରାଜ୍ୟ ନେତୃତ୍ୱଙ୍କ ସହ କରିପାରନ୍ତି କବାଟକିଳା ଚର୍ଚ୍ଚା । ପାଞ୍ଚ ମାସର ବ୍ୟବଧାନ ପରେ ପୁଣି ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହ, ଏଥର ଫୋକସ୍‌ରେ ପଶ୍ଚିମ ଓଡ଼ିଶା। ବରଗଡ଼ ଓ ସମ୍ବଲପୁରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ, ପଶ୍ଚିମ ଓଡ଼ିଶାବାସୀଙ୍କୁ ଦେବେ ବଡ଼ ଭେଟି। ବରଗଡ଼ରେ ଇଥାନଲ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବ । ଏହାଦ୍ୱାରା ପଶ୍ଚିମ ଓଡ଼ିଶା ବିଶେଷ କରି ବରଗଡ଼ର ଚାଷୀ ଉପକୃତ ହେବେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ୍ ମନ୍ତ୍ରାଳୟ ଦାୟିତ୍ୱରେ ଥିବା ସମୟରେ ପ୍ରକଳ୍ପ ହାତକୁ ନେଇଥିଲେ କେନ୍ଦ୍ର ସରକାର । ◆◆ପୃଷ୍ଠା ୭

# ସବୁ ପିଲାଙ୍କୁ ମିଳିବ ନୂଆ ବହି: ଭୁଲ ମାନିଲା ବିଭାଗ

ଭୁବନେଶ୍ୱର, ୦୧/୭ (ନି.ପ୍ର): ଆଶା, ଆଶଙ୍କା, ଦ୍ୱନ୍ଦ୍ୱ ଭିତରେ ଘାଣ୍ଟି ହେଉଥିଲେ ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀ । ଏ ବର୍ଷ କେମିତି ପିଲା ପାଠ ପଢ଼ିବେ । ଶେଷରେ ଗଣଶିକ୍ଷା ବିଭାଗର ସଚିବ ସାମ୍ନାକୁ ଆସି କିଛି ମାତ୍ରାରେ ଆଶ୍ୱସ୍ତ କରିଛନ୍ତି । ପ୍ରତିଶ୍ରୁତି ଦେଇଛନ୍ତି ଖୁବଶୀଘ୍ର ଛାତ୍ରଛାତ୍ରୀଙ୍କୁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ । ହେଲେ କେବେ ସୁଦ୍ଧା ବହି ମିଳିବ, ଏନେଇ ସ୍ପଷ୍ଟ କରିନାହାଁନ୍ତି । ଭୁଲ ବହିରେ କେମିତି ପାଠ ପଢ଼ିବେ ପିଲା । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଅଭିଭାବକ, ଶିକ୍ଷକ ଚିନ୍ତାରେ ପଡିଥିଲେ । ଭୁଲ ବହି ପ୍ରତ୍ୟାହାର ପାଇଁ ଅଭିଭାବକ ସଂଘ, ରାଜନୈତିକ ଦଳ ଓ ଶିକ୍ଷାବିତ୍ ମାନେ ଦାବି କରି ଆସୁଥିଲେ । ଆଉ ଶେଷରେ ଦାବିକୁ ମାନି ନେଇଛି ଗଣଶିକ୍ଷା ବିଭାଗ । ବଦନାମ ଓ ଅପବାଦ ମୁଣ୍ଡାଇବା ପରେ ଭୁଲ ସ୍ୱୀକାର କରିବା ସହ ଶେଷରେ ସାମ୍ନାକୁ ଆସିଛନ୍ତି ଗଣଶିକ୍ଷା ସଚିବ ଏନ୍ ତିରୁମାଳା ନାୟକ । ସାମ୍ବାଦିକ ସମ୍ମିଳନୀ କରି ୪୦ଲକ୍ଷ ପିଲା ଓ ସେମାନଙ୍କ ଅଭିଭାବକଙ୍କ ଦ୍ୱନ୍ଦ୍ୱ ଦୂର କରିଛନ୍ତି । ସଂଶୋଧିତ ପୁସ୍ତକରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ମାନଙ୍କୁ ତାଲିମ୍ ଦିଆଯିବ । ହେଲେ ସବୁଠୁ ବଡ଼ କଥା ହେଉଛି ନୂଆ ବହି ପିଲାଙ୍କୁ କେବେ ଯୋଗାଇ ଦିଆଯିବ ସେନେଇ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଆସିନି । ସବୁଠୁ ଦୁର୍ଭାଗ୍ୟ ଆଉ ବିଡ଼ମ୍ବନାର ବିଷୟ ବହିରେ କେତେ ତ୍ରୁଟି ରହିଛି ଜାଣିନି ଗଣଶିକ୍ଷା ବିଭାଗ । କଣ ତ୍ରୁଟି ରହିଛି ଆଗକୁ ତର୍ଜମା ହେବ କହି ଦୋଷ କଥା ସ୍ୱୀକାର କରିଛନ୍ତି ବିଭାଗୀୟ ସଚିବ । ଏସବୁ ଭିତରେ କେବେ ପିଲାଙ୍କୁ ନୂଆ ବହି ମିଳୁଛି ? କେବେ ପାଠପଢ଼ା ସ୍ୱାଭାବିକ ହେଉଛି ? ତାକୁ ଅପେକ୍ଷା ।

# ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକ: ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି

ଭୁବନେଶ୍ୱର, ୦୧/୭ (ନି.ପ୍ର): ରାଜ୍ୟ କ୍ୟାବିନେଟର ୪୨ତମ ଗୁରୁତ୍ୱପୂର୍ଣ୍ଣ ବୈଠକ ମାନ୍ୟବର ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ପ୍ରଗତି, ଭିତ୍ତିଭୂମିର ବିକାଶ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷାକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ ପ୍ରଶାସନିକ ସଂସ୍କାରକୁ ଆଗକୁ ବଢ଼ାଇବା ପାଇଁ ବୈଠକରେ ୮ଟି ଭିନ୍ନ ଭିନ୍ନ ବିଭାଗର ମୋଟ ୧୨ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସେଗୁଡ଼ିକୁ ଅନୁମୋଦନ




କରାଯାଇଛି । ବୈଠକ ସରିବା ପରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମ୍ପର୍କିତ ପାରିତ ହୋଇଥିବା ଏକ ସ୍ୱତନ୍ତ୍ର ଓ ପ୍ରମୁଖ ପ୍ରସ୍ତାବ ବିଷୟରେ ସୂଚନା ଦେଇଥିଲେ । ଏହାପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭେଟି କ୍ୟାବିନେଟ୍‌ରେ ଗ୍ରହଣ କରାଯାଇଥିବା ଅବଶିଷ୍ଟ ୧୧ଟି ଅନୁମୋଦିତ ପ୍ରସ୍ତାବ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ସରକାରଙ୍କ ଏହି ସମସ୍ତ ନିଷ୍ପତ୍ତି ରାଜ୍ୟରେ ଉତ୍ତମ ଶାସନ ଏବଂ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ପ୍ରକାଶ ପାଇଛି । ଏହି ମଞ୍ଜୁରୀପ୍ରାପ୍ତ ପ୍ରସ୍ତାବଗୁଡ଼ିକ ମଧ୍ୟରେ ଜଳସମ୍ପଦ ବିଭାଗର ସର୍ବାଧିକ ୩ଟି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମିଳିଥିବା ବେଳେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୨ଟି ଏବଂ ନିର୍ମାଣ ବିଭାଗର ୨ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ◆◆ପୃଷ୍ଠା ୭

# ସରିଲା ପ୍ରଥମ ପର୍ଯ୍ୟାୟ ଏସ୍‌ଆଇଆର: ବାଦ ପଡ଼ିବେ ୨୦ ଲକ୍ଷ ଭୋଟର

ଭୁବନେଶ୍ୱର, ୦୧/୭ (ନି.ପ୍ର): ସରିଲା ପ୍ରଥମ ପର୍ଯ୍ୟାୟ ଏସ୍‌ଆଇଆର୍ ସର୍ବେକ୍ଷଣ। ୨୦ ଲକ୍ଷ ୧୪ ଭୋଟର ଏହି ସର୍ଭେରୁ ବାଦ୍ ପଡ଼ିଥିବା ସୂଚନା। ୩ କୋଟି ୩୩ ଲକ୍ଷ ୭୮ ହଜାର ୨୨୫ ଭୋଟରଙ୍କ ଭିତରୁ ୩ କୋଟି ୧୩ ଲକ୍ଷ ୮୫ ହଜାର ୨୧୬ ଭୋଟରଙ୍କ ତଥ୍ୟ ଡିଜିଟାଇଜେସନ୍ କରାଯାଇଛି । ମେ ୩୦ରୁ ଆରମ୍ଭ ହୋଇଥିଲା ଓଡ଼ିଶାରେ ଏସ୍‌ଆଇଆର ସର୍ଭେ । ଜୁନ୍ ୨୮ ପର୍ଯ୍ୟନ୍ତ ବିଏଲ୍‌ଓ ଘରକୁ ଘର ବୁଲି, ଭୋଟରଙ୍କ ଯାଞ୍ଚ କରିଥିଲେ । ◆◆ପୃଷ୍ଠା ୭

# ୩୫ କୋଟି ଟଙ୍କାର ପ୍ରଲୋଭନ ଦେଇ ବିଜୟ ସରକାରକୁ ଭାଙ୍ଗିବାକୁ ଷଡଯନ୍ତ୍ର ଅଭିଯୋଗ: ୩ ଗିରଫ

ନୂଆଦିଲ୍ଲୀ,୧/୭ : ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଯୋସେଫ ବିଜୟଙ୍କ ନେତୃତ୍ୱାଧୀନ ସରକାରକୁ ଅସ୍ଥିର କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ରଚାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ରାଜ୍ୟ ଗୁଇନ୍ଦା ବିଭାଗ ଦାବି କରିଛି ଯେ, ସରକାର ଗଠନର ଦୁଇ ମାସ ମଧ୍ୟରେ ଏହି ଚକ୍ରାନ୍ତକୁ ପଣ୍ଡ କରାଯାଇଛି। ଏହି ମାମଲାରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ବିରୋଧୀ ଡିଏମ୍‌କେର କିଛି ନେତାଙ୍କ ସହ ସମ୍ଭାବ୍ୟ ସମ୍ପର୍କକୁ ନେଇ ମଧ୍ୟ ତଦନ୍ତ ଚାଲିଛି। ସୂଚନା ଅନୁସାରେ,



ଶାସକ ତାମିଲଗା ଭେଟ୍ରି କଝଗମ୍ (ଟିଭିକେ)ର ୧୫ ଜଣ ବିଧାୟକଙ୍କୁ ଏକାସାଙ୍ଗେ ଇସ୍ତଫା ଦେବାକୁ ପ୍ରରୋଚିତ କରି ସରକାରକୁ ସଂଖ୍ୟାଗରିଷ୍ଠତାରୁ ବଞ୍ଚିତ କରିବା ଯୋଜନା ଥିଲା। ଏହି ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ ହୋଇଛି। ଟିଭିକେ ବିଧାୟକ ଏନ୍ ଇଳୟରାଜା ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ଏକ ପରାମର୍ଶଦାତା ସଂସ୍ଥା 'ଆଇପିଡିଏସ୍'ର ପ୍ରତିନିଧି ୩୫ କୋଟି ଟଙ୍କାର ପ୍ରଲୋଭନ ଦେଇଥିଲେ। ବିଧାନସଭାରେ ବାଚସ୍ପତି ଜେସି ପ୍ରଭାକରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ଏବଂ ସରକାର ବିରୋଧରେ ମତ ଦେବା ପାଇଁ ଏହି ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି। ଏପରିକି ଘଟଣା ବିଷୟରେ କାହାକୁ କିଛି ନ କହିବାକୁ ତାଙ୍କୁ ଧମକ ମଧ୍ୟ ଦିଆଯାଇଥିଲା। ଇଳୟରାଜାଙ୍କ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରି ୩ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ଭି ସେନ୍ଥିଲ ବାଲାଜୀଙ୍କ ନାମ ମଧ୍ୟ ଉଠିଛି। ◆◆ପୃଷ୍ଠା ୭

# ୟୁଜି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ମେଧା ତାଲିକା ସ୍ଥଗିତ

ଭୁବନେଶ୍ୱର, ୦୧/୭ (ନି.ପ୍ର): ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ (ଡିଗ୍ରୀ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ମେଧା ତାଲିକା, ଯାହା ୦୨.୦୭.୨୦୨୬ (ଗୁରୁବାର) ଦିନ ପ୍ରକାଶ ପାଇବାର ଥିଲା, ତାହାକୁ ସ୍ଥଗିତ ରଖାଯାଇଛି। ସଂଶୋଧିତ ସମୟସୂଚୀ ଖୁବଶୀଘ୍ର ସାମସ୍ ୟୁଜି (ଡିଗ୍ରୀ) ପୋର୍ଟାଲରେ ପ୍ରକାଶ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
▶ Mechanical Engineering
▶ Electrical Engineering
▶ Civil Engineering
▶ E. & T. C. Engineering
▶ Comp. Sc. & Engineering
ITI TRADE
● Electrician ● Fitter ● Welder ● R & AC
Walk-In-Interview on Dated : 08-06-2026 (Monday)
FACULTY RECRUIT-MENT | Lecture in all above Branches | Lab Technician in all above Branches | Clerk & Hostel Superin-tendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com

# ବାଲେଶ୍ୱର ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖା ତରଫରୁ ବ୍ୟାଙ୍କ ଦିବସ ପାଳିତ

ବାଲେଶ୍ୱର, ୦୧/୭ (ନି.ପ୍ର): ଆଜି ବ୍ୟାଙ୍କ ଦିବସ ଉପଲକ୍ଷେ ଏସ୍‌ବିଆଇ ବାଲେଶ୍ୱର ମୁଖ୍ୟ ଶାଖା ତରଫରୁ ଏକ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଅନେକ ନିୟମିତ ଗ୍ରାହକଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଆମନ୍ତ୍ରିତ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶାଖାର ମୁଖ୍ୟ ପ୍ରାବନ୍ଧିକ (ଚିଫ୍ ମେନେଜର) ସତ୍ୟାଶିଷ ପଟ୍ଟନାୟକ ଉତ୍ସବକୁ ପରିଚାଳନା କରିବା ସହିତ ସବୁ ଅତିଥି ଓ ଗ୍ରାହକମାନଙ୍କୁ ଶାଖା ତରଫରୁ ଶୁଭେଚ୍ଛା ଜଣାଇଥିଲେ। ବକ୍ତବ୍ୟରେ ସେ କହିଥିଲେ ଯେ ଆପଣମାନେ ଏମିତି ଆମଙ୍କୁ ଭଲ ପାଆନ୍ତୁ ଏବଂ ଯେତେବେଳେ ଯାହା ଆପଣଙ୍କର ଯେକୌଣସି



ଅସୁବିଧା ଓ ସାହାଯ୍ୟ ଆବଶ୍ୟକତା କରୁଛନ୍ତି ଆମ ଶାଖା ଆପଣମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି। ଏହି ଅବସରରେ ଏସ୍‌ବିଆଇର କର୍ମଚାରୀ ସଂଘର ଆଞ୍ଚଳିକ ସଂପାଦକ ମାନସ କୁମାର ମହାପାତ୍ର ସମ୍ବର୍ଦ୍ଧନା ଉତ୍ସବକୁ ପରିଚାଳନା କରିବା ସହିତ ବ୍ୟାଙ୍କର ଗ୍ରାହକମାନଙ୍କୁ ତାଙ୍କର ଅସୁବିଧା ସମୟରେ ସବୁପ୍ରକାର ସାହାଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ଉପଶାଖା ପରିଚାଳକ ଶ୍ରୀ କମଳାକାନ୍ତ ବଳ ପେନସନର ମାନଙ୍କୁ ସବୁପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି, ଯଦି କେହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ବ୍ୟାଙ୍କ ସବୁପ୍ରକାର ସାହାଯ୍ୟ କରିବା ପାଇଁ ଅଛି ବୋଲି କହିଥିଲେ। ଏହି ଅବସରରେ ଆଡଭୋକେଟ ସୁଦର୍ଶନ ଦାସ ଏବଂ ଭେଙ୍କଟାସ ମିଶ୍ର ଓ ସହଯୋଗ କରିବା ସହିତ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ସମ୍ମାନ କରିଥିଲେ। ଏହି ଉତ୍ସବରେ ଗ୍ରାହକ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡ଼ା ବର୍ତ୍ତମାନ ଏହି ଶାଖା କେମିତି ସବୁ କ୍ଷେତ୍ରରେ ସବୁପ୍ରକାର ସାହାଯ୍ୟ କରୁଛି ଓ ବ୍ୟାଙ୍କର କର୍ମଚାରୀମାନେ କିପରି ଗ୍ରାହକମାନଙ୍କୁ ସେବା ଦେବାପାଇଁ ତତ୍ପର ଅଛନ୍ତି ତାହା ପ୍ରକାଶ କରିଥିଲେ। ଏଥିରେ ବିଶିଷ୍ଟ ଗ୍ରାହକ ଏସଏନ ଦାସ ଓ ତାଙ୍କର ଡାକ୍ତର ପତ୍ନୀ ଉପସ୍ଥିତ ରହିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ ଅଧିଷ୍ଠିତ ଗ୍ରାହକମାନେ ମଧ୍ୟ ଉପସ୍ଥିତ ରହିଥିଲେ। ବ୍ୟାଙ୍କ ତରଫରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅବ୍ୟବସ୍ଥା ଘେରରେ ଚମ୍ପୁଆ ବସ ଷ୍ଟାଣ୍ଡ: ମୁଖ୍ୟ ଫାଟକରେ ଯାତ୍ରୀଙ୍କ ପାଦ ଧୋଉଛି ଡ୍ରେନ ପାଣି, ନିରବଦ୍ରଷ୍ଟା ଏନଏସି କର୍ତ୍ତୃପକ୍ଷ

ଚମ୍ପୁଆ, ୦୧/୦୭ (ନି.ପ୍ର): ବିକାଶର ଡିଣ୍ଡିମ ପିଟୁଥିବା ଚମ୍ପୁଆ ଏନଏସି ପ୍ରଶାସନର ଅସଲ ଚେହେରା ଚମ୍ପୁଆ ବସ୍ ଷ୍ଟାଣ୍ଡରେ ଦେଖିବାକୁ ମିଳିଛି। ବସ ଷ୍ଟାଣ୍ଡ ନିର୍ମାଣ ହେବା ଦିନ ଠାରୁ ବର୍ଷ ବର୍ଷ ବିତି ଯାଇଥିଲେ ମଧ ଏହାର ଦୁଇ ଦୁଇଟି ଏଂଟ୍ରି ଗେଟ୍ ବା ମୁଖ୍ୟ ଫାଟକର ସ୍ଥିତି ସୁଧୁରି ପାରିନାହିଁ। ଫଳରେ ସାଧାରଣ ଯାତ୍ରୀମାନେ ଚରମ ହନ୍ତସନ୍ତ ହେଉଛନ୍ତି। ବସ୍ ଷ୍ଟାଣ୍ଡର ମୁଖ୍ୟ ଫାଟକ ଦୁଇଟିରେ ବର୍ଷ ତମାମ ଡ୍ରେନର ଦୁର୍ଗନ୍ଧଯୁକ୍ତ ପାଣି ଜମି ରହୁଛି। ବସକୁ ଯିବା ଆସିବା କରିବା ସମୟରେ ଯାତ୍ରୀମାନଙ୍କ ପାଦ ଏହି ଅପରିଷ୍କାର ପାଣିରେ ବୁଡ଼ି ରହୁଛି। ସ୍ଥାନୀୟ ଲୋକେ କ୍ଷୋଭର ସହ କହିଛନ୍ତି ଯେ, 'ଯାତ୍ରୀଙ୍କ ସ୍ୱାଗତ ପାଇଁ ନୁହେଁ, ବରଂ ସେମାନଙ୍କ ପାଦ ଧୋଇବା ପାଇଁ ଏଠାରେ ଡ୍ରେନ ପାଣି ସଦାସର୍ବଦା ପ୍ରସ୍ତୁତ ହୋଇ ରହିଛି। ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ଚମ୍ପୁଆ ଏନଏସି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ବର୍ଷ ବର୍ଷ ଧରି ସାଧାରଣ ଜନତା ଏବଂ ବ୍ୟବସାୟୀମାନେ ଅଭିଯୋଗ କରି ଆସୁଥିଲେ ମଧ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟ ଫାଟକରେ ଦୂଷିତ ପାଣି ଜମି ରହିବା ଯୋଗୁଁ ସେଠାରେ ପ୍ରବଳ ଦୁର୍ଗନ୍ଧ ହେବା ସହ ମଶା, ମାଛି ବଂଶବୃଦ୍ଧି ପାଉଛନ୍ତି। ଏହାଦ୍ୱାରା ଯାତ୍ରୀ ଏବଂ ଆଖପାଖ ଦୋକାନୀମାନଙ୍କ ମଧ୍ୟରେ ମ୍ୟାଲେରିଆ, ଡେଙ୍ଗୁ ଭଳି ମାରାତ୍ମକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବା ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ନୂଆପଡ଼ାରେ ଡୁଡା ସମୀକ୍ଷା ବୈଠକ: ନଗର ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

ନୂଆପଡ଼ା, ୦୧/୦୭ (ନି.ପ୍ର): ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା(ଡୁଡା)ର ସମୀକ୍ଷା ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ବୈଠକରେ ନୂଆପଡ଼ା, ଖଡ଼ିଆଳ ଓ ଖରିଆର ରୋଡ୍ ଏନ୍ଏସିର ବିଭିନ୍ନ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ସମୀକ୍ଷା କରାଯାଇଥିଲା। ଏନଏସିଗୁଡ଼ିକର ଆର୍ଥିକ ସ୍ଥିତି, ବିଭିନ୍ନ ଅନୁଦାନର ବ୍ୟବହାର, ୟୁସି ଦାଖଲ, ରାଜସ୍ୱ ସଂଗ୍ରହ, ଘନ ବର୍ଜ୍ୟ ପରିଚାଳନା, ସ୍ୱଚ୍ଛ ଭାରତ ମିଶନ, ପିଏମ୍ଏୱାଇ, ପିଏମ୍ଏୱାଇ ୨.୦, ସହଯୋଗ, ମୋ ପୋଖରୀ, ମଲ୍ଟିପର୍ପୋଜ ହଲ୍ ଓ ପିଏମ୍ ସ୍ୱନିଧି ଯୋଜନାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ସମୀକ୍ଷାରେ ଜଣାପଡ଼ିଥିଲା ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଂଚଳ)ରେ ନୂଆପଡ଼ା ଏନ୍ଏସିରେ ୧୬୩୨ଟି, ଖଡ଼ିଆଳ ଏନ୍ଏସିରେ ୩୨୧୭ଟି ଓ ଖରିଆର ରୋଡ୍ ଏନ୍ଏସିରେ ୧୨୩୪ଟି ଘର ସମ୍ପୂର୍ଣ୍ଣ ହୋଇଛି। ବର୍ଜ୍ୟ ପରିଚାଳନା ଅଧୀନରେ ନୂଆପଡ଼ା ଏନ୍ଏସିର ୧୪ଟି, ଖଡ଼ିଆଳର ୧୩ଟି ଓ ଖରିଆର ରୋଡର ୧୯ଟି ୱାର୍ଡରେ ଘରକୁ ଘର ବର୍ଜ୍ୟ ସଂଗ୍ରହ ଓ ପୃଥକୀକରଣ କାର୍ଯ୍ୟ ଚାଲିଛି। ଜିଲ୍ଲାପାଳ ରାଜସ୍ୱ ସଂଗ୍ରହ ବୃଦ୍ଧି, ଯୋଜନାଗୁଡ଼ିକର ସମୟୋପଯୋଗୀ କାର୍ଯ୍ୟାନ୍ୱୟନ ଓ ଜନସେବାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକ ଅବସରରେ ଉତମ ଟ୍ୟାକ୍ସ ସଂଗ୍ରହ କରିଥିବା ତିନି ଜଣ ଟ୍ୟାକ୍ସ ସଂଗ୍ରାହକଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ବୈଠକରେ ନୂଆପଡ଼ା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡ଼ିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖରିଆର ରୋଡ୍ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ସମେତ ଡୁଡା କର୍ମଚାରୀ, ମ୍ୟୁନିସିପାଲ ଇଞ୍ଜିନିୟର, କର୍ମଚାରୀ ଓ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଧାନ ଉଠାଣ ଦାବିରେ ଡୁଆଝରରେ ଚାଷୀଙ୍କ ରାସ୍ତାରୋକ: ଯାତାୟାତ ଠପ୍

ନୂଆପଡା, ୦୧/୦୭ (ନି.ପ୍ର): ଧାନ ଉଠାଣରେ ବିଳମ୍ବକୁ ନେଇ ଚାଷୀଙ୍କ ଅସନ୍ତୋଷ ଦିନକୁ ଦିନ ବଢୁଥିବା ବେଳେ ମଙ୍ଗଳବାର ଖଡ଼ିଆଳ-ସିନାପାଲି ମୁଖ୍ୟ ସଡ଼କର ଡୁଆଝର ଗ୍ରାମ ନିକଟରେ ଚାଷୀମାନେ ରାସ୍ତାରୋକ କରି ଜୋରଦାର ପ୍ରତିବାଦ କରିଛନ୍ତି। ଧାନ ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ସହ ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସକାଳୁ ଶତାଧିକ ଚାଷୀ ରାସ୍ତା ଉପରେ ବସି ଧାନ ଉଠାଣରେ ହେଉଥିବା ଅବହେଳା ବିରୋଧରେ ସ୍ଲୋଗାନ ଦେଇଥିଲେ। ରାସ୍ତାରୋକ ଯୋଗୁଁ ଉଭୟ ପାର୍ଶ୍ୱରେ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିଥିଲା ଏବଂ ସାଧାରଣ ଲୋକେ ମଧ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଚାଷୀମାନଙ୍କ କହିବା ଅନୁସାରେ, ମଣ୍ଡିରେ ଦୀର୍ଘଦିନ ଧରି ହଜାର ହଜାର ବସ୍ତା ଧାନ ପଡ଼ି ରହିଛି। ବାରମ୍ବାର ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଜଣାଇଥିଲେ ମଧ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଉନାହିଁ। ବର୍ଷା ଆରମ୍ଭ ହୋଇଥିବାରୁ ଧାନ ଭିଜି ନଷ୍ଟ ହେବାର ଆଶଙ୍କା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇଛି। ଏହା ଦ୍ୱାରା ସେମାନଙ୍କ ଆର୍ଥିକ କ୍ଷତି ହେବା ସହ ଋଣ ପରିଶୋଧରେ ମଧ ସମସ୍ୟା ସୃଷ୍ଟି ହେବ ବୋଲି ଚାଷୀମାନେ କହିଛନ୍ତି। ରାସ୍ତାରୋକ ଖବର ପାଇ ପ୍ରଶାସନ ଓ ପୋଲିସ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚାଷୀଙ୍କ ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସହ ଶୀଘ୍ର ଧାନ ଉଠାଣ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଚାଷୀମାନେ ସତର୍କ କରି କହିଛନ୍ତି ଯେ, ଯଦି ଖୁବଶୀଘ୍ର ମଣ୍ଡିରୁ ଧାନ ଉଠାଣ ଆରମ୍ଭ ନହୁଏ, ତେବେ ଆଗାମୀ ଦିନରେ ସେମାନେ ଆହୁରି ବ୍ୟାପକ ଆନ୍ଦୋଳନ କରିବେ। ଧାନ ଉଠାଣ ସମସ୍ୟାକୁ ନେଇ ଅଂଚଳରେ ଚାଷୀଙ୍କ ଅସନ୍ତୋଷ ଦିନକୁ ଦିନ ତୀବ୍ର ହେଉଥିବାରୁ ପ୍ରଶାସନ କିପରି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# କେନ୍ଦୁଝରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

କେନ୍ଦୁଝର, ୦୧/୦୭ (ନି.ପ୍ର): ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିନି କନଫରେନ୍ସ ହଲ୍ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଗାମୀ 'ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ୨୦୨୬' କାର୍ଯ୍ୟକ୍ରମର ରୂପରେଖ ଓ ସମୀକ୍ଷା ପାଇଁ ଏହି ବୈଠକ ଡକାଯାଇଥିଲା। ଏଥିରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ମତଦାନ ସୁବିଧା ପାଇଁ ନୂଆ ବୁଥ୍ମତଦାନ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ କରିବା ପାଇଁ ପ୍ରଶାସନ ପକ୍ଷରୁ ବୁଥ୍ ସଂସ୍କାର କାର୍ଯ୍ୟ କରାଯାଇଛି। ବର୍ତ୍ତମାନର ୧,୭୨୩ଟି ବୁଥ୍ ସଂଖ୍ୟାରେ ୧୯୨ଟି ନୂଆ ବୁଥ୍ ଯୋଗ କରାଯାଇ ମୋଟ ସଂଖ୍ୟା ୧,୯୧୫ କୁ ବୃଦ୍ଧି କରାଯାଇଛି। ଜିଲ୍ଲାର ସମସ୍ତ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନୂଆ ବୁଥ୍ ଯୋଗ କରାଯାଇଛି, ସେଗୁଡିକ ହେଉଛି ଚମ୍ପୁଆ: ପୂର୍ବରୁ ୨୫୫ ଥିଲା, ଏବେ ୪୮ଟି ନୂଆ ବୁଥ୍ ମିଶି ମୋଟ ୩୦୩ ହୋଇଛି। ତେଲକୋଇ: ପୂର୍ବରୁ ୩୨୧ ଥିଲା, ଏବେ ୪୩ଟି ନୂଆ ବୁଥ୍ ମିଶି ମୋଟ ୩୬୪ ହୋଇଛି। ଘସିପୁରା: ପୂର୍ବରୁ ୩୦୦ ଥିଲା, ଏବେ ୨୯ଟି ନୂଆ ବୁଥ୍ ମିଶି ମୋଟ ୩୨୯ ହୋଇଛି। କେନ୍ଦୁଝର: ପୂର୍ବରୁ ୨୮୩ ଥିଲା, ଏବେ ୨୬ଟି ନୂଆ ବୁଥ୍ ମିଶି ମୋଟ ୩୦୯ ହୋଇଛି। ଆନନ୍ଦପୁର: ପୂର୍ବରୁ ୨୯୧ ଥିଲା, ଏବେ ୨୪ଟି ନୂଆ ବୁଥ୍ ମିଶି ମୋଟ ୩୧୫ ହୋଇଛି। ପାଟଣା: ପୂର୍ବରୁ ୨୭୩ ଥିଲା, ଏବେ ୨୨ଟି ନୂଆ ବୁଥ୍ ମିଶି ମୋଟ ୨୯୫ ହୋଇଛି।

ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ପରେ, ମୋଟ ୬୪,୩୯୮ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ଏହି ନାମଗୁଡ଼ିକୁ ବାଦ୍ ଦିଆଯାଉଛି, ଯେପରି ସର୍ବାଧିକ ୩୧,୨୧୧ ଜଣଙ୍କ ନାମ ମୃତ୍ୟୁବରଣ କରିଥିବା କାରଣରୁ ବାଦ୍ ପଡ଼ିବ। ସେହିପରି ୨୩,୩୮୩ ଜଣ ବ୍ୟକ୍ତି ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଇଥିବାରୁ ତାଙ୍କ ନାମ ତାଲିକାରୁ କଟାଯିବ। ଅନ୍ୟପକ୍ଷରେ, ୫,୨୮୮ ଜଣଙ୍କର ନାମ ଦୁଇଥର ତାଲିକାଭୁକ୍ତ ହୋଇଥିବା ଜଣାପଡ଼ିଥିବା ବେଳେ ୪,୨୬୮ ଜଣ ବ୍ୟକ୍ତି ଅନୁପସ୍ଥିତ ରହିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ କାରଣରୁ ଆଉ ୨୪୮ ଜଣଙ୍କ ନାମକୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କାର୍ଯ୍ୟକ୍ରମ ଗୁଡିକ ତାରିଖ ଜୁଲାଇ ୫, ୨୦୨୬: ପ୍ରାଥମିକ ଭୋଟର ତାଲିକା ପ୍ରକାଶନ, ଜୁଲାଇ ୫ - ଅଗଷ୍ଟ ୪, ୨୦୨୬: ଦାବି ଓ ଆପତି ଅଭିଯୋଗ ଦାଖଲ, ସେପ୍ଟେମ୍ବର ୬, ୨୦୨୬: ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ଧାର୍ଯ୍ୟ କରାଯାଇଛି।

ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳକୁ ସେମାନଙ୍କର ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି, ଯାହାଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକାରେ କୌଣସି ତ୍ରୁଟି ରହିବ ନାହିଁ। ଏଥିସହିତ, ଜନସାଧାରଣ ନିଜର ନାମ ଯାଂଚ କରିବା ଏବଂ କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

ଏହି ବୈଠକରେ (ସାଧାରଣ) ଶ୍ରୀ ମନ୍ଦରଧର ମହାଳିକ,ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଅରୁଣିମା ସାହୁ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସାରସକ୍ଷେତ୍ରରେ ସ୍ନାନଯାତ୍ରା

ବାରିପଦା, ୦୧/୦୭ (ନି.ପ୍ର): ଦେଶ ବିଦେଶର ଶ୍ରୀଜଗନ୍ନାଥ ପୀଠମାନଙ୍କରେ ଆଗାମୀ ଜୁଲାଇ ମାସ ତୃତୀୟ ସପ୍ତାହରୁ ଆୟୋଜନ ହେବାକୁ ଥିବା ଶ୍ରୀଗୁଣ୍ଡିଚା ଯାତର ଆଦ୍ୟପର୍ବ ଶ୍ରୀଜୀଉଗଣଙ୍କ ସ୍ନାନଯାତ୍ରା ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠ ସାରସକଣାରେ ବି ପାରମ୍ପାରିକ ନୀତି ମଧଦେଇ ଜୁନ୍ ୨୯ ତାରିଖ ୨୦୨୬, ପବିତ୍ର ସ୍ନାନପୂର୍ଣ୍ଣମା ସକାଳ ଘ ୮.୦୦ ଟିକା ଭକ୍ତଭିଡ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ମନ୍ଦିର ପରିଚାଳନା ଟ୍ରଷ୍ଟ୍ ଏବଂ ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତିର କାର୍ଯ୍ୟକର୍ତ୍ତା ଡଃ ଉପେନ୍ଦ୍ର ନାଥ ସାହୁ, ଯତୀନ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ପାଲିତ, ଅନ୍ତର୍ଯ୍ୟାମୀ ସାହୁ, ମନୋଜ କୁମାର ସାହୁ, , ସୁଧୀ ରଞ୍ଜନ ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ଅସିତ କୁମାର ସାହୁ ଓ ନବକିଶୋର ସେଠୀଙ୍କ ତତ୍ତ୍ୱାବଧାନରେ ନୃହାମାଳିଆ ସଂକୀର୍ତ୍ତନ ଦଳଙ୍କ ହରିରାମ ଓ ସ୍ଥାନୀୟ ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀଙ୍କ ସମୂହ ଶଙ୍ଖ ହୁଳହୁଳି ଧ୍ୱନି ତଥା ସହସ୍ରାଧିକ ଭକ୍ତଙ୍କ ହରିବୋଲ ଜୟଜୟକାର ଦେଇ ଶ୍ରୀଜୀଉଗଣ ସ୍ନାନବେଦୀକୁ ବିଜେ କରିଥିଲେ। ପହଣ୍ଡି ବିଜୟରେ ସେବାୟତ ସର୍ବଶ୍ରୀ ଅବିନାଶ କର, ଆମର ବିକାଶ ଷଡ଼ଙ୍ଗୀ, ଅଜିତ ରଞ୍ଜନ ଷଡ଼ଙ୍ଗୀ, ସଞ୍ଜୟ କୁମାର ଭୋଳ, ପ୍ରଶାନ୍ତ କୁମାର ସାହୁ, ଶାନ୍ତନୁ କୁମାର ନାୟକ ନାରାୟଣ ମହାକୁଡ଼ ଏବଂ ଯୋଗେଶ୍ୱର ନାଏକ ପ୍ରମୁଖ ଅନ୍ୟମାନଙ୍କ ସହିତ ସେବା ଓ ଭକ୍ତି ନିବେଦନ କରିଥିଲେ। ପରେପରେ ଦେଉଳ ପରିସରସ୍ଥିତ ସୁନାକୂଅରୁ ମହାପ୍ରଭୁଙ୍କ ବ୍ରତଧାରିଣୀଙ୍କ ଦ୍ୱାରା ୧୦୮ କୁମ୍ଭ ପବିତ୍ର ଜଳ ଉତ୍ତୋଳନ ହୋଇଥିଲା। ଦେଉଳ ପୁରୋହିତ ପଣ୍ଡିତ ମନୋରଞ୍ଜନ ଦାଶ, ଅକ୍ଷୟ କୁମାର କର ଓ ଦିବ୍ୟ ସୁନ୍ଦର କର ଜଳକୁ କର୍ପୁର କସ୍ତୁରୀ ଚନ୍ଦନରେ ସୁବାସିତ କଲାପରେ ପୂଜାନିବେଦନ ପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାସ୍ନାନ କରାଇଥିଲେ। ସ୍ନାନ ବେଦୀରେ ଶ୍ରୀଜୀଉମାନେ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ବେଦୀ ଉପରେ ବିଧି ଓ ଶାସ୍ତ୍ରୋମତରେ ପୁରୋହିତମାନେ ଦିଅଁଙ୍କୁ ବେଦଧ୍ୱନିରେ ପୂଜାର୍ଚ୍ଚନା ସହ ହୋମଅଗ୍ନି ଓ ଆଳତି ନିବେଦନ କରିଥିଲେ। ବେଦୀରେ ଠାକୁରଙ୍କୁ ପଣସ, ଆମ୍ବ, ସପୁରୀ, କଦଳୀ, ନଡ଼ିଆ, ଆରିସା ଓ ଗୁଡ ଲଡୁ ଆଦି ପ୍ରସାଦ ଲାଗି ହୋଇ ଭକ୍ତଜନଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ସନ୍ଧ୍ୟା ଉପରାନ୍ତେ ଶ୍ରୀଜୀଉମାନେ ଅଣସର ପାଣ୍ଡିକୁ ପହଣ୍ଡିରେ ଆସିଥିଲେ। ପୀଠର ସ୍ନାନଯାତ୍ରା ଶୃଙ୍ଖଳିତ ଭାବେ ପାଳନ ହୋଇଥିବାରୁ ମନ୍ଦିର ପରିଚାଳନାର ଟ୍ରଷ୍ଟି ପଦ୍ମନାଭ ସାହୁ ସମସ୍ତ ଭକ୍ତ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଚମ୍ପୁଆ ଶିଶୁ ମନ୍ଦିର ଆଚାର୍ଯ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଚମ୍ପୁଆ, ୦୧/୦୭ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସଂସ୍କୃତ ଆଚାର୍ଯ୍ୟ କପିଳେନ୍ଦ୍ର ସାମନ୍ତରାଙ୍କ ଅବସର କାଳିନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଉତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ ଆଦି ଯୋଗ ଦେଇ ଆଚାର୍ଯ୍ୟ କପିଳେନ୍ଦ୍ର ସାମନ୍ତରାଙ୍କ ଶିଶୁ ମନ୍ଦିରରେ ମହତ୍ୱପୂର୍ଣ୍ଣ ଅବଦାନ ଓ ଅଭୁଲା ଅନୁଭୂତି ବିଷୟରେ ବର୍ଣ୍ଣନା କରିବା ସହିତ ତାଙ୍କର ଅବସର ପରବର୍ତ୍ତୀ ସୁଖ ଓ ନିରାମୟ ଜୀବନ କାମନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଆଭିମୁଖ୍ୟ କଥନ କରିବା ସହିତ ଗୁରୁଜୀଙ୍କ ସୁଖୀ ଓ ନିରାମୟ ଜୀବନ କାମନା କରିଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ ପରିଚାଳନା ସମିତିର କର୍ମକର୍ତ୍ତା, ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ମାନଙ୍କ ଦ୍ୱାରା ଉପଢ୍ୟୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ସେବିକା ଓ ପରିଚାଳନା ସମିତିର ସଦସ୍ୟ ସଦସ୍ୟା ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ : ବର୍ଷେ ହେଲା କାମ ସରୁନି

ଧର୍ମଶାଳା, ୦୧/୦୭ (ନି.ପ୍ର): ଅସରାଏ ବର୍ଷା ଜଳରେ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଫଳରେ ଯାତାୟତ ନିମନ୍ତେ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ଓ ଧର୍ମଶାଳା ବ୍ଲକକୁ ସଂଯୋଗ କରୁଥିବା ବ୍ରହ୍ମବରଦା-ଉତରପ୍ରତାପ ମୁଖ୍ୟ ରାସ୍ତା କ୍ଷେତ୍ରରେ । ପାଣିକୋଇଲି ପୂର୍ତ ବିଭାଗ ଅଧିନରେ ଥିବା ଧର୍ମଶାଳା ବ୍ଲକ ଉତରପ୍ରତାପଠାରୁ ମଙ୍ଗଳପୁର ପଂଚାୟତ ରାସ୍ତା ସମ୍ପ୍ରସାରଣ ନିମନ୍ତେ ପାଖାପାଖି ୨ ବର୍ଷ ପୂର୍ବେ ବ୍ୟୟ ଅଟକଳ କରାଯାଇ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଠିକାଦାରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ୪ କିମି ରାସ୍ତା ପାଇଁ ପାଖାପାଖି କୋଟିଏ ଟଙ୍କା ଅଟକଳ କରାଯାଇଥିଲା । ଏହି ରାସ୍ତାକୁ ୨ ବର୍ଷ ବିତିବାକୁ ବସିଥିଲେ ମଧ ରାସ୍ତା ଅଧପନ୍ତରିଆ ହୋଇପଡିଛି । କାଁ ଭାଁ କେଉଁଠି ପିଚୁ ତ କେଉଁଠି କଂକ୍ରିଟ୍ ରାସ୍ତା କରାଯାଇଥିବା ବେଳେ ବହୁ ସ୍ଥାନରେ କାମ ଅଧପନ୍ତରିଆ ହୋଇ ପଡରହିଛି । ସେପଟେ ବିନା ସୂଚନା ଫଳରେ କାମ କରାଯାଉଥିବା ବେଳେ ଜନସାଧାରଣ କାର୍ଯ୍ୟର ଅବଧି ଶେଷ ସମୟ ଜାଣି ନ ପାରିବାରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ପାରୁ ନାହାନ୍ତି । ଏହି ଅଧପନ୍ତରିଆ ରାସ୍ତାରେ ସ୍ଥାନୀୟ ଜନସାଧାରଣ ଯାତାୟତ ନିମନ୍ତେ ସୁରକ୍ଷା ମଣୁ ନାହାନ୍ତି । ଏପରିକି ଅନେକ ସମୟରେ ଦୃର୍ଘଟଣାର ସମ୍ମୁଖୀନ ହେଉଥିବା ମଧ ନଜିର ରହିଛି । ଅନେକ ସ୍ଥାନରେ କଲର୍ଭଟ କାମ ଅଧାରେ ପଡି ରହିଥିବା ବେଳେ ମୁଖ୍ୟ ରାସ୍ତା ମଝିରେ ଗଛ ଓ ବିଦ୍ୟୁତ୍ ଖଂଟ ରହିଥିବାରୁ ରାସ୍ତା ସେହି ଭଳି ପଡି ରହିଛି । ଯାହାକି ରାସ୍ତା ସମ୍ପ୍ରସାରଣରେ ବାଧା ଉପୁଜିଛି । ସେପଟେ ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତରୁ ରସୁଲପୁର ବ୍ଲକକୁ ସଂଯୋଗ କରୁଥିବା ବ୍ରହ୍ମବରଦାର ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି । ମାତ୍ର ସୀମା ପାଇଁ ଏହି ୧ କିମି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡି ରହିଛି ।

## ମହତାବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଚମ୍ପୁଆ, ୦୧/୦୭ (ନି.ପ୍ର): ଚମ୍ପୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲୋକନାଥ ଗୁଇଁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟଙ୍କ ପକ୍ଷରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ଗିରିଶ ଚନ୍ଦ୍ର ପ୍ରଧାନ, ଶଙ୍କର୍ଷଣ ନାଏକ, ବିଆର୍ଟି ସରୋଜ ଦାସ, କୁଳମଣି ନାଏକ, ଧନେଶ୍ୱର ପାତ୍ର, ଶିକ୍ଷୟିତ୍ରୀ ଗାୟତ୍ରୀ ଗିରି, ଲୋପାମୁଦ୍ରା ବଡ଼ପଣ୍ଡା, କୌଶଲ୍ୟା ମହାନ୍ତ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ ଏକ ଭବ୍ୟ ସମାରୋହରେ ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶ୍ରୀ ଗୁଇଁ ୨୯।୬।୧୯୯୪ ରିଖ ଠାରୁ ବିଭିନ୍ନ ବିଦ୍ୟାଳୟ ଯଥା ଦେଓଝର ମଧ ଇଂରାଜୀ ବିଦ୍ୟାଳୟ, ବଡ଼ବିଲ ମଧ ଇଂରାଜୀ ବିଦ୍ୟାଳୟ, ମହତାବ ଉଚ୍ଚ ବିଦ୍ୟାଳୟ, ସ୍ୱାମପାଟଣା, ପୁରୁଣା ବାଙ୍କଗୋଡ଼ା, ମହତାବ ଉଚ୍ଚ ବିଦ୍ୟାଳୟ ଆଦି ବିଦ୍ୟାଳୟରେ କାର୍ଯ୍ୟକରି ୩୦।୬।୨୦୨୬ରିଖ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି।

# ଫୁଲବାଣୀ ରୋଟାରୀ କ୍ଲବର ମିଳିତ ନିର୍ଦ୍ଦେଶକଙ୍କ ବୈଠକ

କନ୍ଧମାଳ/ଫୁଲବାଣୀ, ୦୧/୦୭ (ନି.ପ୍ର): ସୋମବାର ସନ୍ଧ୍ୟାରେ ଫୁଲବାଣୀ ରୋଟାରୀ କ୍ଲବ ୩୨୬୨ ଚାର୍ଟର ନମ୍ବର ୧୬୦୫୫ର କ୍ଲବ ସମ୍ମିଳନୀ କକ୍ଷରେ, ୨୦୨୬-୨୭ ବର୍ଷ ପାଇଁ ନିର୍ଦ୍ଦେଶକମାନଙ୍କ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ଷ ୨୦୨୫/୨୬ସଭାପତି ପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଚଳିତ ୨୦୨୬/୨୭ବର୍ଷ ରୋଟାରୀ କ୍ଲବ ସଭାପତି, ବିଜୟ କୃଷ୍ଣ ପଟ୍ଟନାୟକ ଓ ରୋଟାରୀ କ୍ଲବ ସମ୍ପାଦକ ସୁନୀଲ ପଟ୍ଟନାୟକଙ୍କ ଦ୍ୱାରା ଚଳିତ ବର୍ଷ କେଉଁ ମାସରେ କି କି କାର୍ଯ୍ୟକ୍ରମମାନ ହାତକୁ ନିଆଯିବ ଓ ଏଥିପାଇଁ କେତେ ଟଙ୍କା ବ୍ୟୟ ହେବ ସେ ନେଇ ଉପସ୍ଥିତ ନିର୍ଦ୍ଦେଶକମାନଙ୍କୁ ସୂଚନା ଦେଇଥିଲେ। ଜିଲ୍ଲାର ଗରୀବ, ଅବହେଳିତ ଓ ନିଷ୍ପେଷିତ ଲୋକଙ୍କ ପାଇଁ ଫୁଲ ବାଣୀ ରୋଟାରୀ କ୍ଲବ ପକ୍ଷରୁ ଅଧିକରୁ ଅଧିକ କାର୍ଯକ୍ରମମାନ ହାତକୁ ନିଆଯାଇ ପାରିବ ସେଥିପ୍ରତି ନୂତନ ସଭାପତି ଓ ସମ୍ପାଦକ ଦୃଷ୍ଟି ଦେବାକୁ ନିର୍ଦ୍ଦେଶକ ତଥା ପୂର୍ବତନ ସଭାପତି ସର୍ବେଶ୍ୱର ମିଶ୍ର ପରାମର୍ଶ ଦେଇଥିଲେ। କ୍ଲବ୍ ପକ୍ଷରୁ ୨୦୨୬/୨୭ବର୍ଷରେ ପ୍ରାୟ ୩୦/୪୦ଗୋଟି ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା ସ୍ୱାସ୍ଥ୍ୟ ସେବା, ପରିବେଶ, ଶିକ୍ଷା, ପାନୀୟ ଜଳ, ରାଜ୍ୟସ୍ତରୀୟ ମାରାଥନ ଆଦି କାର୍ଯ୍ୟକ୍ରମ ମାନ ହାତକୁ ନିଆଯିବ ବୋଲି ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ ଓ ସମ୍ପାଦକ ସୁନୀଲ ପଟ୍ଟନାୟକ କହିଛନ୍ତି। ଏହାକୁ ସଫଳ କରିବାକୁ ସମସ୍ତ ରୋଟାରୀ ସଦସ୍ୟ ସଦସ୍ୟାମାନଙ୍କ ଆନ୍ତରିକ ସହଯୋଗ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରୋଟରିଆନ ପଦ୍ମଚରଣ ସ୍ୱାଇଁ, ଶରତ କୁମାର ସୁବୁଦ୍ଧି, ବାଲାଜୀ ପାତ୍ର, ମୋନୋରଞ୍ଜନ ପଟ୍ଟନାୟକ, କେ.ରବି ନାରାୟଣ ସୁବୁଦ୍ଧି, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପବନ ଅଗ୍ରୱାଲ, ବିରଜା ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କ୍ଲବ୍ର ୪୫ତମ ଚାର୍ଟର ଡେ ବା ପ୍ରତିଷ୍ଠା ଦିବସ ଅବସରରେ କ୍ଲବ୍ର ପ୍ରତିଷ୍ଠାତା ସଦସ୍ୟ ରବି ନାରାୟଣ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ କେକ୍ କାଟି କ୍ଲବ୍ର ଉତରୋତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ସେ କ୍ଲବ୍ କିଭଳି ଆରମ୍ଭ ହୋଇଥିଲା ଓ ସେତେବେଳେ କ'ଣସବୁ କାର୍ଯ୍ୟ କରିଥିଲା ୪୫ବର୍ଷର ଇତିହାସ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ପାଣିଗ୍ରାହୀ, କେ. ଜ୍ଞାନ ଦୋରା କ୍ଲବ୍ର ନୀତିନିୟମ ଓ କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ।

# ନୂଆଁ ମାଳିଗୁଡ଼ା ମୌଳିକ ସୁବିଧାରୁ ବଂଚିତ

ଜୟପୁର, ୦୧/୦୭ (ନି.ପ୍ର): ଦୂର୍ଗମରେ ଦୁର୍ଦ୍ଦଶା ଭୋଗୁଛନ୍ତି ଜୟପୁର ବ୍ଲକ ନୂଆଁ ମାଳିଗୁଡ଼ା ଗ୍ରାମବାସୀ, ବିଶୁଦ୍ଧ ପାନୀୟ ଜଳ, ବିଜୁଳୀ ସାତସପନ। ଦୀର୍ଘ ବର୍ଷ ପରେ ମଧ ବିଶୁଦ୍ଧ ପାନୀୟ ଜଳ, ବିଜୁଳି ନିମନ୍ତେ ସଂଘର୍ଷ କରୁଛନ୍ତି ଜୟପୁର ବ୍ଲକ ଜାମୁଣ୍ଡା ପଂଚାୟତ ଅନ୍ତର୍ଗତ ନୂଆଁ ମାଳିଗୁଡ଼ା ଗ୍ରାମବାସୀ। ବାରମ୍ବାର ପ୍ରଶାସନିକ ଅଧିକାରୀମାନଙ୍କୁ ଗୁହାରି କଲେ ସୁଧା ଗ୍ରାମବାସୀଙ୍କୁ କେବଳ ମିଳିଛି ମିଛ ପ୍ରତିଶୃତି। ଦୀପତଳେ ଅନ୍ଧାର ପରି ଜାମୁଣ୍ଡା ପଂଚାୟତ ଠାରୁ ମାତ୍ର ୩ରୁ ୪କି.ମି. ଦୂରରେ ରହିଛି ଏହି ଗ୍ରାମଟି। ଗାଁକୁ ଯିବାକୁ ହେଲେ ଅଙ୍କା ବଙ୍କା ଗୋଡ଼ି ମାଟି ପଥୁରିଆ ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଗ୍ରାମରେ ପାନୀୟ ଜଳର ସୁବିଧା ଥାଇ ମଧ ନଥିବା ସହ ସମାନ। ତତ୍ସହିତ ଗ୍ରାମରେ ଆଜିଯାଏଁ ମିଳିନି ବିଜୁଳି। ଫଳରେ ଗ୍ରାମବାସୀ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତଥା ଛାତ୍ରଛାତ୍ରୀ ପାଠ ପଢ଼ାପଢ଼ିରେ ବ୍ୟାଘାତ ହେଉଛି। କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଜାମୁଣ୍ଡା ପଂଚାୟତ ନୂଆଁ ମାଳିଗୁଡ଼ା ଗ୍ରାମରେ ଏହି ଅବସ୍ଥା ରହିଛି। ଘଂଚ ଜଙ୍ଗଲ ମଧ୍ୟରେ ରହିଛି ଏହି ଗ୍ରାମଟି। ଗ୍ରାମରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ପରିବାର ତଥା ୧୦୦ରୁ ଉର୍ଦ୍ଧ୍ୱ ଲୋକ ରହୁଥିବା ଗ୍ରାମର ଗୋଟିଏ ମାତ୍ର ନଳକୂପ ଅଛି କିନ୍ତୁ ସେଥିରୁ ବାହାରୁଛି ଦୂଷିତ ଅୟରନ ପାଣି, ଗ୍ରାମରେ ବିଜୁଳି ନଥିବା ଯୋଗୁଁ ଗ୍ରାମବାସୀ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜୁଳି ସମସ୍ୟା ସକାଶେ କୋମଳମତି ଶିଶୁମାନଙ୍କର ଭବିଷ୍ୟତ ଅନ୍ଧକାର ଭିତରେ ଚାଲିଯାଉଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ନୂଆଁ ମାଳିଗୁଡ଼ା ଗାଁକୁ ଯିବାକୁ ହେଲେ ଜାମୁଣ୍ଡା ମୁଖ୍ୟରାସ୍ତା ଠାରୁ ତିନି କିଲୋମିଟ ରାସ୍ତାଦେଇ ଗଲେ ପଡ଼େ। ଛାତ୍ରୀମାନଙ୍କୁ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଯିବାକୁ ହେଲେ ୩ରୁ ୪ କିଲୋମିଟର ଜଙ୍ଗଲ ରାସ୍ତା ଦେଇ ଯିବାକୁ ପଡ଼େ। ବିଜୁଳି ନଥିବାରୁ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଆଗାମୀ ପଂଚାୟତ ନିର୍ବାଚନ ପାଇଁ ଆମ୍ ଆଦମୀ ପାର୍ଟି ପକ୍ଷରୁ ପ୍ରସ୍ତୁତି

ସମ୍ବଲପୁର, ୦୧/୦୭ (ନି.ପ୍ର): ଓଡ଼ିଶାରେ ହେବାକୁ ଥିବା ଆଗାମୀ ପଂଚାୟତ ନିର୍ବାଚନକୁ ନିଜ ସପକ୍ଷରେ ନେବା ପାଇଁ ଆଜି ଆମ୍ ଆଦମୀ ପାର୍ଟି ପକ୍ଷରୁ ରେଙ୍ଗାଲିଠାରେ ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୂଆଦିଲ୍ଲୀ ସ୍ଥିତ ପାର୍ଟି କାର୍ଯ୍ୟାଳୟ ପକ୍ଷରୁ ଆସିଥିବା ସୁନୀଲ କୁମାର ଲୋହିୟାର ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେବା ସହ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ।

# ବ୍ରହ୍ମପୁର ଅସ୍ଥିଶଲ୍ୟ ମଂଚର ବୌଦ୍ଧିକ ସମ୍ମିଳନୀ

ଗଞ୍ଜାମ, ୦୧/୦୭ (ନି.ପ୍ର): ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡସ୍ଥିତ ସ୍ୱେକ୍ଷ୍ରାମ ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ସଭାପତି ଡା. ଅବନୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭଗ୍ନ ଅସ୍ଥିର ଚିକିତ୍ସାର ବିଭିନ୍ନ ଦିଗ ଓ ଏହାର ବାଧକ ସମୂହର କାରଣ ଏବଂ ଶୀଘ୍ର ସମ୍ପୂର୍ଣ୍ଣ ଆରୋଗ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ସମ୍ପାଦକ ଡା. ସଙ୍କର୍ଷଣ ପାତ୍ର, ପ୍ରାଧାପକ ଡା. ସମ୍ବିତ କୁମାର ପଣ୍ଡା, ସହଯୋଗୀ ପ୍ରାଧାପକ ଡାକ୍ତର ସୌଭାଗ୍ୟ ହୋତା ଓ ଡା. ସୁଧୀର କୁମାର ମହାପାତ୍ର, ସହକାରୀ ଅଧାପକ ଡା. ଦିଲୀପ କୁମାର ପ୍ରଧାନ, ଡା. ସ୍ୱରୂପ ଦାସ, ଡା. ରଂଜିତ ପାତ୍ର, ଡା. ବୃନ୍ଦାବନ ବିଷୋୟୀ, ଡା. ଅଭିଷେକ ଦାସଙ୍କ ସମେତ ମଂଚର ବହୁ ସଦସ୍ୟ ଆଲୋଚନାଚକ୍ରରେ ଭାଗ ନେଇଥିଲେ । ଏହି ଅବସରରେ ଅସ୍ଥିଶଲ୍ୟ ବିଭାଗର ନୂତନ ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଫାର୍ମେଡ଼ ଫର୍ମାସ୍ୟୁଟିକାଲ ଏହି ଆଲୋଚନାଚକ୍ରର ପ୍ରଯୋଜନା କରିଥିଲେ ।

## ଧାରାବାହିକ:

ଭାଗ-୪୮

# ସଂକ୍ଷିପ୍ତ ଭାଗବତ କଥାମୃତ

### ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ସେହି ସ୍ୱର୍ଗ ଅପସରାଠାରୁ ସହସ୍ରଗୁଣ ଅଧିକ ରୁପସୀମାନଙ୍କର ରୂପ, ଗୁଣ, ଶରୀର ଉନ୍ମାଦକାରୀ ସୌରଭ ଆଘ୍ରାଣ କରି ଅନୁଚରଗଣ କାମାସକ୍ତ ହୋଇପଡିଲେ । ସେମାନେ ଭାବିଲେ ଇନ୍ଦ୍ର କେତେବଡ ନିର୍ବୋଧ, ସ୍ୱୟଂ ମାୟାପତିଙ୍କୁ ନାରୀ ରୁପର ପ୍ରଲୋଭନ ଦେଖାଉଥିଲା । ସେମାନେ ପୁଣି ମୁନିକୁମରଙ୍କୁ କ୍ଷମା ମାଗିବାରୁ ଭଗବାନ କହିଲେ ଦେବଗଣ ମୋର ପ୍ରିୟ ଏବଂ ଇନ୍ଦ୍ର ସେମାନଙ୍କର ଅଧିପତି । ତୁମେ ଏହି କନ୍ୟାମାନଙ୍କ ପଦସେବା କରି ଗୋଟିଏ ଅପୂର୍ବ କନ୍ୟା ପ୍ରାର୍ଥନା କର ଯିଏ କି ସ୍ୱର୍ଗର ଭୂଷଣ ଇନ୍ଦ୍ରାଦି ଦେବମାନଙ୍କରୁ ରୂପ ଗୁଣରେ ମୋହିତ କରିବ । ଅନୁଚରଗଣ ସେପରି କରିବାରୁ ଉର୍ବଶୀଙ୍କୁ ପ୍ରାପ୍ତ ହେଲେ । ବିଷ୍ଣୁ ଚରଣରେ ପ୍ରଣିପାତ କରି ସେହି ଅପସରାଙ୍କୁ ଇନ୍ଦ୍ରଙ୍କୁ ପ୍ରଦାନ କରି ସମସ୍ତ ଘଟଣା କହିଲେ । ଇନ୍ଦ୍ର ନିଜର କର୍ମ ନିମନ୍ତେ ଅନୁତପ୍ତ ହୋଇ କ୍ଷମାପ୍ରାର୍ଥୀ ହେଲେ । ଏହାପରେ ଭଗବାନ ବିଷ୍ଣୁ ପରମହଂସ, ଦତ୍ତାତ୍ରେୟ ଓ ଚତୁଃସନକ ରୂପରେ ଜ୍ଞାନମାର୍ଗ ପ୍ରଦର୍ଶନ କଲେ । ଋଷଭ ଅବତାରରେ ବ୍ୟାଜରୂପ ଧାରଣ କରି ମୁକ୍ତିତତ୍ତ୍ୱ ପ୍ରଦାନ କରିଥିଲେ । ଏହାପରେ ହୟଗ୍ରୀବ ରୂପରେ ବେଦ ଉଦ୍ଧାର ଓ ମଧୁକୈଟଭଙ୍କୁ ସଂହାର କରି ବ୍ରହ୍ମାଙ୍କୁ ସଙ୍କଟରୁ ଉଦ୍ଧାର କରିଥିଲେ । ମୀନ ରୂପରେ ଶଙ୍ଖାସୁର ବଧ କରି ନିଗମ ଉଦ୍ଧାର, ଶୂକର ରୂପରେ ପୃଥିବୀକୁ ଦନ୍ତାଗ୍ରେ ଧାରଣ କରିଥିଲେ । କ୍ଷୀର ସମୁଦ୍ର ମନ୍ଥନ କରି ଇନ୍ଦ୍ର ସହିତ ଅମୃତ ଆହରଣ, ଗଜରାଜ ବିପତ୍ତି କାଳରେ କୁମ୍ଭୀର ସଂହାର କରି ଗଜୋଦ୍ଧାରଣ, କାଶ୍ୟପ ଋଷିଙ୍କ ତପସ୍ୟା କାଳରେ ଷାଠିଏ ସହସ୍ର ମୁନି ବାଳକଙ୍କୁ ଗୋଷ୍ପଦ ସଲୀଳରୁ ଉଦ୍ଧାର କଲେ । ଇନ୍ଦ୍ରଙ୍କୁ ବୃତ୍ରାସୁର ବଧଜନିତ ବ୍ରହ୍ମହତ୍ୟା ପାପରୁ ଧର୍ମରୂପ ଧରି ମୁକ୍ତି, ପ୍ରହ୍ଲାଦ ଛଳରେ ନୃସିଂହ ରୂପ ଧରି ହିରଣ୍ୟକଶିପୁ ବିଦାରଣ, ବାମନ ରୂପରେ ବଳିକୁ ପାତାଳ ପ୍ରେରଣ, ପର୍ଶୁରାମ ରୂପଧରି ଏକବିଂଶବାର ଉଦ୍ଧତ କ୍ଷତ୍ରିୟ ନିବାରଣ, ଶ୍ରୀରାମ ରୂପରେ ରାବଣ ବଧ, ଅନନ୍ତ ଅବତାରରେ ଦାନବ ଦଳନ, ବୁଦ୍ଧ ଅବତାରରେ ଜ୍ଞାନାଲୋକ ବିତରଣ ଏବଂ କଳ୍କୀ ରୂପରେ ମ୍ଳେଛ ସଂହାର କରିବେ । ଯୁଗେ ଯୁଗେ ନାରାୟଣ ଏହିପରି ଅବତାର ନେଇ ଧରଣୀର ଭାରା ନିବାରଣ କରନ୍ତି ।

### ୫ ମ ଅଧ୍ୟାୟ, ଭକ୍ତିହୀନ ପୁରୁଷମାନଙ୍କ ଗତି ଓ ଭଗବାନଙ୍କ ପୂଜାବିଧି ବର୍ଣ୍ଣନା

ନିମିରାଜା ପୁନର୍ବାର କହିଲେ, ହେ ବ୍ରହ୍ମନ, ଏ ସଂସାରରେ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ କି ଚିରକାଳ ଅଜ୍ଞାନ ଅନ୍ଧକାରରେ ରହି କାମ, ଲୋଭ, ମୋହ ପରବେଶ ହୋଇ ପାପପୁଣ୍ୟକୁ ମାନନ୍ତି ନାହିଁ, କଟୁକଥା କହି ଲୋକଙ୍କ ମନରେ ଦୁଃଖ ଦିଅନ୍ତି ସେମାନେ ଅନ୍ତକାଳରେ ଅଧୋଗତି ପ୍ରାପ୍ତ ହୁଅନ୍ତି । ନବଋଷିଙ୍କ ମଧ୍ୟରୁ ତମସ କହିଲେ, ଈଶ୍ୱରଙ୍କ ମାୟାକୁ କେବଳ ଜ୍ଞାନ, ବୁଦ୍ଧି ଓ ବିବେକ ରୂପୀ ଅସ୍ତ୍ର ଦ୍ୱାରା ଛେଦନ କରାଯାଇପାରେ । ଏହା ହିଁ କର୍ମ । କର୍ମ ଭେଦରେ ତ୍ରିଗୁଣ ମଧ୍ୟରୁ ଚତୁଃବର୍ଣ୍ଣ ସୃଷ୍ଟି ହୋଇଛନ୍ତି । ସଂସାରର ସ୍ୱାମୀ ଏକ ଓ ଅଦ୍ୱିତୀୟ ବିଷ୍ଣୁ । ତାଙ୍କୁ ଯେ ଭୁଲିଯାଇ ଲୋଭରେ ଅନ୍ୟ ଇତର ଆରାଧନା କରେ ସେ ପତିତ ପାମର ଘୋର ଅନ୍ଧ ତାମିସ୍ର ମଧ୍ୟରେ ଆତଯାତ ହୁଏ । ମ୍ଳେଛ, ପତିତ ଓ ଦୁରାଚାର ହୋଇ ଘୋର ପାପଚରଣ କରେ । ଏହି ଅଧଃପତିତ ସ୍ତ୍ରୀ ଶୂଦ୍ରାଦି ସାଧୁମାନଙ୍କର ଦର୍ଶନ ଲାଭ କରି କଳୁଷ ପଙ୍କରୁ ଉଦ୍ଧାର ପାଆନ୍ତି । ସ୍ୱଭାବତଃ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନି ବର୍ଣ୍ଣ କୁଳଧର୍ମ ପାଳନ କରି ମୁକ୍ତିଲାଭ କରୁଥିବାରୁ ଧନ୍ୟ । ମାତ୍ର ଅହଂକାରୀ ହେଲେ ଅଧୋଗତି ପ୍ରାପ୍ତ ହୁଅନ୍ତି । ବ୍ରାହ୍ମଣ ବେଦର ଅଧିକାରୀ ହେତୁ କୁଳ, ସମ୍ପଦ ଓ ପଦମର୍ଯ୍ୟାଦା ଲାଭକରି ଅହଂକାରୀ ହେଲେ ବେଦ ତାହା ପକ୍ଷରେ ଜ୍ଞାନ ପରିବର୍ତ୍ତେ ଭାର ସ୍ୱରୂପ ହୋଇଥାଏ । ଯେଉଁମାନେ ଲୋକମାନଙ୍କୁ ଧର୍ମ ଅଧର୍ମର କଥା କହି ସତ ଅସତ ମାର୍ଗ ଦର୍ଶାଇ ସଭାରେ ଶ୍ରୋତାଙ୍କୁ ମୋହିତ କରାନ୍ତି ମାତ୍ର ନିଜ ଜୀବନରେ ଇତର ଆଚରଣ କରି ସୁଖ ଆଶାରେ ଅସତ କର୍ମ କରନ୍ତି ସେମାନେ ମୃତ୍ୟୁ ଅନ୍ତେ ନର୍କଗତି ପାଇଥାନ୍ତି । ଏମାନେ ଅଳ୍ପରେ କ୍ରୋଧ କରିବା ସହ ଅସାଧୁ ସଙ୍ଗ କରନ୍ତି ଏବଂ ବିଷ୍ଣୁ ମହିମା ପ୍ରତି ବ୍ୟଙ୍ଗ କରନ୍ତି । ସର୍ବଦା ହୃଦୟରେ କାମ ଲାଳସା ପୋଷଣ କରିବା ସହ ଧନ ସଂଚୟରେ ଲିପ୍ତ ରହନ୍ତି । ଧନର ବୃଦ୍ଧି ସେମାନଙ୍କୁ ଉଦ୍ଧତ ଓ ଅସହିଷ୍ଣୁ କରିପକାଏ । ସେମାନେ ଯଜ୍ଞ ନାମରେ ଜୀବହିଂସା ସହ ଅବିଧି ଦାନ-ଦକ୍ଷିଣାର ଅବତାରଣା ଆଦି ନାନା କୁକର୍ମ କରନ୍ତି । ଐଶ୍ୱର୍ଯ୍ୟ ମଦରେ ଅନ୍ଧ ହୋଇ ସାଧୁ-ଅସାଧୁ, ଧର୍ମ-ଅଧର୍ମ, ବିଷ୍ଣୁ-ବୈଷ୍ଣବ ବିଚାର ନ କରି ଅର୍ଜିତ ଧନ ବଳରେ ମାଂସ, ମଦିରା, ମୈଥୁନାଦିରେ ବୁଡି ରହି ନର୍କଗତିକୁ ନିମନ୍ତ୍ରଣ କରେ । ଭଗବାନ ତାକୁ ବ୍ୟାଧି ଓ ବିପଦ ମାଧ୍ୟମରେ ଚେତାବନୀ ଦେଲେ ବି ସେ ମୋହଗ୍ରସ୍ତ କାରଣରୁ ତାହା ଜାଣି ପାରେ ନାହିଁ । ମୃତ୍ୟୁପରେ ସେ ବଧ କରିଥିବା ପଶୁ ନର୍କ ପଥରେ ତାକୁ ଅପେକ୍ଷା କରି ତାର ମାଂସକୁ ପୁଳା ପୁଳା ଝୁଣି ଖାଇଥାନ୍ତି । କେବଳ ଅସ୍ଥି ବିନା ତା ଦେହରେ କିଛି ରହେ ନାହିଁ । ସେ ଯନ୍ତ୍ରଣାରେ ବ୍ୟାକୁଳ ହେଲେ ବି ପ୍ରାଣ ଛାଡେ ନାହିଁ ବରଂ ସେ ସଂଜ୍ଞା ହୀନ ହୋଇପଡେ । ସୁତରାଂ ସକଳ ଘଟେ ନରହରି, ବସଇ ଆତ୍ମା ରୂପ ଧରି ବିଶ୍ୱାସକୁ ହୃଦୟରେ ଦୃଢ କରି ସମସ୍ତଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବା ଉଚିତ । ଜୀବ ହତ୍ୟାକାରୀ ବିଷ୍ଣୁ ଦ୍ରୋହୀ କାରଣରୁ ତାର ସମସ୍ତ ସ୍ୱପ୍ନ ଦୈବୀମାୟାରେ ପଣ୍ଡ ହୁଏ । ସୁଖ ଆଶାରେ କରୁଥିବା କର୍ମମାନ ଶେଷରେ ଦୁଃଖ ଦେଇଯାଏ । ସେ ଯେତିକି ନିଷ୍ଠୁରତା ପ୍ରଦର୍ଶନ କରିଥାଏ ତାର ଶହେଗୁଣ ଯମଦୂତମାନେ ତାକୁ ଦେଇଥାନ୍ତି । ତେଣୁ ହେ ରାଜନ୍, ହରି ବିମୁଖ ପ୍ରାଣୀଙ୍କର ଏପରି ଅବସ୍ଥା ହୋଇଥାଏ । ରାଜା ପଚାରିଲେ, ହେ ବ୍ରହ୍ମନ, ଭଗବାନ କେଉଁ ଯୁଗରେ କେଉଁ ରୂପ ଓ ବର୍ଣ୍ଣ ଧାରଣ କରି ଜୀବ ଉଦ୍ଧାର କରନ୍ତି ତାହା ଦୟାକରି କୁହନ୍ତୁ । ମୁନିମାନଙ୍କ ମଧ୍ୟରୁ କରଭାଜନ କହିଲେ, ଭଗବାନ ସତ୍ୟ ଯୁଗରେ ଧର୍ମ ସ୍ୱରୂପ ଶୁକ୍ଳବର୍ଣ୍ଣ, ଶିରରେ ଜଟାଜୁଟ, ଦେହରେ ଉତ୍ତରୀୟ, କଣ୍ଠରେ ରୁଦ୍ରମାଳା, ବଳକଳ ପରିଧାନ, ତ୍ରିଦଣ୍ଡ କମଣ୍ଡଳୁଧାରୀ, ଆଜାନୁ ଲମ୍ବିତ ଚତୁର୍ଭୁଜ, ଶାନ୍ତ ସୌମ୍ୟମୂର୍ତ୍ତି ନାରାୟଣ ଆବିର୍ଭୂତ ହୋଇ ଦିବ୍ୟ ଜ୍ଞାନ ବିତରଣ କରନ୍ତି ଓ ଭକ୍ତଜନ ଅନୁରାଗ, ପୂଜାରାଧନା ଲାଭ କରି ସେମାନଙ୍କ ମୁକ୍ତିର କାରଣ ହୁଅନ୍ତି । ତ୍ରେତା ଯୁଗରେ ଭଗବାନ ଯଜ୍ଞମୂର୍ତ୍ତି ହୋଇ ଶୋଣିତ ବର୍ଣ୍ଣ ଚତୁର୍ଭୁଜ ରୂପ ଧାରଣ କରନ୍ତି । ଶିରରେ ସୁବର୍ଣ୍ଣ ବର୍ଣ୍ଣର କେଶ, କଟୀରେ ମେଖଳା ଓ ଉତ୍ତରୀୟ ଶୋଭାପାଏ । ତାଙ୍କ ହସ୍ତରେ ଶ୍ରୁବ ଓ ସ୍ରୁଚ ଧାରଣ କରିଥିବାରୁ ଦ୍ୱିଜମାନେ ସର୍ବ ବେଦ କଳେବର ରୂପରେ ପୂଜା କରିଥାନ୍ତି । ଦ୍ୱାପର ଯୁଗରେ ସେ ଶ୍ୟାମ ବର୍ଣ୍ଣ ଧାରଣ ସହ ପୀତ ଦୁକୁଳ ପରିଧାନ କରନ୍ତି । ବକ୍ଷରେ ଶ୍ରୀବତ୍ସ ଲାଞ୍ଛନ ଓ କୌସ୍ତୁଭ ମଣି ଶୋଭାପାଏ । ସମସ୍ତ ଶୁଭ ଲକ୍ଷଣରେ ଭୂଷିତ ହୋଇକୋଟି କନ୍ଦର୍ପ ଲାବଣ୍ୟ ଜିଣି ମୁନି ମନ ମୋହନ ରୂପ ମାଧୁରୀ ପ୍ରକାଶ କରନ୍ତି । ସର୍ବ ବିଭୂତି ସମ୍ପନ୍ନ ହୋଇ ରାଜରାଜେଶ୍ୱର ରୂପେ ପୂଜା ପାଆନ୍ତି । କଳି ଯୁଗରେ ଇନ୍ଦ୍ର ନୀଳମଣି କାନ୍ତିଯୁକ୍ତ ଶ୍ରୀକୃଷ୍ଣ ପ୍ରତିମା ରୂପେ ପୂଜା ପାଆନ୍ତି । ଅଙ୍ଗ ଶୁଦ୍ଧି ପୂର୍ବକ ଶ୍ରୀକୃଷ୍ଣଙ୍କର ସମସ୍ତ ରୂପଗୁଣ ତାଙ୍କରିଠାରେ ଧ୍ୟାନରେ ଆରୋପ କରାଯାଇ ପୂଜା କରାଯାଏ । ବିଧିବିଧାନରେ ପୂଜା କରାଯାଇ ସ୍ତୁତି ପାଠ କରାଯାଏ । ପ୍ରାଣୀଙ୍କର ଅଭୀଷ୍ଟ ପୁରଣକାରୀ କାମଧେନୁ ସ୍ୱରୂପ ହେ ମୁକୁନ୍ଦ, ତୁମ ପାଦ ତଳେ ମୁଁ ବନ୍ଦନା କରୁଛି । ହେ ଆର୍ତ୍ତିନିବାରଣ, ଶରଣରକ୍ଷଣ, ସର୍ବଶକ୍ତିମାନ ବିଶ୍ୱପାଳକ, ତୁମ ପବିତ୍ର ନାମ ଏ ଭବଜଳ ମଧ୍ୟରେ ନାବ ସଦୃଶ ଯାହାକୁ ଧରି ମର୍ତ୍ତ୍ୟରେ ପ୍ରାଣୀ ଉଦ୍ଧାର ପାଏ । ତୁମେ ପିତୃବଚନ ଶିରୋଧାର୍ଯ୍ୟ କରି ବନବାସୀ ହେଲ । ମାୟାମୃଗ ପଛରେ ଧାଇଁ ପୃଥିବୀରେ ଆଦର୍ଶ ବାସ୍ତବ ଧର୍ମ ପ୍ରତିଷ୍ଠା କଲ । ତୁମ ପାଦ ତଳେ ମୋର ଅନନ୍ତ କୋଟି ପ୍ରଣାମ । ଯିଏ ଯେଉଁଠି ଥିଲେ ମଧ୍ୟ କୃଷ୍ଣନାମ କୀର୍ତ୍ତନରେ କୋଟି ତୀର୍ଥର ଫଳ ପାଇଥାଏ । କୃଷ୍ଣ ନାମୋଚ୍ଚାରଣରେ ସମସ୍ତ ପାପ କଟିଯାଇ ମହାନନ୍ଦରେ ପ୍ରାଣ ଉଲ୍ଲସିତ ହୁଏ । ସେଇଥିପାଇଁ ତ ସତ୍ୟ ଯୁଗର ଲୋକମାନେ କଳିଯୁଗରେ ଜନ୍ମ ହୋଇ କୃଷ୍ଣ ନାମମୃତ ପାନ କରିବା ନିମିତ୍ତ ଜନ୍ମ ନେବାକୁ ଇଚ୍ଛା କରନ୍ତି । ଆମ୍ଭେମାନେ ମଧ୍ୟ କଳି ଯୁଗରେ ବ୍ରାହ୍ମଣାଦି ଚାରି ବର୍ଣ୍ଣରେ ଜନ୍ମ ନେଇ କୀର୍ତ୍ତନ ମାଧ୍ୟମରେ ପରିତ୍ରାଣ ଲାଭ କରିବୁ । ସାଧୁମାନଙ୍କ ସହ ଶ୍ରୀକୃଷ୍ଣ ଚରଣ ବନ୍ଦନା କରିବୁ । ରାଜା ଋଷିମାନଙ୍କଠାରୁ ଏହିପରି ଭାଗବତ ଧର୍ମ ଶ୍ରବଣ କରି କୃତାର୍ଥ ହୋଇ ମୁନିମାନଙ୍କର ସେବାକଲେ । ମହର୍ଷି ନାରଦ କହିଲେ ବସୁଦେବ, ତୁମେ ଏହି ଧର୍ମ ପାଳନ କରି ଅନ୍ତଃକାଳରେ ଶ୍ରୀହରିଙ୍କୁ ପ୍ରାପ୍ତ ହେବ । ତୁମ ଜୀବନ ଧନ୍ୟ, କାରଣ ତୁମେ ସ୍ୱୟଂ ଭଗବାନଙ୍କୁ ପୁତ୍ର ରୂପରେ ପାଇଛ । ତାଙ୍କୁ ସବୁ ସମୟରେ ଦର୍ଶନ କରିବାକୁ ପାଇବ । କଂସ, ଜରାସନ୍ଧ, ଶିଶୁପାଳ ଆଦି ଶତ୍ରୁଭାବ ପୋଷଣ କରି କୃଷ୍ଣ ଦେହରେ ଲୀନ ହେଲେ, ଅଥଚ ମୁନିଋଷି ଯୁଗଯୁଗ ଧରି ତପସ୍ୟା କରି ପରମଗତି ପାଇପାରୁ ନାହାନ୍ତି । ଭଗବାନଙ୍କ ମହିମା ଏପରି ଯାହା ବ୍ରହ୍ମା ଶିବଙ୍କୁ ମଧ୍ୟ ଅଗୋଚର । ସେହି ଭଗବାନ ମାୟାପୁରୁଷ ରୂପରେ ତୁମ ଘରେ ଜାତ ହୋଇଛନ୍ତି । ଅସୁର କୁଳ ନାଶକରି ଜଗତରେ ଯଶ ବିସ୍ତାର କରି ନିଜ ଧାମକୁ ଚାଲିଯିବେ । ଜନ୍ମରହିତ, ମନବଚନ ଅତୀତ ସେହି ଅନାଦି ପୁରୁଷଙ୍କୁ ତୁମ ପୁତ୍ର ଜ୍ଞାନ କରନାହିଁ । ଏହି କଥା ଶୁଣି ବସୁଦେବଙ୍କ ଅତ୍ୟନ୍ତ ଆନନ୍ଦରେ ପୁଲକିତ ହେବା ସହ ଚକ୍ଷୁ ମୁଦ୍ରିତ କରି ମାନସ ଚକ୍ଷୁରେ ଭଗବାନଙ୍କ ମନୋହର ରୂପମାଧୁରୀ ଦର୍ଶନ କରିବାକୁ ଲାଗିଲେ ।

### ୬ଷ୍ଠ ଅଧ୍ୟାୟ, ଭଗବାନଙ୍କ ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ଦେବସ୍ତୁତି ଓ ଉଦ୍ଧବ ବିଳାପ

ଶ୍ରୀ ଶୁକଦେବ କହିଲେ, ଏକଦା ବ୍ରହ୍ମା, ଶଙ୍କର, ପୁରନ୍ଦର, ଚନ୍ଦ୍ର, ଦିବାକର ଆଦି ଦେବତା ମଣ୍ଡଳୀ ଗନ୍ଧର୍ବ, କିନ୍ନର, ଅପସରା, ସିଦ୍ଧ ବିଦ୍ୟାଧର ଆଦି ଅନ୍ୟ ସମସ୍ତେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ନିମିତ୍ତ ନିଜ ନିଜ ଯାନ ଆରୋହଣ କରି ନିଶିଥରେ ଦ୍ୱାରକାପୁର ଯାତ୍ରା କଲେ । ଦ୍ୱାରକାର ଶୋଭା ଦର୍ଶନ କରି ସେମାନେ ଆନନ୍ଦିତ ହବୋ ସହ ନନ୍ଦନବନ ଜାତ ପାରିଜାତ ପୁଷ୍ପକୁ ଗଙ୍ଗା ଜଳରେ ପ୍ରୋକ୍ଷଣ କରି ଶ୍ରୀକୃଷ୍ଣଙ୍କ ମସ୍ତକରେ ବୃଷ୍ଟି କରି ସ୍ତୁତି କଲେ । ହେ ଗୋବିନ୍ଦ, ହେ ଅଚ୍ୟୁତ ତୁମକୁ ନମସ୍କାର । ତୁମେ ହିଁ ପ୍ରାଣୀର ପଞ୍ଚଭୂତ ଏବଂ ତୁମର ଅଭୟ ଚରଣରେ ଅଶେଷ ଜୀବ ଆଶ୍ରୟ ନିଅନ୍ତି । ସେହି ଯୋଗୀ ମୁନି ଧ୍ୟାୟୀ ପାଦପଦ୍ମକୁ ନିମିଷ ଧ୍ୟାନ କଲେ ସକଳ ବାସନା ଦୂରିଭୂତ ହୁଏ । ସେହି ପାଦପଦ୍ମ ଭବ ଜଳଧିରେ ନାବ ସଦୃଶ । ଆମ୍ଭେମାନେ ସେହି ପାଦପଦ୍ମରେ ଶରଣ ଗଲୁ । ତୁମେ ହି ସୃଷ୍ଟି ପାଳନ ଏବଂ ସଂହାର କର୍ତ୍ତା । ସର୍ବଦେହୀ ତୁମେ ପ୍ରାଣୀକୁ ଭୁଞ୍ଜାଇ ନିଜେ ଭୁଞ୍ଜିଥାଅ । ମାତ୍ର ପଦ୍ମ ପତ୍ରରେ ଜଳ ନ ଲାଗିବା ଭଳି ତୁମକୁ କୌଣସି ଦୋଷ ଲାଗେନାହିଁ । ତୁମେ ପରମାନନ୍ଦମୟ, ଶୁଭାଶୁଭର ଅତୀତ, ପୂର୍ଣ୍ଣ ପବିତ୍ର ସର୍ବବ୍ୟାପୀ ଓ ସମଦର୍ଶୀ । ନାନା ବ୍ରତ ଉପବାସ କରି ତୁମକୁ ମିଳିପାରେ ନାହିଁ ମାତ୍ର ଶୁଦ୍ଧ ଭକ୍ତିଭାବରେ ତୁମେ ଧରା ଦେଇଥାଅ ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ

(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ରଙ୍ଗ

# ବିଶ୍ୱାସେ ମିଳଇ ହରି



ଶ୍ୱେତା ରାଉତ୍

ଆମ ଓଡ଼ିଆରେ ଏକ ଜଣାଶୁଣା କଥା ଅଛି 'ବିଶ୍ୱାସେ ମିଳଇ ହରି' ଏହି ଛୋଟ ବାକ୍ୟଟିରେ ନିହିତ ରହିଛି ସନାତନ ଜୀବନଦର୍ଶନର ଏକ ଚିରନ୍ତନ ସତ୍ୟ। ଭଗବାନଙ୍କୁ ପାଇବା ପାଇଁ ଧନ, ବଳ, ବିଦ୍ୟା କିମ୍ବା ଆଡ଼ମ୍ବରର ଆବଶ୍ୟକତା ନାହିଁ। ଆବଶ୍ୟକ କେବଳ ନିଷ୍କପଟ ବିଶ୍ୱାସ ଓ ଅତୁଟ ଭକ୍ତି। ସେହି ବିଶ୍ୱାସ ହିଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସେତୁବନ୍ଧ ସୃଷ୍ଟି କରେ।ଆମ ଓଡ଼ିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ କେବଳ ଏକ ଦେବବିଗ୍ରହ ନୁହନ୍ତି, ସେ ଭାବର ଠାକୁର, ଭକ୍ତର ବନ୍ଧୁ ଓ ଦୀନଦୁଃଖୀଙ୍କ ପ୍ରାଣପ୍ରିୟ। ତାଙ୍କ ପାଖରେ ଜାତି, ବର୍ଣ୍ଣ, ଧନୀ-ଦରିଦ୍ରର କୌଣସି ପ୍ରଭେଦ ନାହିଁ। ସେ କେବଳ ଭକ୍ତର ଭାବକୁ ଦେଖନ୍ତି। ସେଥିପାଇଁ ତାଙ୍କୁ 'ଭାବର ଠାକୁର' ବୋଲି କୁହାଯାଏ।ପ୍ରଭୁ ଜଗନ୍ନାଥଙ୍କ ଲୀଳା ଅପାର। ଇତିହାସ ଓ ଲୋକକଥାରେ ଏମିତି ଅସଂଖ୍ୟ ଘଟଣା ରହିଛି, ଯେଉଁଠାରେ ସେ ନିଜ ଭକ୍ତଙ୍କର ବିଶ୍ୱାସକୁ ସମ୍ମାନ ଦେଇଛନ୍ତି। କେହି ଆଖିର ଲୁହରେ ତାଙ୍କୁ ଡାକିଛି, କେହି ନିରବ ପ୍ରାର୍ଥନାରେ ସ୍ମରଣ କରିଛି, ଆଉ କେହି କେବଳ ଅତୁଟ ବିଶ୍ୱାସରେ ତାଙ୍କ ନାମ ଜପ କରିଛି।

ଶ୍ରୀଜଗନ୍ନାଥଙ୍କ ଲୀଳା ଇତିହାସରେ ବିଶ୍ୱାସର ଅସଂଖ୍ୟ ଉଦାହରଣ ରହିଛି। ଭକ୍ତ ସାଲବେଗଙ୍କ କଥା କିଏ ବା ଭୁଲିପାରିବ ? ମୁସଲମାନ ପିତାଙ୍କ ସନ୍ତାନ ହୋଇଥିଲେ ମଧ୍ୟ ତାଙ୍କ ଭକ୍ତି ଥିଲା ନିର୍ମଳ। ରଥଯାତ୍ରାରେ ପ୍ରଭୁଙ୍କ ଦର୍ଶନ ପାଇଁ ସେ ଆସୁଥିବା ବେଳେ ରଥ ଅଟକି ରହିଲା। ସାଲବେଗ ପହଞ୍ଚି ପ୍ରଣାମ କରିବା ପରେ ହିଁ ରଥ ଆଗକୁ ଗଡ଼ିଲା। ଏହା ଥିଲା ବିଶ୍ୱାସର ବିଜୟ, ଭକ୍ତିର ମର୍ଯ୍ୟାଦା।

ସେହିପରି ଦାସିଆ ବାଉରୀଙ୍କ କଥା ଆଜି ମଧ୍ୟ ପ୍ରତ୍ୟେକ ଓଡ଼ିଆଙ୍କୁ ଭାବବିହ୍ୱଳ କରେ। ସମାଜରେ ଅବହେଳିତ ହୋଇଥିଲେ ମଧ୍ୟ ସେ ପ୍ରଭୁଙ୍କୁ ନିଜର ବୋଲି ମାନିଥିଲେ। ତାଙ୍କ ଶ୍ରୀଫଳକୁ ସ୍ୱୟଂ ପ୍ରଭୁ ଗ୍ରହଣ କରିଥିଲେ। କାରଣ ପ୍ରଭୁଙ୍କ ପାଇଁ ଜାତି ନୁହେଁ, ଭକ୍ତର ବିଶ୍ୱାସ ବଡ଼।ବନ୍ଧୁ ମହାନ୍ତିଙ୍କ ଜୀବନ ମଧ୍ୟ ଆମକୁ ସେହି ଶିକ୍ଷା ଦିଏ, ସବୁ ଆଶା ଭାଙ୍ଗିଯାଇଥିବା ବେଳେ ସେ ଶ୍ରୀକ୍ଷେତ୍ରକୁ ଆସିଥିଲେ, ସେ ବିଶ୍ୱାସ କରିଥିଲେ'ମୋ ଜଗନ୍ନାଥ ମୋତେ ନିରାଶ କରିବେ ନାହିଁ' ସେହି ବିଶ୍ୱାସର ପ୍ରତିଦାନରେ ପ୍ରଭୁ ତାଙ୍କ ପରିବାରର ଭୋକ ମେଣ୍ଟାଇଥିଲେ। ଏସବୁ କାହାଣୀ କେବଳ ଧାର୍ମିକ ଗଳ୍ପ ନୁହେଁ, ଏଗୁଡ଼ିକ ବିଶ୍ୱାସର ଜୀବନ୍ତ ଦଲିଲ। ଆଜିର ମଣିଷ ଚାହୁଁଛି ତୁରନ୍ତ ଫଳ। ଆଜି ପ୍ରାର୍ଥନା କଲେ କାଲି ଫଳ ମିଳିବା ଦରକାର। କିନ୍ତୁ ପ୍ରଭୁଙ୍କ କୃପା କେଉଁ ବଜାରର ବସ୍ତୁ ନୁହେଁ। ସେ ଭକ୍ତକୁ ପରୀକ୍ଷା କରନ୍ତି, ଧୈର୍ଯ୍ୟ ଶିଖାନ୍ତି ଏବଂ ସମୟ ଆସିଲେ ଆଶାଠାରୁ ଅଧିକ ଦିଅନ୍ତି। ଯିଏ ଏହି ସତ୍ୟକୁ ବୁଝେ, ସେ କେବେ ବିଶ୍ୱାସ ହରାଏ ନାହିଁ। ଆଜିର ସ୍ୱାର୍ଥପର ଓ ବ୍ୟସ୍ତ ଜୀବନରେ ମଣିଷ ଧୀରେ ଧୀରେ ବିଶ୍ୱାସ ହରାଇ ବସୁଛି। ନିଜ ଉପରେ ବିଶ୍ୱାସ, ପରିବାର ଉପରେ ବିଶ୍ୱାସ ଏବଂ ଈଶ୍ୱରଙ୍କ ଉପରେ ବିଶ୍ୱାସ, ଏହି ତିନୋଟି ଜୀବନର ପ୍ରକୃତ ସମ୍ପଦ। ଯେଉଁଠାରେ ବିଶ୍ୱାସ ଅଛି, ସେଠାରେ ଆଶା ଅଛି, ଯେଉଁଠାରେ ଆଶା ଅଛି, ସେଠାରେ ଜୀବନ ଅଛି।

ବିଶ୍ୱାସର ଅର୍ଥ କେବଳ ପ୍ରାର୍ଥନା କରିବା ନୁହେଁ, ବରଂ ପ୍ରଭୁଙ୍କ ଇଚ୍ଛାକୁ ଶ୍ରଦ୍ଧାର ସହିତ ଗ୍ରହଣ କରିବା। ଜୀବନରେ ସୁଖ ଆସିଲେ ତାଙ୍କୁ ଧନ୍ୟବାଦ ଦେବା ଓ ଦୁଃଖ ଆସିଲେ ଧୈର୍ଯ୍ୟର ସହିତ ତାଙ୍କ ଉପରେ ଭରସା ରଖିବା,ଏହାହିଁ ପ୍ରକୃତ ଭକ୍ତି। କାରଣ ପ୍ରଭୁ କେବେ ତାଙ୍କ ଭକ୍ତକୁ ପରିତ୍ୟାଗ କରନ୍ତି ନାହିଁ। ବେଳେବେଳେ ସେ ପରୀକ୍ଷା ନିଅନ୍ତି, କିନ୍ତୁ ଶେଷରେ ସେହି ବିଶ୍ୱାସର ମର୍ଯ୍ୟାଦା ନିଶ୍ଚୟ ରଖନ୍ତି। ବିଶ୍ୱାସ କେବେ ଅନ୍ଧ ହୋଇପାରେ ନାହିଁ। ବିଶ୍ୱାସ ମଣିଷକୁ ସତ୍ କର୍ମ କରିବାର ପ୍ରେରଣା ଦିଏ, ଅନ୍ୟର ଦୁଃଖରେ ସାଥି ହେବାକୁ ଶିଖାଏ ଓ ଅହଙ୍କାରକୁ ଦୂର କରେ। ଯେଉଁଠାରେ ବିଶ୍ୱାସ ଅଛି, ସେଠାରେ ଭୟ ନାହିଁ। ଯେଉଁଠାରେ ଭୟ ନାହିଁ, ସେଠାରେ ଜୀବନ ସୁନ୍ଦର ହୋଇଉଠେ। ସମ୍ପର୍କ ସୁନ୍ଦର ହୋଇଉଠେ। ଏ ଜୀବନକୁ, ସମ୍ପର୍କକୁ, ସମାଜକୁ ଚଳାଉଥିବା ଅନନ୍ତ କୋଟି ବ୍ରହ୍ମାଣ୍ଡର ମାଲିକ, ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ଆମ ଭିତରେ ସେ ବିଶ୍ୱାସକୁ ଦୃଢ଼ ରଖନ୍ତୁ, ଆମକୁ ତାଙ୍କ ଶରଣରେ ରଖନ୍ତୁ, ଏତିକି କାମନା କରିବା। ଜୟ ଶ୍ରୀଜଗନ୍ନାଥ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,

ଲକ୍ଷ୍ମୀସାଗର, ଭୁବନେଶ୍ୱର

ମୋ: ୯୪୩୯୭୨୬୦୬୦



# କାର୍ଯ୍ୟକ୍ଷେତ୍ରରେ ଅଧିକ ସମୟ ଗୋଟେ ସ୍ଥାନରେ ବସି ରହୁଛନ୍ତି କି ? ହୋଇଯାଆନ୍ତୁ ସାବଧାନ...

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ସମସ୍ତେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହୁଛନ୍ତି । ଯେଉଁଥିପାଇଁ ଅନେକ ଲୋକଙ୍କୁ ଗୋଟିଏ ଜାଗାରେ ପ୍ରାୟତଃ ୯ ରୁ ୧୦ ଘଣ୍ଟା ଚେୟାରରେ ବସିକି କାମ କରିବାକୁ ପଡୁଛି। ଏହି ଅଭ୍ୟାସ ଧୀରେ ଧୀରେ ଆମ ଶରୀର ଉପରେ କୁପ୍ରଭାବ ପକାଇଥାଏ । ଏହା ଆମ ହୃଦୟ , ଚୟାପଚୟ ପ୍ରକ୍ରିୟା, ମାଂସପେଶୀ , ରକ୍ତ ସଂଚାଳନ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ । **British Journal of Sports Medicine** ରେ ପ୍ରକାଶ ପାଇଥିବା ଏକ ନୂତନ ଗବେଷଣା ଅନୁସାରେ, ଏହି ସମସ୍ୟାକୁ ଦୂର କରିବା ପାଇଁ ଏକ ସହଜ ଉପାୟ ମିଳିଛି । ଦିନ ସାରା କାମ ମଝିରେ ଛୋଟଛୋଟ ବ୍ରେକ ନେବା ଏହି କ୍ଷତିକୁ ବହୁ ପରିମାଣରେ ଦୂର କରିପାରେ । ବିଶେଷଜ୍ଞଙ୍କ ମତରେ କାର୍ଯ୍ୟ କରିବା ମଧ୍ୟରେ ପ୍ରତି ଘଣ୍ଟାରେ ଠାରେ ବ୍ରେକ ନେବା ସ୍ୱାସ୍ଥ୍ୟ ପାଇଁ ସବୁଠୁ ଅଧିକ ଲାଭଦାୟକ ଅଟେ ।

*ବିଶେଷଜ୍ଞଙ୍କ ମତରେ ଏହାର ସମାଧାନ :*

*ପ୍ରତି ଘଣ୍ଟାରେ ୫ ମିନିଟ ଚାଲନ୍ତୁ :*

କୌଣସି ଏକ କାର୍ଯ୍ୟ କଲା ପୂର୍ବରୁ ଏକ ନିଜ ଫୋନରେ ପ୍ରତି ୬୦ ମିନିଟକୁ ଥରେ ୫ ମିନିଟର ଟାଇମର ସେଟ କରନ୍ତୁ । ଏହାକୁ ଇଟାଲିଅନ ଭାଷାରେ ପୋମଡୋରୋ ଟେକନିକ ବି କୁହାଯାଏ । ଏହି ଟେକନିକ ହିସାବରେ ଏକ ବ୍ୟକ୍ତି କାର୍ଯ୍ୟ କଲା ବେଳେ ପ୍ରତି ଘଣ୍ଟାକୁ ୫ ମିନିଟ୍ ଲେଖାଁ ବ୍ରେକ ନେଇ ଟିକେ ଚଲାବୁଲା କରିବା ଦରକାର । ଯାହା ଫଳରେ ଶରୀରରେ ରକ୍ତ ସଂଚାଳନ ଭଲ ହୋଇଥାଏ ।



*ଜିମ୍ କରିବା ସମୟକୁ ଏଡ଼ାଇବା :*

ଆପଣ ସକାଳେ କିମ୍ବା ସନ୍ଧ୍ୟାରେ ନିଶ୍ଚୟ ଜିମ ଯାଉଥିବେ । ହେଲେ ସେତିକି ବ୍ୟାୟାମ କରିଦେଲେ ଯେ ଏହି ସମସ୍ୟା ଦୂର ହେଇଯିବ ତାହା ଭାବିବା ଭୁଲ । ତେଣୁ କାର୍ଯ୍ୟ କଲା ମଝିରେ ମଧ୍ୟ ନିଜ ଶରୀରକୁ ସକ୍ରିୟ ରଖନ୍ତୁ । କାର୍ଯ୍ୟ ସମୟରେ ମଝିରେ ମଝିରେ ଜଳଖିଆ ଖାଇବା ପାଇଁ ସିଟରୁ ଉଠିକି ଚଲାବୁଲା କରନ୍ତୁ । ସେଥିରେ ଆପଣଙ୍କ ଶରୀରର ମଧ୍ୟ ଲାଭ ହୋଇଥାଏ ।

*ଦୈନନ୍ଦିନ ଅଭ୍ୟାସରେ ଛୋଟ ପରିବର୍ତ୍ତନ ଆଣନ୍ତୁ :*

ଆପଣ ଯେତେବେଳେ ଫୋନରେ କାହା ସହ କଥା ହେଉଛନ୍ତି ସେତେବେଳେ ଗୋଟେ ଜାଗାରେ ବସିକି କଥା ନ ହୋଇ ଚାଲି ଚାଲି କଥା ହୁଅନ୍ତୁ । ପ୍ରଚୁର ପରିମାଣରେ ପାଣି ପିଇବା ସହ ପାଣି ବୋତଲ ଭରିବାକୁ ନିଜେ ଯାଆନ୍ତୁ । ଅଫିସରେ ସହକର୍ମୀଙ୍କୁ କୌଣସି କଥା ଇମେଲ ଯୋଗେ ନ କହି ବ୍ୟକ୍ତିଗତ ଭାବେ ଭେଟିକି କଥା ଜଣାନ୍ତୁ । ଲିଫ୍ଟରେ ନ ଯାଇକି ଯଦି ସୁବିଧା ହେଉଛି ତ ସିଡ଼ି ଯୋଗେ ଯିବାକୁ ଅଭ୍ୟାସ କରନ୍ତୁ ।

*ଯାତାୟାତ ବେଳେ ଧ୍ୟାନ ରଖନ୍ତୁ :*

ଯଦି ଆପଣ କୌଣସି ବସ କିମ୍ବା ଟ୍ରେନରେ ଯାଉଛନ୍ତି ତ, ଅଧିକ ସମୟ ଗୋଟେ ସିଟରେ ବସିକି ରହିବା ଅପେକ୍ଷା ମଝିରେ ମଝିରେ ଛିଡା ହୁଅନ୍ତୁ ଯାହା ଦ୍ୱାରା ମାଂସପେଶୀ ସକ୍ରିୟ ରହିବ । ଯଦି ଆପଣ ନିଜେ ଡ୍ରାଇଭ କରୁଛନ୍ତି ତ ବେଳେବେଳେ ଗାଡି ଗୋଟେ ଜାଗାରେ ରଖିଦେଇ କିଛି ସମୟ ଚାଲନ୍ତୁ।

*ନିଜ ମାଂସପେଶୀକୁ ମଜବୁତ କରନ୍ତୁ :*

ଅଧିକ ସମୟ ଗୋଟେ ଜାଗାରେ ବସି ରହିବା ଅଭ୍ୟାସ ଆପଣଙ୍କ ପିଠା , ତଳ ଅଣ୍ଟା ଏବଂ ଶରୀରର ମଧ୍ୟଭାଗକୁ ଦୁର୍ବଳ କରି ଦେଇପାରେ । ତେଣୁ ସପ୍ତାହକୁ ଦୁଇରୁ ତିନିଥର ନିଜ ଶାରୀରିକ ଶକ୍ତି ବୃଦ୍ଧି କରିବା ଓ ଅଂଗଭଂଗୀ ସୁଧାରିବା ପାଇଁ ପ୍ରଶିକ୍ଷଣ ନିଅନ୍ତୁ ।

*କେବଳ ବ୍ୟାୟାମ ନୁହଁ ଏହାକୁ ନିଜ ନିତିଦିନିଆ ଅଭ୍ୟାସରେ ସାମିଲ କରନ୍ତୁ :*

କାର୍ଯ୍ୟ ମଝିରେ ଚଲାବୁଲା କରିବା କେବଳ ବ୍ୟାୟାମ ରୂପେ ନ ଦେଖିକି ଏହାକୁ ନିଜ ନୀତିଦିନର ଅଭ୍ୟାସରେ ସାମିଲ କରନ୍ତୁ । ଏପରି ଭାବେ ଆପଣଙ୍କ ଶରୀର ସୁସ୍ଥ ଓ ସକ୍ରିୟ ରହିବ ।

# ନମ୍ବର ବଦଳରେ ନାମ: ହ୍ୱାଟ୍ସଆପ୍‌ର ଏହି ପରିବର୍ତ୍ତନ ପାଇଁ ଭାରତ ପ୍ରସ୍ତୁତ କି ?

ବର୍ତ୍ତମାନର ଡିଜିଟାଲ୍ ଯୁଗରେ ସୋସିଆଲ୍ ମିଡିଆ ଏବଂ ଇନଷ୍ଟାଣ୍ଟ ମେସେଜିଂ ଆପ୍ ଗୁଡ଼ିକ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି । ଏହି କ୍ରମରେ ବିଶ୍ୱର ସର୍ବାଧିକ ବ୍ୟବହୃତ ମେସେଜିଂ ଆପ୍ ହ୍ୱାଟ୍ସଆପ୍ ନିକଟରେ ଏକ ନୂତନ 'ୟୁଜରନେମ୍' ଫିଚର୍ ଆଣିବାକୁ ଘୋଷଣା କରିଥିଲା । ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀମାନେ ନିଜର ଫୋନ୍ ନମ୍ବର ଗୋପନ ରଖି କେବଳ ଏକ ସ୍ୱତନ୍ତ୍ର ନାମ ବା ୟୁଜରନେମ୍ ଜରିଆରେ ଅନ୍ୟମାନଙ୍କ ସହିତ ଯୋଗାଯୋଗ କରିପାରିବେ । ତେବେ ଏହି ନୂତନ ବ୍ୟବସ୍ଥାକୁ ନେଇ ଭାରତ ସରକାର ଏବଂ ମେଟା କମ୍ପାନୀ ମଧ୍ୟରେ ଏକ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ମେଇଟି) ପକ୍ଷରୁ ମେଟାକୁ ଏକ ନୋଟିସ୍ ଜାରି କରାଯାଇ ଭାରତରେ ଏହି ଫିଚର୍ ର ପ୍ରଚଳନକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ଆଶଙ୍କା ହେଉଛି ଯେ ଏହି ଫିଚର୍ ଦ୍ୱାରା ପରିଚୟ ଚୋରି, ଫିସିଂ ଏବଂ 'ଡିଜିଟାଲ୍ ଆରେଷ୍ଟ' ଭଳି ସାଇବର ଠକେଇ ବହୁଗୁଣିତ ହେବ। ଅନ୍ୟପକ୍ଷରେ, ହ୍ୱାଟ୍ସଆପ୍‌ର ଯୁକ୍ତି ହେଉଛି ଯେ ଏହା ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ଅଧିକ ସୁରକ୍ଷିତ କରିବ ଏବଂ ଅପରିଚିତ ଲୋକଙ୍କୁ ଫୋନ୍ ନମ୍ବର ଦେବାର ଆବଶ୍ୟକତା ରହିବ ନାହିଁ । ଏହି ପରିପ୍ରେକ୍ଷୀରେ, ଗୋପନୀୟତା ଏବଂ ସୁରକ୍ଷା ମଧ୍ୟରେ ଥିବା ଏହି ଦ୍ୱନ୍ଦ୍ୱକୁ ଏକ ନିରପେକ୍ଷ ଏବଂ ସନ୍ତୁଳିତ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବା ନିତାନ୍ତ ଆବଶ୍ୟକ ଅଟେ।

ହ୍ୱାଟ୍ସଆପ୍‌ର ଏହି ନୂତନ ପଦକ୍ଷେପକୁ କେବଳ ନକାରାତ୍ମକ ଦୃଷ୍ଟିରେ ଦେଖିବା ଠିକ୍ ହେବ ନାହିଁ, କାରଣ ଏହା ପଛରେ ଥିବା ଗୋପନୀୟତାର ଉଦ୍ଦେଶ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଅଟେ । ବର୍ତ୍ତମାନ ସମୟରେ ହ୍ୱାଟ୍ସଆପ୍‌ରେ କାହା ସହିତ କଥାବାର୍ତ୍ତା କରିବାକୁ ହେଲେ କିମ୍ବା କୌଣସି ପବ୍ଲିକ୍ ଗ୍ରୁପ୍ ରେ ସାମିଲ ହେବାକୁ ହେଲେ ନିଜର ମୋବାଇଲ୍ ନମ୍ବର ଅନ୍ୟମାନଙ୍କୁ ଦେଖାଯାଇଥାଏ । ଏହାଦ୍ୱାରା ଅନେକ ସମୟରେ ବ୍ୟବହାରକାରୀ, ବିଶେଷକରି ମହିଳାମାନେ, ଅପରିଚିତ ବ୍ୟକ୍ତିଙ୍କଠାରୁ ଅବାଞ୍ଛିତ ମେସେଜ୍, ସ୍କାମ୍ ଏବଂ ହଇରାଣ ହରକତର ଶିକାର ହୋଇଥାଆନ୍ତି । ପ୍ରତିଦିନ ଆମକୁ ବିଭିନ୍ନ ସେବା ପ୍ରଦାନକାରୀ, ଡେଲିଭରୀ ଏଜେଣ୍ଟ କିମ୍ବା ନୂତନ ପରିଚିତ ବ୍ୟକ୍ତିଙ୍କୁ ନିଜର ଫୋନ୍ ନମ୍ବର ଦେବାକୁ ପଡୁଛି, ଯାହାକି ପରବର୍ତ୍ତୀ ସମୟରେ ଡାଟା ବ୍ରୋକର୍ ମାନଙ୍କ ଦ୍ୱାରା ବିକ୍ରି ହୋଇ ଟେଲିମାର୍କେଟିଂ କମ୍ପାନୀଙ୍କ ହାତରେ ପହଞ୍ଚୁଛି । ୟୁଜରନେମ୍ ଫିଚର୍ ଆସିଲେ ଲୋକମାନେ ନିଜର ଫୋନ୍ ନମ୍ବର ସମ୍ପୂର୍ଣ୍ଣ ରୂପେ ଲୁଚାଇ ପାରିବେ ଏବଂ କେବଳ ଏକ ୟୁନିକ୍ ଆଇଡି ମାଧ୍ୟମରେ ସୁରକ୍ଷିତ ଭାବରେ ଯୋଗାଯୋଗ କରିପାରିବେ । ଟେଲିଗ୍ରାମ୍ ଏବଂ ସିଗ୍ନାଲ୍ ଭଳି ଅନ୍ୟାନ୍ୟ ଲୋକପ୍ରିୟ ମେସେଜିଂ ଆପ୍ ଗୁଡ଼ିକରେ ପୂର୍ବରୁ ହିଁ ଏହିଭଳି ସୁବିଧା ଉପଲବ୍ଧ ରହିଛି ଏବଂ ଏହାକୁ ବ୍ୟକ୍ତିଗତ ଗୋପନୀୟତା ରକ୍ଷା କରିବାର ଏକ ମାନକ ବ୍ୟବସ୍ଥା ଭାବରେ ଗ୍ରହଣ କରାଯାଇଛି। ମେଟା କମ୍ପାନୀର କହିବା ଅନୁଯାୟୀ, ବ୍ୟବହାରକାରୀଙ୍କ ଡାଟା ଉପରେ ସେମାନଙ୍କୁ ଅଧିକ ନିୟନ୍ତ୍ରଣ ଦେବା ଏହି ଫିଚର୍‌ର ମୁଖ୍ୟ ଲକ୍ଷ୍ୟ ଅଟେ। ଏହା ସହିତ, ଠକେଇ ରୋକିବା ପାଇଁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ସରକାରୀ ସଂସ୍ଥାଗୁଡ଼ିକର ନାମକୁ ପୂର୍ବରୁ ସଂରକ୍ଷିତ ରଖିବା ଭଳି ବୈଷୟିକ ପଦକ୍ଷେପ ନିଆଯାଉଛି ବୋଲି କମ୍ପାନୀ ଦାବି କରିଛି । ତେଣୁ ଡିଜିଟାଲ୍ ସ୍ୱାଧୀନତା ଦୃଷ୍ଟିରୁ ଏହି ଫିଚର୍ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅନେକ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ମତ ପୋଷଣ କରନ୍ତି ।

ତଥାପି, ଭାରତ ଭଳି ଏକ ବିଶାଳ ଏବଂ ଜଟିଳ ଜନସାଂଖ୍ୟିକ ବିଶିଷ୍ଟ ଦେଶରେ ସରକାରଙ୍କ ଆଶଙ୍କାକୁ ମଧ୍ୟ ହାଲୁକା ଭାବରେ ନିଆଯାଇପାରିବ ନାହିଁ। ଦେଶରେ ସାଇବର ଅପରାଧର ପରିସଂଖ୍ୟାନ ଅତ୍ୟନ୍ତ ଚିନ୍ତାଜନକ ସ୍ତରରେ ପହଞ୍ଚିଛି । ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟରର ତଥ୍ୟ ଅନୁଯାୟୀ, କେବଳ ୨୦୨୪ ମସିହାରେ ଭାରତୀୟମାନେ 'ଡିଜିଟାଲ୍ ଆରେଷ୍ଟ' ଭଳି ଠକେଇର ଶିକାର ହୋଇ ପ୍ରାୟ ୧,୯୩୫ କୋଟି ଟଙ୍କା ହରାଇଛନ୍ତି । ଏହି ପ୍ରକାର ଠକେଇରେ ଅପରାଧୀମାନେ ସିବିଆଇ, ଇଡି, ରିଜର୍ଭ ବ୍ୟାଙ୍କ କିମ୍ବା ପୋଲିସ ଅଧିକାରୀଙ୍କ ପରିଚୟ ଦେଇ ଲୋକଙ୍କୁ ଭିଡିଓ କଲ୍ ମାଧ୍ୟମରେ ଧମକାଇଥାଆନ୍ତି ଏବଂ ମାନସିକ ସ୍ତରରେ ନିର୍ଯ୍ୟାତନା ଦେଇ ଲକ୍ଷ ଲକ୍ଷ ଟଙ୍କା ଲୁଟି ନିଅନ୍ତି । ବର୍ତ୍ତମାନ ସାଧାରଣ ଲୋକମାନେ କୌଣସି ସନ୍ଦେହଜନକ କଲ୍ କିମ୍ବା ମେସେଜ୍ ଆସିଲେ ଫୋନ୍ ନମ୍ବରର ଦେଶ କୋଡ୍ ଦେଖି ସତର୍କ ହୋଇଯାଆନ୍ତି । ଉଦାହରଣ ସ୍ୱରୂପ, ଯଦି କଲ୍‌ଟି କମ୍ବୋଡିଆ କିମ୍ବା ମାଲେସିଆରୁ ଆସିଥାଏ, ତେବେ ତାହା ଏକ ସ୍କାମ୍ ବୋଲି ସହଜରେ ଜାଣିହୁଏ । କିନ୍ତୁ ଯଦି ହ୍ୱାଟ୍ସଆପ୍‌ରେ ଫୋନ୍ ନମ୍ବର ବଦଳରେ କେବଳ ୟୁଜରନେମ୍ ଦେଖାଯିବ, ତେବେ ଠକମାନେ ଅତି ସହଜରେ କୌଣସି ସରକାରୀ ବିଭାଗର ନାମ ବ୍ୟବହାର କରି ନକଲି ଆକାଉଣ୍ଟ ତିଆରି କରି ନିରୀହ ଲୋକଙ୍କୁ ବିଭ୍ରାନ୍ତ କରିପାରିବେ । ଏହାଦ୍ୱାରା ସାଧାରଣ ଲୋକମାନେ ପ୍ରକୃତ ଅଧିକାରୀ ଏବଂ ଠକ ମଧ୍ୟରେ ପାର୍ଥକ୍ୟ ଜାଣିବାରେ ସମ୍ପୂର୍ଣ୍ଣ ଅସମର୍ଥ ହେବେ। ଫୋନ୍ ନମ୍ବର ଲୁଚିଯିବା ଫଳରେ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ପାଇଁ ଅପରାଧୀଙ୍କୁ ଟ୍ରାକ୍ କରିବା ଏବଂ ତଦନ୍ତ ପ୍ରକ୍ରିୟାକୁ ଆଗେଇ ନେବା ଏକପ୍ରକାର ଅସମ୍ଭବ ହୋଇପଡ଼ିବ। ତେଣୁ, ଏକ ସୁରକ୍ଷିତ ବାତାବରଣ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ଏହି ଫିଚର୍‌କୁ ସ୍ଥଗିତ ରଖିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଏକ ସତର୍କତାମୂଳକ ପଦକ୍ଷେପ ଭାବରେ ବିବେଚନା କରାଯାଇପାରେ, ଯାହାକି ଦେଶର ନାଗରିକମାନଙ୍କ ଆର୍ଥିକ ନିରାପତ୍ତା ପାଇଁ ଉଦ୍ଦିଷ୍ଟ ଅଟେ ।

ଏହି ସମସ୍ୟାର ସମାଧାନ କେବଳ କୌଣସି ଫିଚର୍‌କୁ ସମ୍ପୂର୍ଣ୍ଣ ରୂପେ ବାତିଲ୍ କରିଦେବାରେ ନାହିଁ କିମ୍ବା ଆଖିବୁଜା ଭାବରେ ତାହାକୁ ଲାଗୁ କରିଦେବାରେ ମଧ୍ୟ ନାହିଁ। ଗୋପନୀୟତା ଏବଂ ନିରାପତ୍ତା ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଅଟନ୍ତି। ଭାରତରେ ହ୍ୱାଟ୍ସଆପ୍ ର ୫୦ କୋଟିରୁ ଅଧିକ ସକ୍ରିୟ ବ୍ୟବହାରକାରୀ ଅଛନ୍ତି, ଯାହା ଅନ୍ୟ କୌଣସି ଦେଶ ତୁଳନାରେ ସର୍ବାଧିକ ଅଟେ । ଏତେ ବଡ଼ ଜନସଂଖ୍ୟା ପାଇଁ ହ୍ୱାଟ୍ସଆପ୍ କେବଳ ଏକ ଚାଟିଂ ଆପ୍ ହୋଇ ରହିନାହିଁ, ବରଂ ଏହା ବ୍ୟବସାୟ, ବ୍ୟାଙ୍କିଙ୍ଗ୍ ଏବଂ ସରକାରୀ ସେବା ପ୍ରଦାନର ଏକ ପ୍ରମୁଖ ମାଧ୍ୟମ ପାଲଟିଛି । ତେଣୁ ଟେଲିଗ୍ରାମ୍ କିମ୍ବା ସିଗ୍ନାଲ୍ ଭଳି ଆପ୍‌ର ମଡେଲ୍‌କୁ ସିଧାସଳଖ ହ୍ୱାଟ୍ସଆପ୍‌ରେ ଲାଗୁ କଲେ ଏହାର ନକାରାତ୍ମକ ପ୍ରଭାବ ବହୁଗୁଣିତ ହେବାର ଆଶଙ୍କା ରହିଛି । ଏହି କ୍ଷେତ୍ରରେ ମେଟାକୁ ନିଜର ଦାୟିତ୍ୱବୋଧ ପ୍ରମାଣିତ କରିବାକୁ ପଡ଼ିବ । କେବଳ ନାମ ସଂରକ୍ଷିତ ରଖିବା ଯଥେଷ୍ଟ ନୁହେଁ, ବରଂ ସରକାରୀ ସଂସ୍ଥା ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ଏକ କଠୋର ଭେରିଫିକେସନ୍ ବା କେୱାଇସି ପ୍ରକ୍ରିୟା ଲାଗୁ କରିବା ଆବଶ୍ୟକ ଅଟେ । ଯଦି କୌଣସି ସାଧାରଣ ୟୁଜରନେମ୍‌ରୁ ଆର୍ଥିକ କାରବାର କିମ୍ବା ଆଇନଗତ ଧମକ ଭଳି ସନ୍ଦେହଜନକ ମେସେଜ୍ ଆସେ, ତେବେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ତାହାକୁ ତୁରନ୍ତ ଚିହ୍ନଟ କରିବାର ବ୍ୟବସ୍ଥା ରହିବା ଦରକାର ।

ପରିଶେଷରେ ଏହା କୁହାଯାଇପାରେ ଯେ, ଡିଜିଟାଲ୍ ସ୍ପେସ୍‌ରେ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଜାତୀୟ ସୁରକ୍ଷା ମଧ୍ୟରେ ଏକ ସୁସ୍ଥ ସନ୍ତୁଳନ ରକ୍ଷା କରିବା ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ ଅଟେ । ସରକାରଙ୍କ ନୋଟିସ୍‌କୁ ଏକ ଏକଚାଟିଆ ବା କଠୋର ନିଷ୍ପତ୍ତି ଭାବରେ ନଦେଖି, ଏହାକୁ ଟେକ୍ କମ୍ପାନୀଗୁଡ଼ିକୁ ଭାରତର ସାମାଜିକ ବାସ୍ତବତା ପ୍ରତି ଉତ୍ତରଦାୟୀ କରିବାର ଏକ ଯୁକ୍ତିଯୁକ୍ତ ପ୍ରୟାସ ଭାବରେ ଗ୍ରହଣ କରାଯିବା ଉଚିତ୍ । ଅନ୍ୟପକ୍ଷରେ, ସରକାର ମଧ୍ୟ କେବଳ ନୂତନ ପ୍ରଯୁକ୍ତିବିଦ୍ୟାକୁ ଅଟକାଇବା ପରିବର୍ତ୍ତେ ଦେଶରେ ବ୍ୟାପକ ସ୍ତରରେ ଡିଜିଟାଲ୍ ସାକ୍ଷରତା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ଅଟେ । ନାଗରିକମାନେ ନିଜେ ସଚେତନ ହେଲେ ଏବଂ ସାଇବର ସୁରକ୍ଷା ନିୟମଗୁଡ଼ିକ ବିଷୟରେ ଅବଗତ ରହିଲେ ହିଁ କୌଣସି ବି ଫିଚର୍‌ର ଦୁରୁପଯୋଗକୁ ରୋକାଯାଇପାରିବ । ଆଶା କରାଯାଏ ଯେ ସରକାର ଏବଂ ମେଟା ମଧ୍ୟରେ ଚାଲିଥିବା ଏହି ଆଲୋଚନା ଏକ ସକାରାତ୍ମକ ଫଳାଫଳ ଆଣିବ, ଯାହାଦ୍ୱାରା ବ୍ୟବହାରକାରୀଙ୍କ ଗୋପନୀୟତା ରକ୍ଷା ହେବା ସହିତ ଦେଶବାସୀ ସାଇବର ଠକେଇରୁ ମଧ୍ୟ ସୁରକ୍ଷିତ ରହିପାରିବେ। ଏକ ନିରାପଦ ଡିଜିଟାଲ୍ ଭାରତ ଗଠନ ପାଇଁ ଉଭୟ ସରକାର ଏବଂ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକର ମିଳିତ ସହଯୋଗ ଅପରିହାର୍ଯ୍ୟ ଅଟେ ।

ଧ୍ୱନି ପ୍ରତିଧ୍ୱନି



# ଏଆଇ ଡିସମର୍ଫିଆ: ଦର୍ପଣରେ ନୂଆ ଭୂତ

ଭୃଗୁରାଜ ଆଚାର୍ଯ୍ୟ

ଏମିତି ଏକ ସମୟ ଥିଲା, ଯେତେବେଳେ ଲୋକେ ଚଳଚ୍ଚିତ୍ର ତାରକାମାନଙ୍କର ଫଟୋ ଧରି ସେଲୁନ୍ ବା ବିଉଟି ପାର୍ଲରକୁ ଯାଉଥିଲେ। ପତ୍ରପତ୍ରିକା ଓ ସିନେମା ପରଦାରେ ଚମକୁଥିବା ସେହି ସେଲିବ୍ରିଟିମାନଙ୍କ ଭଳି ଦେଖାଯିବା ସେମାନଙ୍କର ଇଚ୍ଛା ଥିଲା। କିନ୍ତୁ ଆଜି ସେହି ସ୍ୱପ୍ନ ବଦଳିଯାଇଛି। ଲୋକେ ଆଉ ଅନ୍ୟ କାହା ଭଳି ହେବାକୁ ଚାହୁଁନାହାନ୍ତି; ବରଂ ସେମାନେ ନିଜର ହିଁ ଏକ ଡିଜିଟାଲ୍ ରୂପାନ୍ତରିତ ସଂସ୍କରଣରେ ପରିଣତ ହେବାକୁ ଚାହୁଁଛନ୍ତି। ଏହି ସୂକ୍ଷ୍ମ ପରିବର୍ତ୍ତନ ଆମ ସମୟର ସବୁଠାରୁ ବଡ଼ ମାନସିକ ରୂପାନ୍ତର ମଧ୍ୟରୁ ଅନ୍ୟତମ।

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଅତି ଚୁପ୍‌ଚାପ୍ ଭାବରେ ଆମ ଦର୍ପଣ ଭିତରକୁ ପ୍ରବେଶ କରିସାରିଛି।

ଏଆଇ ଫିଲ୍ଟର, ଚେହେରା ଚମକାଉଥିବା ଆପ୍ଲିକେସନ୍, ପ୍ରସାଧନ ସିମୁଲେସନ୍ ଏବଂ ଆଲଗୋରିଦମ-ଚାଳିତ ସୌନ୍ଦର୍ଯ୍ୟର ମାନଦଣ୍ଡ ମାଧ୍ୟମରେ ଏକ ନୂତନ ମାନସିକ ବ୍ୟାଧି ମୁଣ୍ଡ ଟେକୁଛି—ଯାହା ହେଉଛି 'ଏଆଇ ଡିସମର୍ଫିଆ' (**AI dysmorphia**)। ଜଣେ ବ୍ୟକ୍ତି ଏବେ ନିଜକୁ ଆଉ ଜଣେ ମଣିଷ ସହ ତୁଳନା କରୁନାହିଁ, ବରଂ ସେ ନିଜକୁ ନିଜର ହିଁ ଏକ କୃତ୍ରିମ ରୂପ ସହିତ ତୁଳନା କରୁଛି। ଦ୍ୱନ୍ଦ୍ୱ ଏବେ 'ମୁଁ' ଏବଂ 'ଅନ୍ୟମାନଙ୍କ' ମଧ୍ୟରେ ନାହିଁ; ଏହା 'ମୁଁ' ଏବଂ ଏକ ଅସମ୍ଭବ 'ଡିଜିଟାଲ୍ ସ୍ୱରୂପ' ମଧ୍ୟରେ ଚାଲିଛି।

ଏହା ବୋଧହୁଏ ପୂର୍ବର ସେଲିବ୍ରିଟି ଅନୁକରଣ ଯୁଗ ଅପେକ୍ଷା ଅଧିକ ବିପଜ୍ଜନକ। ଏବେ ବାହ୍ୟ ରୂପ ରଣକ୍ଷେତ୍ର ପାଲଟିଛି, ଯେଉଁଠି ଆନ୍ତରିକ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରାଯାଇଛି। ବାହ୍ୟ ରୂପର ଆବଶ୍ୟକତା ଏବଂ ଆନ୍ତରିକ ବ୍ୟକ୍ତିତ୍ୱର ଆବଶ୍ୟକତା କେବେ ସମାନ ନୁହେଁ। ପ୍ରସାଧନ ଓ ସାଜସଜ୍ଜା ଆପଣଙ୍କ ତ୍ୱଚା, ଗାଲ, ହନୁହାଡ଼ କିମ୍ବା ଆଖିକୁ ବଦଳାଇ ଦେଇପାରେ, କିନ୍ତୁ ଏହା ଜ୍ଞାନ, କରୁଣା, ସାହସ କିମ୍ବା ଚରିତ୍ରକୁ ବଦଳାଇ ପାରିବ ନାହିଁ। ଏହା ଶରୀରକୁ ପରିବର୍ତ୍ତନ କରେ, କିନ୍ତୁ ଚିନ୍ତାଧାରାକୁ ନୁହେଁ। ଏହା ଆପଣଙ୍କ ବାହ୍ୟ ରୂପକୁ ସଜାଡ଼ିପାରେ, କିନ୍ତୁ ମନୋଭାବକୁ ନୁହେଁ। ବାସ୍ତବରେ, ଯେତେବେଳେ ଏହା ଏକ ନିଶାରେ ପରିଣତ ହୁଏ, ଏହା ମଣିଷର ଆତ୍ମସମ୍ମାନକୁ କେବଳ ବାହ୍ୟ ଚେହେରା ଉପରେ ନିର୍ଭରଶୀଳ କରି ମନକୁ ଦୁର୍ବଳ କରିଦିଏ।

ଆଧୁନିକ ପ୍ରଯୁକ୍ତିବିଦ୍ୟା ଭ୍ରମର ଏକ ଅସରନ୍ତି ଶବ୍ଦକୋଷ ମଧ୍ୟ ସୃଷ୍ଟି କରିଛି: ଯେପରିକି ଏଆଇ ଡିସମର୍ଫିଆ, ସ୍ନାପଚାଟ୍ ଡିସମର୍ଫିଆ, ଆଲଗୋରିଦମିକ୍ ବିଉଟି, ଡିଜିଟାଲ୍ ଆଇଡେଣ୍ଟିଟି, କ୍ୟୁରେଟେଡ୍ ପର୍ସୋନା, ବିଉଟି ଫିଲ୍ଟର୍ସ, ଭର୍ଚୁଆଲ୍ ଆଭାତାର, ସିନ୍ଥେଟିକ୍ ଏନହାନ୍ସମେଣ୍ଟ, ଏଆଇ-ଜେନେରେଟେଡ୍ ପରଫେକ୍ସନ ଏବଂ ଏସ୍ଥେଟିକ୍ ଅପ୍ଟିମାଇଜେସନ। ଏହି ଶବ୍ଦଗୁଡ଼ିକ କେବଳ ପ୍ରଯୁକ୍ତିବିଦ୍ୟାର ଉଦ୍ଭାବନକୁ ଦର୍ଶାଉ ନାହାନ୍ତି, ବରଂ ମାନସିକ ବିପ୍ଳବକୁ ବୁଝାଉଛନ୍ତି। ମଣିଷ ଧୀରେ ଧୀରେ ପ୍ରକୃତି ଦେଇଥିବା ନିଜର ଅସଲ ଚେହେରା ପ୍ରତି ଅସନ୍ତୁଷ୍ଟ ହେବାରେ ଲାଗିଛି।

ମନୋବିଜ୍ଞାନ ଏହି ପ୍ରକ୍ରିୟାକୁ କେତେକ ଦିଗ ମାଧ୍ୟମରେ ବ୍ୟାଖ୍ୟା କରେ। ସାମାଜିକ ତୁଳନା ଆମକୁ କାଳ୍ପନିକ ବା ଆଦର୍ଶ ଚିତ୍ର ସହିତ ନିଜକୁ ମାପିବାକୁ ପ୍ରେରିତ କରେ। 'ବଡି ଡିସମର୍ଫିକ' ପ୍ରବୃତ୍ତି ଛୋଟ ଛୋଟ ତ୍ରୁଟିକୁ ଅସହ୍ୟ ଦୋଷ ଭାବେ ବଡ଼ କରି ଦେଖାଏ। ଅହଂକାରୀ ବା ଆତ୍ମମୁଗ୍ଧ (**Narcissistic**) ବ୍ୟକ୍ତିତ୍ୱ ପ୍ରାୟତଃ ବାହ୍ୟ ଆତ୍ମପ୍ରସାଦ ତଳେ ନିଜର ଦୁର୍ବଳ ଆତ୍ମସମ୍ମାନକୁ ଲୁଚାଇ ରଖିଥାଏ। ହୀନମନ୍ୟତା ଅତି ଚୁପ୍‌ଚାପ୍ ଭାବରେ ନିଖୁଣତା ବା 'ପରଫେକ୍ସନିଜିମ୍'ର ରୂପ ନେଇଥାଏ। ଏହାର ପରିଣାମ ହେଉଛି ଏକ ଅଶାନ୍ତ ମନ, ଯାହା କେବେ ବି ସନ୍ତୁଷ୍ଟ ହୋଇପାରେ ନାହିଁ।

ଏଠାରେ ଏକ ବିରୋଧାଭାସ ବା ଭ୍ରମାତ୍ମକ ସ୍ଥିତି ଦେଖାଦିଏ।

ମଣିଷ ମଧ୍ୟରେ ସ୍ୱାଭାବିକ ଭାବେ କିଛି ମାତ୍ରାରେ ଆତ୍ମପ୍ରେମ ଥାଏ। ଆମେ କେଶ କୁଣ୍ଡାଉ, ସୁନ୍ଦର ପୋଷାକ ପିନ୍ଧୁ ଏବଂ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଉ, କାରଣ ଆତ୍ମସମ୍ମାନ ହେଉଛି ଏକ ସୁସ୍ଥ ମାନସିକତାର ଲକ୍ଷଣ। କିନ୍ତୁ ଯେତେବେଳେ ଆତ୍ମପ୍ରେମ, ଆତ୍ମମୁଗ୍ଧତା କିମ୍ବା ପାଗଳାମିରେ ପରିଣତ ହୁଏ, ସେତେବେଳେ ସୌନ୍ଦର୍ଯ୍ୟ ତାର ସ୍ୱାଭାବିକତା ହରାଇବସେ। ଦର୍ପଣ ଆଉ ବାସ୍ତବତାକୁ ପ୍ରତିଫଳିତ କରେନାହିଁ, ବରଂ ଚେହେରାର ପରିଚୟ ସ୍ଥିର କରିବାକୁ ଲାଗେ।

ବୟସ ବଢ଼ିବା ପ୍ରକ୍ରିୟା ଏହି ବିରୋଧାଭାସକୁ ସବୁଠାରୁ ସ୍ପଷ୍ଟ ଭାବରେ ଦର୍ଶାଏ। ଚେହେରାର ପାଚିଲା କେଶ ଓ ବାର୍ଦ୍ଧକ୍ୟର ଚିହ୍ନ କୌଣସି ରୋଗ ନୁହେଁ; ଏହା ହେଉଛି ଆମ ଜୀବନର ଅନୁଭୂତିର ସ୍ୱାକ୍ଷର। ଶରୀର ପରିପକ୍ୱ ହେବା ସହିତ ବୁଦ୍ଧି, ବିଚାର ଏବଂ ଜ୍ଞାନର ମଧ୍ୟ ପରିପକ୍ୱତା ଆଶା କରାଯାଏ। ବୟସର ପ୍ରତ୍ୟେକ ଚିହ୍ନ ବିରୁଦ୍ଧରେ ଯୁଦ୍ଧ କରିବା ମାନେ, ଏକ ପ୍ରକାରେ ଆମକୁ ପରିପକ୍ୱ କରୁଥିବା ସେହି ଜୀବନ ଯାତ୍ରାକୁ ହିଁ ପ୍ରତ୍ୟାଖ୍ୟାନ କରିବା। ଚିର ଯୌବନର ଅନ୍ଧ ଅନ୍ୱେଷଣ ଅଜାଣତରେ ପ୍ରୌଢ଼ତ୍ୱ ବା ବୟସ୍କ ହେବାର ବାସ୍ତବତାରୁ ଖସିଯିବାର ଏକ ପ୍ରୟାସ ପାଲଟିଯାଏ।

ଏହି ନିଶା ଆଉ ଏକ ଭୁଲ୍ ଧାରଣାକୁ ମଧ୍ୟ ସାମ୍ନାକୁ ଆଣେ। 'ନିଖୁଣତା' ବା ପରଫେକ୍ସନକୁ ଜୀବନର ସର୍ବୋତ୍ତମ ସ୍ଥିତି ବୋଲି ଭାବି ନିଆଯାଏ। କିନ୍ତୁ ସେହି ସର୍ବୋତ୍ତମ ସ୍ଥିତି କେବେ ବି ସ୍ଥାୟୀ ନୁହେଁ। ପ୍ରତ୍ୟେକ ପ୍ରଯୁକ୍ତିବିଦ୍ୟାର ପ୍ରଗତି ଏକ ନୂଆ ମାନଦଣ୍ଡ ସୃଷ୍ଟି କରେ। ପ୍ରତ୍ୟେକ ପ୍ରସାଧନ ଚିକିତ୍ସା (**Cosmetic procedure**) ଆଉ ଏକ ଅସନ୍ତୋଷ ଜନ୍ମ ଦିଏ। ପ୍ରତ୍ୟେକ ଫିଲ୍ଟର୍ ଆଉ ଏକ ନୂଆ ତ୍ରୁଟି ଦେଖାଇଦିଏ। ଗନ୍ତବ୍ୟ ସ୍ଥଳ ଯାତ୍ରୀଠାରୁ କ୍ରମାଗତ ଭାବେ ଦୂରେଇ ଚାଲିଥାଏ। ତେଣୁ ନିଖୁଣ ଚେହେରାର ଅନ୍ୱେଷଣ ପ୍ରଗତି ନୁହେଁ, ବରଂ ଏକ ପ୍ରକାର ମାନସିକ ବନ୍ଦୀତ୍ୱ ପାଲଟିଯାଏ।

ଦୁଃଖର ବିଷୟ ହେଉଛି, ମାନବ ସମାଜ ଶରୀରକୁ ସୁନ୍ଦର କରିବା ପାଇଁ ଅପାର ଶକ୍ତି ବିନିଯୋଗ କରୁଛି, କିନ୍ତୁ ମନର ବିକାଶକୁ ଅବହେଳା କରୁଛି। କରୁଣା, ଜ୍ଞାନ, କଳ୍ପନାଶକ୍ତି, ସାଧୁତା ଏବଂ ଜ୍ଞାନ ଉପରେ ଏବେ ସେତିକି ଧ୍ୟାନ ଦିଆଯାଉ ନାହିଁ, ଯେତିକି ତ୍ୱଚାର ମସୃଣତା, ଚେହେରାର ଗଠନ କିମ୍ବା ଡିଜିଟାଲ୍ ଦୁନିଆର ଲାଇକ୍-କମେଣ୍ଟ ଉପରେ ଦିଆଯାଉଛି । କସମେଟିକ୍ ବିଜ୍ଞାନ କ୍ଷେତ୍ରରେ ସଭ୍ୟତା ଆଗକୁ ବଢୁଛି, କିନ୍ତୁ ନୈତିକ ବିକାଶ ପଛରେ ପଡ଼ିଯାଉଛି।

ସୌନ୍ଦର୍ଯ୍ୟ ନିଜେ କୌଣସି ଶତ୍ରୁ ନୁହେଁ। ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ଶାଳୀନତା ଏବଂ ମର୍ଯ୍ୟାଦା ମାନବ ଜୀବନକୁ ସମୃଦ୍ଧ କରେ। ପୁନର୍ଗଠନ ସର୍ଜରୀ (**Reconstructive surgery**), ଆଘାତ ସୁଧାରିବା ଏବଂ ପ୍ରକୃତ ବିକୃତିକୁ ଦୂର କରିବାରେ କସମେଟିକ୍ ମେଡିସିନ୍‌ର ଏକ ମହତ ଭୂମିକା ରହିଛି। ବିପଦ ସେତେବେଳେ ଆରମ୍ଭ ହୁଏ ଯେତେବେଳେ ଏହି ରୂପ ବର୍ଦ୍ଧନ ଏକ ନିଶା ପାଲଟିଯାଏ, ଯେତେବେଳେ ପରିଚୟ ଆଲଗୋରିଦମ୍ ଉପରେ ନିର୍ଭର କରେ ଏବଂ ଚେହେରା ଚରିତ୍ରର ସ୍ଥାନ ନେଇଯାଏ। ତେଣୁ ଏହାର ପ୍ରତିକାର ପ୍ରଯୁକ୍ତିବିଦ୍ୟାକୁ ବର୍ଜନ କରିବା ନୁହେଁ, ବରଂ ସନ୍ତୁଳନ ରକ୍ଷା କରିବା। କୃତ୍ରିମ ବୁଦ୍ଧିମତ୍ତା (AI) କେବଳ ଏକ ସେବକ ହୋଇ ରହିବା ଉଚିତ, ଏହା ଆମ ଆତ୍ମସମ୍ମାନର ନିର୍ମାତା ହେବା ଅନୁଚିତ। କସମେଟିକ୍ ବିଜ୍ଞାନ ସ୍ୱାସ୍ଥ୍ୟକୁ ସାହାଯ୍ୟ କରିବା ଉଚିତ, ମନରେ ହୀନମନ୍ୟତା ସୃଷ୍ଟି କରିବା ଉଚିତ ନୁହେଁ। ଶିକ୍ଷା ବ୍ୟବସ୍ଥା ଯୁବପିଢ଼ିଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରାର ବିକାଶ କରିବା ଆବଶ୍ୟକ, ଯେପରି ସେମାନେ ଡିଜିଟାଲ୍ ଭ୍ରମ ଏବଂ ଜୈବିକ ବାସ୍ତବତା ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିପାରିବେ।

ମାନବର ବିବର୍ତ୍ତନ ସର୍ବଦା ପ୍ରକୃତି, ସଂସ୍କୃତି ଏବଂ ଜ୍ଞାନ ମାଧ୍ୟମରେ ଧୀରେ ଧୀରେ ମାନବିକତାର ଉନ୍ନତି ଆଣିଛି। ଆମେ ନିଶ୍ଚିତ ଭାବରେ ଜଣେ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ। କିନ୍ତୁ 'ଭଲ' ହେବାର ଅର୍ଥ ପ୍ରଥମେ ବିବେକ, ଜ୍ଞାନ, ସୃଜନଶୀଳତା, ସହାନୁଭୂତି ଏବଂ ସାଧୁତାକୁ ବୁଝାଇବା ଉଚିତ—କେବଳ ମସୃଣ ତ୍ୱଚା କିମ୍ବା ଆକର୍ଷଣୀୟ ଚେହେରାକୁ ନୁହେଁ।

ଦର୍ପଣ କେବଳ ସାକ୍ଷୀ ହୋଇ ରହିବା ଉଚିତ, ବିଚାରପତି ନୁହେଁ। କୃତ୍ରିମ ବୁଦ୍ଧିମତ୍ତା ଆମର ଦକ୍ଷତାକୁ ଆଲୋକିତ କରିବା ଉଚିତ, ଆମର ଅସୁରକ୍ଷା ଭାବନାକୁ ବଢ଼ାଇବା ଉଚିତ ନୁହେଁ। ମାନବଜାତିର ଭବିଷ୍ୟତ ଏହା ଦ୍ୱାରା ସ୍ଥିର ହେବ ନାହିଁ ଯେ ଆମେ ଆମର ଚେହେରାକୁ କେତେ ନିଖୁଣ ଭାବରେ ସଜାଉଛୁ, ବରଂ ଏହା ଦ୍ୱାରା ସ୍ଥିର ହେବ ଯେ ଆମେ ଆମର ମନକୁ କେତେ ଗଭୀର ଭାବରେ ସମୃଦ୍ଧ କରୁଛୁ।

ସବୁଠାରୁ ବଡ଼ ରୂପାନ୍ତର କେବେ ବି ବାହ୍ୟ ପ୍ରସାଧନ ନୁହେଁ।

ଏହା ହେଉଛି ନୈତିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ।

+କେଶଦୁରାପାଳ, କେଉଁଝର
ମୋ: ୭୦୦୮୧ ୪୪୩୭୪



# ପୂର୍ବ ଭାରତରେ ବ୍ୟାଙ୍କ ବ୍ୟବସ୍ଥା

ଯୁଧିଷ୍ଠିର ମହାରଣା

ଆମ ନିତିଦିନିଆ ଜୀବନରେ ବ୍ୟାଙ୍କର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ତ୍ୱପୂର୍ଣ୍ଣ। ଭାରତରେ ବିଭିନ୍ନ ବ୍ୟାଙ୍କ ସବୁ ରହିଛି କିଛି ବ୍ୟବସାୟିକ ବ୍ୟାଙ୍କ ମଧ୍ୟ ରହିଛି। ତେବେ ଆମେ ଆଲୋଚନା କରୁଥିବା ପୂର୍ବ ଭାରତର ବ୍ୟାଙ୍କ ବ୍ୟବସ୍ଥା ବୋଇଲେ, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଆସାମ ରାଜ୍ୟକୁ ମିଶାଇଲେ ପୂର୍ବ ଭାରତକୁ ବୁଝାଏ । କିନ୍ତୁ ଯେ କେହି ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଆମ ଦେଶ ସ୍ୱାଧୀନତା ପାଇବାର ପୂର୍ବରୁ ଭାରତର ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତରେ ବ୍ୟାଙ୍କ ବ୍ୟବସ୍ଥା ଅତ୍ୟନ୍ତ ସ୍ୱଚ୍ଛଳ ଥିଲା।


ଏହାର ବଡ଼ କାରଣଟି ହେଉଛି ଇଂରେଜ ସରକାର ସର୍ବପ୍ରଥମେ ଭାରତ ଆସିବା ପରେ ସେମାନଙ୍କର କଲିକତାରେ ରହିବା ଆରମ୍ଭ କରିଥିଲେ ଓ ଏହାକୁ ରାଜଧାନୀ ଭାବେ ବାଛିଥିଲେ। ରାଜଧାନୀ ଗଢ଼ି ଉଠିବାରୁ ସ୍ୱାଭାବିକ ଭାବେ ବିଭିନ୍ନ ସରକାରୀ ଭିତ୍ତିଭୂମି, ବ୍ୟବସାୟ, ବାଣିଜ୍ୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ଭିତ୍ତି ପଡ଼ିଲା। ବିଭିନ୍ନ ଶିଳ୍ପ ଓ କଳକାରଖାନା ଅନୁଷ୍ଠାନ ଗଢ଼ି ଉଠିଲା। ତେବେ ଏଇଠି ହିଁ ଚତୁର ଇଂରେଜମାନେ ଦୂରଦୃଷ୍ଟି ଚିନ୍ତା ରଖି ଯୋଜନା କଲେ ଯେ ସେମାନଙ୍କ ଦେଶରେ ରହିଥିବା ପରି ଭାରତରେ ବ୍ୟାଙ୍କ ଗଢ଼ିଲେ। ଲୋକମାନେ ସୁରକ୍ଷିତ ନିମିତ୍ତ ଟଙ୍କା ରଖିବେ ଓ ଏହାକୁ ଋଣ ଆକାରରେ ମଧ୍ୟ ପରବର୍ତ୍ତୀ ସମୟରେ ଶିଳ୍ପ ବାଣିଜ୍ୟ ପାଇଁ କାର୍ଯ୍ୟରେ ଲାଗିପାରିବ।


ଏହିପରି ଭାବରେ ସର୍ବପ୍ରଥମେ ଭାରତର ପ୍ରଥମ ବାଣିଜ୍ୟିକ ବ୍ୟାଙ୍କ ହେଲା ବ୍ୟାଙ୍କ ଅଫ ହିନ୍ଦୁସ୍ଥାନ, ଯାହାକୁ ୧୭୭୦ ମସିହାରେ କଲିକତାରେ ସ୍ଥାପନ କରିଥିଲା ଆଲେକଜାଣ୍ଡର ଆଣ୍ଡ କୋ। ୧୭୭୩ରେ ସ୍ଥାପିତ ହେଲା ଜେନେରାଲ ବ୍ୟାଙ୍କ ଅଫ ବେଙ୍ଗଲ ଆଣ୍ଡ ବିହାର। ଏହି ବ୍ୟାଙ୍କ ସ୍ଥାପନରେ ସହଯୋଗ କରିଥିଲେ ୱାରେନ ହେଷ୍ଟିଙ୍ଗସ। ହେଷ୍ଟିଙ୍ଗସ ହେଉଛି ବେଙ୍ଗଲର ପ୍ରଥମ ଗଭର୍ଣ୍ଣର ଜେନେରାଲ। ଏହି ନୂଆ ବ୍ୟାଙ୍କମାନେ ପ୍ରଥମେ କାଗଜ ମୁଦ୍ରା ଆରମ୍ଭ କଲେ। ୧୭୮୪ରେ ବେଙ୍ଗଲ ବ୍ୟାଙ୍କ ପ୍ରତିଷ୍ଠା ହେଲା ଯେ କି ଚେକ, ପ୍ରୋମିଜେରୀ ନୋଟ ପ୍ରଚଳନ କଲା। ୧୮୦୬ରେ ବ୍ୟାଙ୍କ ଅଫ ବେଙ୍ଗଲ ସ୍ଥାପନ ହେଲା। ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନରେ ଏହା ହେଲା ଦେଶର ପ୍ରଥମ ପ୍ରେସିଡେନ୍ସି ବ୍ୟାଙ୍କ। ୧୯୨୧ରେ ଏହି ବ୍ୟାଙ୍କ ଅନ୍ୟ ଦୁଇଟି ପ୍ରେସିଡେନ୍ସି ବ୍ୟାଙ୍କ ବମ୍ବେ ଓ ମାଡ୍ରାସ ସହ ମିଶ୍ରଣ ହୋଇ ପ୍ରତିଷ୍ଠା ହେଲା ଇମ୍ପିରିଆଲ ବ୍ୟାଙ୍କ ଅଫ ଇଣ୍ଡିଆ, ଯାହାକି ୧୯୫୫ରେ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ନାମରେ ନାମିତ ହେଲା। ସେ ସମୟରେ ଇଂରେଜ ମାନଙ୍କ ଦ୍ୱାରା ବ୍ୟାଙ୍କ ସ୍ଥାପନ ହେବା ପରେ ଭାରତୀୟଙ୍କ ଭିତରେ ନଜ ଦେଶରେ ସ୍ୱଦେଶୀ ବ୍ୟାଙ୍କ ଗଢ଼ିବା ପାଇଁ ଆତ୍ମ ପ୍ରତ୍ୟୟ ସୃଷ୍ଟି ହେଲା। ସେ ସମୟରେ ବେଙ୍ଗଲର ସ୍ୱାଭିମାନୀ ଶିଳ୍ପପତି ଦ୍ୱାରକାନାଥ ଟାଗୋର ୧୮୨୯ ମସିହାରେ ୟୁନିୟନ ବ୍ୟାଙ୍କ ଅଫ କାଲକାଟା ସ୍ଥାପନ କଲେ। ଏଠାରେ କହି ରଖୁକି ଯେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ହେଉଛନ୍ତି ଦ୍ୱାରକାନାଥଙ୍କ ଜେଜେବାପା। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ୧୯୩୫ ମସିହାରେ କଲିକତାରେ ହିଁ ପ୍ରଥମ କେନ୍ଦ୍ରୀୟ ବ୍ୟାଙ୍କ ଭାବେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ସ୍ଥାପନ ହୋଇଥିଲା। ସେ ସମୟକୁ ଦେଖିଲେ ଓଡ଼ିଶା ଏକ ଚାଷବାସ ସମୃଦ୍ଧ ରାଜ୍ୟଟି କିନ୍ତୁ ସେପରି ଆଖି ଦୃଶିଆ କିଛି ଶିଳ୍ପାନୁଷ୍ଠାନ ନଥିବାରୁ ବାଣିଜ୍ୟିକ ବ୍ୟାଙ୍କମାନେ କୃଷି ଓ କ୍ଷୁଦ୍ର ଶିଳ୍ପ ପାଇଁ ଋଣ ଦେବା ପାଇଁ ରାଜି ହେଲା ନାହିଁ। ସେମାନେ ପ୍ରାଥମିକ ଭାବେ ବଡ଼ ବଡ଼ ଶିଳ୍ପ କ୍ଷେତ୍ରରୁ ଋଣ ପ୍ରଦାନ କରୁଥିଲେ। ଏ ସବୁକୁ ଦୃଷ୍ଟିରେ ରଖି ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଆ ଚେତନାର କର୍ଣ୍ଣଧାର ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ପରବର୍ତ୍ତୀ ସମୟରେ ହରେକୃଷ୍ଣ ମହତାବ ମଧ୍ୟ ସମବାୟ ବ୍ୟାଙ୍କ ମାଧ୍ୟରେ ଋଣ ଦେବା ପାଇଁ ବିଭିନ୍ନ ଜିଲ୍ଲାରେ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ସ୍ଥାପନ ପାଇଁ ସହଯୋଗ ରଖିଲେ। ସେ ସମୟରେ ଏହି ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ଭୂମିକା ଓଡ଼ିଶାର କୃଷି କ୍ଷେତ୍ର ପାଇଁ ଓ ଏଥି ସହିତ ସଂଲଗ୍ନ ଅନ୍ୟ କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଲେ। ଆମେ ପୂର୍ବ ଭାରତର ବ୍ୟାଙ୍କ ବ୍ୟବସ୍ଥା ଆଲୋଚନା କରୁଥିବାରୁ ଏବେ ଚା'ବଗିଚା ପାଇଁ ସମୃଦ୍ଧ ଆସାମ କଥାଟିକେ ଆଲୋଚନା ରଖିବା। ଆସାମର ଅର୍ଥନୀତି ଚା'ଉପରେ ନିର୍ଭରଶୀଳ ଥିବାରୁ ବିଂଶ ଶତାବ୍ଦୀ ବେଳକୁ ସର୍ବପ୍ରଥମେ କଛାର ବ୍ୟାଙ୍କ ନାମରେ ସିଲଚରରେ କିଛି ଚା'ବଗିଚା ମାଲିକମାନଙ୍କ ପ୍ରୋତ୍ସାହନରେ ସମବାୟ ବ୍ୟାଙ୍କ ଗଢ଼ି ଉଠିଥିଲା। ବିଧିବଦ୍ଧ ଭାବେ ୟୁନାଇଟେଡ ବ୍ୟାଙ୍କ ଆସାମ ପ୍ରତିଷ୍ଠା ହୋଇ ଏହାର ମୁଖ୍ୟ କାର୍ଯ୍ୟାଳୟ ସେ ସମୟରେ କଲିକତାରେ ସ୍ଥାପନ ହୋଇଥିଲା। ତେବେ ବିହାର କଥା କିନ୍ତୁ ଅଲଗା। ୧୭୭୩ରେ କଲିକତାରେ ସ୍ଥାପନ ହୋଇଥିବା ଜେନେରାଲ ବ୍ୟାଙ୍କ ଅଫ ବେଙ୍ଗଲ ଆଣ୍ଡ ବିହାର, ବିହାରରେ ଏହାର ଶାଖା ଖୋଲିଲା।

କିନ୍ତୁ ଭିତ୍ତିଭୂମି ଓ ସେପରି ଋଣ ଯୋଗାଇ ନପାରିବାରୁ ଖୁବ କମ ଦିନ ପରେ ବ୍ୟାଙ୍କରେ ତାଲା ଝୁଲିଲା। ତେବେ ଉନ୍ନବିଂଶ ଶତାବ୍ଦୀ ବେଳକୁ ପରିସ୍ଥିତି ଟିକେ ବଦଳିଲା। ଆହ୍ଲାବାଦ ବ୍ୟାଙ୍କ ଓ ବ୍ୟାଙ୍କ ଅଫ ବେଙ୍ଗଲ କିଛି ଶାଖା ଖୋଲିଲେ ମଧ୍ୟ ସେମାନେ ପ୍ରାଥମିକ ଭାବେ ବିଦେଶୀ ଇଂରେଜ ଶିଳ୍ପପତି ଓ ଛୋଟ ବଡ଼ ବ୍ୟବସାୟୀଙ୍କୁ ଋଣ ପ୍ରଦାନ କଲେ। ତେବେ ୧୯୫୦ ମସିହାରେ ୟୁନାଇଟେଡ ବ୍ୟାଙ୍କ ସ୍ଥାପନ ହେବା ପରେ ବିହାରରେ ପର୍ଯ୍ୟାୟ କ୍ରମେ ଏହାର ବିଭିନ୍ନ ଶାଖା ସବୁ ଖୋଲିଲା। ମୁଁ, ଆଲୋଚନା ପ୍ରଥମରୁ କହିରଖିଛି ଯେ ଇଂରେଜମାନେ କୋଲକାତାକୁ ସେମାନଙ୍କ ରାଜଧାନୀ କରିଥିବାରୁ ବ୍ୟାଙ୍କ ବ୍ୟବସ୍ଥା ଗଢ଼ିଥିଲେ ତେବେ ପରବର୍ତ୍ତୀ ସମୟରେ କଲିକତାରୁ ରାଜଧାନୀ ଦିଲ୍ଲୀକୁ ଉଠିଯିବାରୁ ପୂର୍ବ ଭାରତ ତୁଳନାରେ ପଶ୍ଚିମ ଓ ଦକ୍ଷିଣ ଭାରତରେ ବ୍ୟାଙ୍କିଙ୍ଗ ବ୍ୟବସାୟ ଓ ସେବା ଅଧିକ ପରିମାଣରେ ବଢ଼ିଲା।

ଏହି ଅଞ୍ଚଳର ଲୋକମାନେ ସେମାନଙ୍କ ଦକ୍ଷତା ଓ ପରିଶ୍ରମୀ ହୋଇଥିବାରୁ ଶିଳ୍ପ ବାଣିଜ୍ୟ, ପ୍ରସାର କରିବା ପାଇଁ ସେମାନେ ବ୍ୟାଙ୍କର ସହଯୋଗ ନେଲେ ଓ ଏହା ଦ୍ୱାରା ବ୍ୟାଙ୍କର ସମ୍ପ୍ରସାରଣ ମଧ୍ୟ ହେଲା। ତେବେ ପୂର୍ବ ଭାରତର କ୍ଷେତ୍ରକୁ ଦେଖିଲେ ସ୍ୱାଧୀନତା ସମୟରେ ଯେଉଁପରି ବ୍ୟାଙ୍କ ଗଢ଼ି ଉଠିଥିଲା ପରବର୍ତ୍ତୀ ସମୟରେ ତାହା ସେପରି ଆଉ ସଂପ୍ରସାରିତ ହୋଇପାରିଲା ନାହିଁ। ଆଜିର ଭାରତୀୟ ବ୍ୟାଙ୍କର ଓ ବ୍ୟାଙ୍କିଙ୍ଗ ସେବା, ଡିଜିଟାଲ ଦିଗ ସବୁ କିଛିକୁ ଦେଖିଲେ ଏଥିରେ କେହି ଅସ୍ୱୀକାର କରିବେ ନାହିଁ ଯେ ସ୍ୱାଧୀନତା ପରେ ପୂର୍ବ ଭାରତର ବିଶିଷ୍ଟ ବ୍ୟାଙ୍କର ଥିଲେ ତତ୍କାଳୀନ ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ଅଧ୍ୟକ୍ଷ ବଟକୃଷ୍ଣ ଦତ୍ତଙ୍କ ଅବଦାନ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ:: ୯୪୩୭୧୬୩୫୨୮



## ଦେଖି ଏଇ ବର୍ଷା

ନୀଳମଣି ଚାନ୍ଦ

ଦେଖି ଏଇ ବର୍ଷା ହୁଏ ଭାରି ଈର୍ଷା
ମନ ହୁଏ ଭିଜିବାକୁ
ନିଜ ହାତେ ଗଢ଼ି କାଗଜ ଡଙ୍ଗାଟେ
ପାଣି ଧାରେ ଛାଡ଼ିବାକୁ ?

କଦମ୍ବ ଦେଖିଲେ ଭାବନାରେ ଆସେ
କଦମ୍ବମୂଳିଆ କଥା
ବିରହୀ ଯକ୍ଷର ରୂପକଳ୍ପଟି
ଆସି ଛୁଇଁ ଯାଏ ମଥା।

ବଢ଼ିମୂଳକରେ ଦେବଦୂତ ସମ
କିଏ ସେଇ ଶ୍ମଶ୍ରୁଧାରୀ
ଚୁଡ଼ା ଚାଉଳକୁ ବାଣ୍ଟି ଚାଲିଛନ୍ତି
ସତେ ଦୁଃଖୀ ସିଏ ଭାରି।

ପଢା ବହି ଗୀତ 'ତୁମପରି ଛୋଟ
ପିଲା'କୁ ପକାଏ ମନେ
ସେଦିନର ସେଇ ମଧୁ ବାରିଷର
ମିଳୁନି ବର୍ଷାକୁ ଜଣେ।

ତା' ସାଧବ ବୋହୂ ମୋ'ର ଭାରିପ୍ରିୟ
ଭଲ ଲାଗେ ଇନ୍ଦ୍ରଧନୁ
ଗିରି ଶିଖରର ମୟୂରର ନୃତ୍ୟ
ଏ ଯାଏ ଭୁଲିନି ମନୁ।

ବର୍ଷା ଦିଏ ଆଶା, ବିଶ୍ୱାସ, ଭାଷା
ସ୍ମୃତିକୁ ସଜଳ କରେ
କାହା ଜୀବନରେ ସେ ଦୁଃଖ ଶ୍ରାବଣ
ଝରିବା କେବେ ନ ସରେ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ନିଜକୁ ଜାଣ

ଦୀନବନ୍ଧୁ ପୋଇ

ସୁସନ୍ଧ ଦୁର୍ଗନ୍ଧ କେତେ ଯେ କାହାର
ସମୀର ବିତରି ଦିଏ
ଯୁଆଡ଼େ ଏ ବାସ ଆପେ ବାସି ବାସି
ସରହଦ ପାର ହୁଏ
ପ୍ରକୃତି ନିୟମ ଇଏ
ବାସିଲା ବାସିଲା ଦୁର୍ଗନ୍ଧ ବି ହେଲା
ଆମେ କହିବାକୁ କିଏ ।

କାହାର କାମଟି କିଏ ତା କରିବ
ପ୍ରକୃତି ତାର ବୁଝିବ
କାହାକୁ କହିବ କିଏ ସେ ଶୁଣିବ
ସୀମା ବଳୟ ଦେଖିବ
ନିଜକୁ ହେ ସୁରି ଜାଣ
ଅନ୍ୟକୁ ଜାଣିବା ତା ଛିଦ୍ର ବାରିବା
ଇଏ ନୁହଁ ତୁମ ଜ୍ଞାନ ।

ପର୍ବତ ସବର୍ଦା ଅଚଳ ଧରାରେ
ପାଳୁଛି ତାର ଧରମ
ମେଘ ବଜ୍ରଘାତ ଯେତେ ଚମକାଏ
ନହୁଏ ଗିରି ଗରମ
ନଦୀ ର ସୁଅକୁ ଦେଖ
ପ୍ରତିରୋଧ ଦେଖି ନଯାଇ ଅଟକି
ଯାଏ ହୋଇ ବକ୍ର ମୁଖ ।

ସବୁରି ଉର୍ଦ୍ଧ୍ୱରେ ଈଶ୍ୱର ଅଛନ୍ତି
କିଏ ବା ନଜାଣେ ଭାଇ
ଜାଗ୍ରତ ଜନର ଦୋଷ ବାଛୁଥିଲେ
ନିଜେ ଯିବ ଦୋଷୀ ହୋଇ
ପ୍ରାଣ ଯିବ ଦିନେ ଛାଡି
ନଭୋଗିବା ପାଇଁ ଜରଦଗ୍ଧ ଦଶା
ସେ ପଥକୁ ଦେବା ଛାଡି ।

+ଗୋରଡ଼ାପାଳ,
କରମୁଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

# ବ୍ରହ୍ମଗିରିର ପ୍ରଭୁ ଅଲାରନାଥ



**ସୁଷମା ପରିଜା**



ଆଷାଢ଼ ମାସରେ ରଥଯାତ୍ରା ପୂର୍ବରୁ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପଡେ ସ୍ନାନଯାତ୍ରା। ଶ୍ରୀମନ୍ଦିରର ସ୍ନାନ ବେଦୀରେ ଏହି ମହାସ୍ନାନ ପରେ ଶ୍ରୀଜୀଉମାନେ ଲୌକିକ ମତରେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ପଡ଼ିରହନ୍ତି । ଅଣସରର ତାଳତାଟି ଭିତରେ ମହାପ୍ରଭୁଙ୍କ ବଂଶଧର ଭାବେ ପରିଚିତ ଦଇତାପତି ସେବକମାନେ ସେମାନଙ୍କର ସେବାଶୁଶ୍ରୁଷା କରନ୍ତି । ସେହି ସମୟରେ ଭକ୍ତମାନେ ଦୀର୍ଘ ୧୫ଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ । ତେଣୁ ଏହି ସମୟରେ ଭକ୍ତମାନେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିନପାରି ବ୍ରହ୍ମଗିରି ର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି । କୁହାଯାଏ ଯେ ଶ୍ରୀମନ୍ଦିର ରତ୍ନ ସିଂହାସନରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାରେ ଯେତିକି ପୂଣ୍ୟ ମିଳେ ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେତିକି ପୂଣ୍ୟ ମିଳେ । ତେଣୁ ଅଣସର ସମୟରେ ଅଲାରନାଥ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ ଲାଗି ରହିଥାଏ । ଏହା କୌଣସି ପର୍ଯ୍ୟଟନସ୍ଥଳୀ ନହେଲେ ବି କୃଷ୍ଣଭକ୍ତମାନଙ୍କ ପାଇଁ ଏକ ପବିତ୍ର ସ୍ଥାନ । କାରଣ ଭଗବାନ ଅଲାରନାଥ ହେଉଛନ୍ତି ପ୍ରଭୁ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ।

ପୁରୀ ଜିଲ୍ଲା ସଦରମହକୁମା ରୁ ସାତପଡ଼ା ରାସ୍ତା ରେ ୨୦ କି.ମି ଦୂରରେ ବ୍ରହ୍ମଗିରି ଠାରେ ପାଞ୍ଚ ଏକର ପରିମିତ ଜାଗାରେ କେତକୀ, ବଉଳ ଓ ନାରିକେଳ ଜଙ୍ଗଲ ପରିବେଶ ମଧ୍ୟରେ ୫୦ଫୁଟ ୫ଇଞ୍ଚ ଉଚ୍ଚତା ବିଶିଷ୍ଟ ଶ୍ରୀଅଲାରନାଥଙ୍କ ମନ୍ଦିର ଅବସ୍ଥିତ। ଅଲାରନାଥଙ୍କ ମନ୍ଦିରଟି ଏକ ସୂକ୍ଷ୍ମ କାରୁକଳା ବିମଣ୍ଡିତ ପ୍ରାଚୀନ ମନ୍ଦିର । ଏହି ମନ୍ଦିର ଚତୁଃପାର୍ଶ୍ୱରେ ଶ୍ରୀଚୈତନ୍ୟ ମନ୍ଦିର, ଶ୍ୱି ମନ୍ଦିର ଓ ବିଭିନ୍ନ ଠାକୁରାଣୀଙ୍କ ମନ୍ଦିର, ନବଗ୍ରହ ପ୍ରସ୍ତର, ନାଟମନ୍ଦିର, ପ୍ରାର୍ଥନା ଗୃହ, ଭୋଗମଣ୍ଡପ, ମୁଖଶାଳା, ତଥା ଯଜ୍ଞ ମଣ୍ଡପ ଅବସ୍ଥିତ। ଐତିହାସିକମାନଙ୍କ ମତରେ ୧୧୨୮ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ଚତୁର୍ଥ ନରପତି ମଦନ ମହାଦେବଙ୍କ ସମୟରେ ଏହି ମନ୍ଦିରଟି ନିର୍ମିତ ହୋଇଥିଲା । ମନ୍ଦିରର ବିମାନ ବା ଗର୍ଭଗୃହର ମଧ୍ୟଭାଗରେ ପ୍ରତିଷ୍ଠିତ ଏକ ପ୍ରସ୍ତର ସିଂହାସନରେ ଚିକ୍କଣ କଳା ମୁଗୁନି ପ୍ରସ୍ତର ନିର୍ମିତ ଚତୁର୍ଭୁଜ ବିଶିଷ୍ଟ ଅଲାରନାଥ ବିଗ୍ରହ ଅତ୍ୟନ୍ତ କମନୀୟ । ଦଣ୍ଡାୟମାନ ଭଙ୍ଗୀରେ ଥିବା ଏହି ବିଗ୍ରହଙ୍କର ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ସୁଶୋଭିତ । ସୂକ୍ଷ୍ମ କରୁକାର୍ଯ୍ୟ ସମ୍ପନ୍ନ ଅଲାରନାଥଙ୍କ ବିଗ୍ରହରେ ଦ୍ରାବିଡ଼ ଶୈଳୀର ଭାସ୍କର୍ଯ୍ୟ ପରିଲକ୍ଷିତ ହୋଇଥାଏ । ଅତ୍ୟନ୍ତ ପ୍ରାଚୀନ ସମୟରୁ ବଂଶାନୁକ୍ରମିକ ଭାବେ ଏଠାକାର ପୂଜକମାନେ ଅଲାରନାଥ ମହାପ୍ରଭୁଙ୍କ ସେବା ସମ୍ପାଦନ କରି ଆସୁଛନ୍ତି। ଶ୍ରୀ ଅଲାରନାଥଙ୍କ ବିଗ୍ରହମୂର୍ତ୍ତି କଳାମୁଗୁନି ପଥରରେ ନିର୍ମିତ । ମୂର୍ତ୍ତି ଚାରିପଟେ ତୋରଣ ଅଛି । ତୋରଣ ତଳେ ପାର୍ଶ୍ୱଦେବୀ ଶ୍ରୀଦେବୀ, ଭୂଦେବୀ ବିଦ୍ୟମାନ କରୁଛନ୍ତି। ପଦଯୁଗ ତଳେ ଗରୁଡ଼ ପ୍ରାର୍ଥନାରତ। ଶ୍ରୀ ଜୀଉଙ୍କ ଊର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ, ଡାହଣ ହସ୍ତରେ ଚକ୍ରଚିହ୍ନ ଅଛି । ନିମ୍ନ ବାମ ହସ୍ତରେ ଗଦା ଓ ଦକ୍ଷିଣ ହସ୍ତରେ ପଦ୍ମ ଚିହ୍ନ ବିଦ୍ୟମାନ। ଏଣୁ ଶ୍ରୀ ଅଲାରନାଥଙ୍କୁ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ କୁହାଯାଏ ।

ଅଲାରନାଥଙ୍କୁ ନେଇ ଏକ ପୌରାଣିକ କିମ୍ବଦନ୍ତୀ ରହିଛି । ସତ୍ୟଯୁଗର କଥା, ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ଭଗବାନ୍ ବିଷ୍ଣୁଙ୍କ ଦର୍ଶନ ଲାଭ କରିବା ଲାଗି ଘୋର ତପସ୍ୟା କଲେ । ବ୍ରହ୍ମାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ୍ ବିଷ୍ଣୁ ଚତୁର୍ଭୁଜ ରୂପ ଧାରଣ କରି ତାଙ୍କ ସମ୍ମୁଖରେ ପ୍ରକଟ ହେଲେ ଓ କହିଲେ ମୁଁ ତୁମ ତପସ୍ୟାରେ ସନ୍ତୁଷ୍ଟ । ତୁମେ ମୋର ଏକ ଚତୁର୍ଭୁଜ ମୂର୍ତ୍ତି ନିର୍ମାଣ କରି ଏଠାରେ ପୂଜାର୍ଚ୍ଚନା କର । ଭଗବାନଙ୍କ ଆଜ୍ଞା ପାଳନ କରି ବ୍ରହ୍ମା କଳା ମୁଗୁନି ପଥରରେ ବିଷ୍ଣୁଙ୍କ ଚଳନ୍ତି ପ୍ରତିମା ନିର୍ମାଣ କରି ସେଠାରେ ପୂଜାର୍ଚ୍ଚନା କଲେ । ସେହି ପ୍ରତିମୂର୍ତ୍ତି ସମ୍ପ୍ରତି ଅଲାରନାଥ ନାମରେ ସର୍ବତ୍ର ବିଖ୍ୟାତ । ଯେଉଁ ପର୍ବତ ଉପରେ ସେ ତପସ୍ୟା କଲେ ସେହି ସ୍ଥାନଟି ପରବର୍ତ୍ତୀ କାଳରେ ବ୍ରହ୍ମଗିରି ନାମରେ ବିଖ୍ୟାତ ହେଲା ।

ଆଉ ଏକ ପୌରାଣିକ କିମ୍ବଦନ୍ତୀ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ରାଜତ୍ୱ କାଳରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଶ୍ରୀମନ୍ଦିର ପ୍ରତିଷ୍ଠା ଲାଗି ମର୍ତ୍ତ୍ୟଭୂମିକୁ ଆସିଥିଲେ । ସେ ପ୍ରଥମେ ଯେଉଁ ସ୍ଥାନରେ ମର୍ତ୍ତ୍ୟଭୂମିକୁ ଓହ୍ଲାଇଲେ ସେହି ସ୍ଥାନକୁ ପରବର୍ତ୍ତୀ ସମୟରେ ବ୍ରହ୍ମଗିରି ବୋଲି କୁହାଗଲା। ସୃଷ୍ଟିକର୍ତ୍ତା ମର୍ତ୍ତ୍ୟଭୂମିରେ ପାଦ ଦେବା ପରେ ବିଷ୍ଣୁଙ୍କ ପୂଜା କରିଥିଲେ । ଯେଉଁଠାରେ ସେ ବିଷ୍ଣୁଙ୍କ ପୂଜା କରିଥିଲେ ପରବର୍ତ୍ତୀ ସମୟରେ ତାହା ଅଲାରନାଥ ନାମରେ ଖ୍ୟାତି ଅର୍ଜନ କଲା।

ତେବେ ଐତିହାସିକ ମାନଙ୍କ ମତରେ ଆଲବର ସମ୍ପ୍ରଦାୟମାନେ ଏଠାରେ ଚତୁର୍ଦ୍ଧାମୂର୍ତ୍ତି ସ୍ଥାପନ କରିଥିଲେ ଏବଂ ଏହି ସମ୍ପ୍ରଦାୟର ବ୍ରାହ୍ମଣମାନେ ପ୍ରଭୁ ବିଷ୍ଣୁ ଙ୍କର ପୂଜାର୍ଚ୍ଚନା କରନ୍ତି। ପୁରୁଷୋତ୍ତମ ଚନ୍ଦ୍ରିକାରୁ ଜଣାପଡ଼େ ଅଲବନ୍ଦ ଆଚାର୍ଯ୍ୟ ନାମକ ଏକ ତାନ୍ତ୍ରିକ ବ୍ରାହ୍ମଣ ଅନବସର ସମୟରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସ୍ୱର୍ଗଦ୍ୱାର ନିକଟ ସୋଳାଖିଆ ବଟବୃକ୍ଷରେ ମହୂମାଛି ହୋଇ ଶ୍ରୀମନ୍ଦିରକୁ ଯାଆନ୍ତେ ସେଠାରେ ବାଧାପ୍ରାପ୍ତ ହୋଇ ସମୁଦ୍ରରେ ଝାସ ଦେବାକୁ ଯିବା ସମୟରେ ଏକ ମର୍କଟ ବାଧାଦେବାରୁ ସେ ଶ୍ରୀ ଅଲାରନାଥଙ୍କ ପୀଠରେ ଆସି ପଡ଼ିଲେ । ଅଲବନ୍ଦାରନାଥଙ୍କ ଠାକୁରଙ୍କୁ କାଳକ୍ରମେ ଶ୍ରୀ ଅଲାରନାଥ ଭାବେ ପୂଜା ହେଉଥିବା କୁହାଯାଏ । ଗବେଷକମାନଙ୍କ ମତାନୁଯାୟୀ 'ଅଲାରନାଥ' ନାଁଟି ଏକ ଦ୍ରାବିଡ଼ ଶବ୍ଦରୁ ଆସିଛି । ଦ୍ରାବିଡ଼ ଶବ୍ଦ 'ଆଲୋୟାର'ର ଅର୍ଥ ଭକ୍ତ । ଏଣୁ ଆଲୋୟାରନାଥ ପ୍ରକୃତରେ ଭକ୍ତଙ୍କର ନାଥ । କାଳକ୍ରମେ ଆଲୋୟାରନାଥ ଶବ୍ଦର ଅପଭ୍ରଂଶ ଘଟି ଆଲବନ୍ଦାନାଥ, ଅଲବରନାଥ, ଆଲାଲାନାଥ ଏବଂ ପରିଶେଷରେ ସ୍ଥାନୀୟ ଲୋକମୁଖରେ ଏହା 'ଅଲାରନାଥ' ନାମରେ ପ୍ରସିଦ୍ଧି ଲାଭ କରିଛି ।

ଶ୍ରୀଚୈତନ୍ୟ ତାଙ୍କ ଜୀବନର ଶେଷ ୧୮ବର୍ଷ ଶ୍ରୀକ୍ଷେତ୍ରରେ କଟାଇଥିଲେ । କାଶୀମିଶ୍ରାଳୟର ଗମ୍ଭୀରା ଘରେ ସେ ଅବସ୍ଥାନ ପୂର୍ବକ ପ୍ରତ୍ୟହ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଶ୍ରୀମନ୍ଦିରକୁ ଯାଉଥିଲେ । ଅଣସର ସମୟରେ ପ୍ରଭୁଙ୍କର ଦର୍ଶନ ନ ପାଇ ବିରହ ଜ୍ୱାଳାରେ ମିୟମାଣ ହୋଇପଡ଼ିଥିଲେ । ପ୍ରଭୁଙ୍କ ନିର୍ଦ୍ଦେଶରେ ସେ ବ୍ରହ୍ମଗିରିସ୍ଥ ଅଲାରନାଥଙ୍କ ପୀଠରେ ପହଞ୍ଚି ନାରାୟଣ ମୂର୍ତ୍ତିଙ୍କୁ ଦର୍ଶନ କରି ଭାବ ବିହ୍ୱଳିତ ହୋଇଯାଇଥିଲେ । ସେଠାରେ ପଡ଼ିଥିବା ଏକ ପ୍ରସ୍ତର ଖଣ୍ଡ ଉପରେ ଦଣ୍ଡବତ ପ୍ରଣିପାତ କରିଥିଲେ । ଶ୍ରୀବିଗ୍ରହଙ୍କ ଦର୍ଶନ ନ ପାଇ ବିରହ ଜ୍ୱାଳାରେ ତାଙ୍କ ଶରୀର ଏତେ ଉତ୍ତପ୍ତ ହୋଇଯାଇଥିଲା ଯେ ଉକ୍ତ ପ୍ରସ୍ତର ଖଣ୍ଡକ ତାଙ୍କ ଶରୀରର ଆକାର ଅନୁଯାୟୀ ତରଳି ଯାଇଥିଲା । ଏବେ ବି ସେହି ପ୍ରସ୍ତର ଖଣ୍ଡିକ ସର୍ବାଙ୍ଗ ଶିଳା ଭାବେ ମନ୍ଦିର ପରିସରରେ ପୂଜିତ ହେଉଛି । ଶ୍ରୀଚୈତନ୍ୟ ପନ୍ଥୀ ଗୌଡ଼ୀୟ ବୈଷ୍ଣବମାନେ ଏହି ପୀଠକୁ ଆଗମନ କରି ପ୍ରଭୁ ଅଲରନାଥଙ୍କୁ ଦର୍ଶନ କରିବା ସହିତ ସେହି ସର୍ବାଙ୍ଗ ଶିଳାକୁ ପ୍ରଣିପାତ କରିଥାନ୍ତି ।

ଶ୍ରୀମନ୍ଦିର ଭୋଗନୀତି ପରି ଏଠାରେ ମଧ ଭୋଗ ଅନୁଷ୍ଠିତ ହୁଏ । ସକାଳ ୮ଟାରେ ବାଳଭୋଗ, ସକାଳ ଧୂପରେ ଅନ୍ନ, ଖେଚେଡ଼ି, ଡାଲି ଓ ତରକାରୀ ଭୋଗ କରାଯାଏ । ମାଧାହ୍ନରେ କ୍ଷୀର ଭୋଗ କରାଯାଇ ପହୁଡ଼ ପଡ଼େ। ରାତିରେ ଦହି ପଖାଳ ଓ ଭଜା ଭୋଗ କରାଯାଏ । ଶ୍ରୀଅଲାରନାଥଙ୍କ କ୍ଷୀରି ଭୋଗ ସବୁଠାରୁ ପ୍ରିୟ । ଶ୍ରୀମନ୍ଦିର ଭଳି ଏଠାରେ ପ୍ରଭୁ ଅଲାରନାଥଙ୍କ ଦୈନନ୍ଦିନ ଆଳତୀ, ଅବକାଶ, ବଲ୍ଲଭ, ଅନ୍ନଭୋଗ, ଚନ୍ଦନ ଲାଗି, ବଡ଼ସିଂହାର ବେଶ, ପହୁଡ଼ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥାଏ । ବିଶେଷ କରି ଅଣସର ସମୟରେ ଉକ୍ତ ମନ୍ଦିରରେ ଦ୍ୱାର ଫିଟା, ମଙ୍ଗଳ ଆରତୀ, ଅବକାଶ, ଅଣସର ବେଶ, ଚନ୍ଦନ ତୁଳସୀ ଲାଗି, ବଲ୍ଲଭ ଭୋଗ, ସର୍ବସାଧାରଣ ଦର୍ଶନ, ସକାଳ ଧୂପ, ଦ୍ୱିପହର ଧୂପ (କ୍ଷୀର ଭୋଗ), ଦିବା ପହୁଡ଼, ଚିଆଁ ପହୁଡ଼, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଆଳତୀ, ମଇଲମ, ଅଣସର ବେଶ, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଧୂପ, ବଡ଼ ସିଂହାର ବେଶ ଓ ତତ୍ପରେ ପହୁଡ଼ ନୀତି ହୋଇ ମନ୍ଦିର ଦ୍ୱାର ବନ୍ଦ ହୋଇଥାଏ । ଅଣସର ସମୟରେ ଭକ୍ତମାନଙ୍କର ପ୍ରବଳ ଜନସମାଗମ ହେତୁ ଅଲାରନାଥଙ୍କ କ୍ଷୀରି ପ୍ରସାଦର ଚାହିଦା ଅତ୍ୟଧିକ ହୋଇଥାଏ । ଅଲାରନାଥଙ୍କ କ୍ଷୀରିଭୋଗ ସମ୍ପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି ।

ଏକଦା ଅଲାରନାଥଙ୍କ ସେବା କାର୍ଯ୍ୟରେ ନିୟୋଜିତ ପୂଜକ କାର୍ଯ୍ୟବଶତଃ କେତେଦିନ ପାଇଁ ଅନ୍ୟ ଗ୍ରାମକୁ ଯାଇଥିଲେ । ଯିବା ପୂର୍ବରୁ ସେ ତାଙ୍କର ନାବାଳକ ପୁତ୍ରକୁ ଠାକୁରଙ୍କ ନିକଟରେ ପ୍ରତିଦିନ କ୍ଷୀରିଭୋଗ ଅର୍ପଣ କରିବା ପାଇଁ କହି ଯାଇଥିଲେ । ଅଜ୍ଞାନ ବାଳକ ଟି ପୂଜା ପଦ୍ଧତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ ସୁଦ୍ଧା କ୍ଷୀରି ହାଣ୍ଡି ଧରି ଠାକୁରଙ୍କ ପାଖରେ ପହଞ୍ଚି ତାର ଚପଳ ବୁଦ୍ଧି ଓ ଭକ୍ତି ସହକାରେ ଆଖି ବନ୍ଦ କରି ଠାକୁରଙ୍କୁ ଡ଼ାକିଲା " ଆ' ଅଲାର ଖା' କ୍ଷୀରି , ନନା ଯାଇଛନ୍ତି ବିଦେଶ କରି... " । ସେହି ନାବାଳକ ଭକ୍ତ ର ଆବାହନ ଶୁଣିଥିଲେ ପ୍ରଭୁ ଅଲାରନାଥ। ପ୍ରାର୍ଥନା କରିବା ପରେ ବାଳକଟି ଦେଖିଲା ହାଣ୍ଡିରେ ଆଉ କ୍ଷୀରି ନାହିଁ । ଖାଲି ହାଣ୍ଡି ଧରି ଫେରି ସେ ତା'ର ମା' ଆଗରେ ସମସ୍ତ ଘଟଣା କହିଲା । ହେଲେ ମା' ଙ୍କର ପୁଅ କଥା ରେ ବିଶ୍ୱାସ ହେଲା ନାହିଁ । ମା' ଭାବିଲେ ହୁଏତ ବିଲେଇ ସେ କ୍ଷୀରି ଖାଇ ଦେଇଥିବ କିମ୍ବା ପୁଅ ନିଜେ ଖାଇ ଭୟରେ ମିଛ କହୁଥିବ ନତୁବା ଆଉ କିଛି ଅଘଟଣ ଘଟିଥିବ, ଏହି ଆଶଙ୍କାରେ ରାତ୍ରି ସାରା ଶୋଇ ପାରି ନ ଥିଲେ । ତା ପରଦିନ ପୁଅକୁ କ୍ଷୀରି ହାଣ୍ଡି ସହ ପଠାଇ ବାଳକଟିର ମାଆ ଅଲାରନାଥ ବିଗ୍ରହଙ୍କର ପଛପଟେ ଲୁଚି ରହିଲେ । କ୍ଷୀରି ଖାଇବା ପାଇଁ ବାଳକଟି ପୂର୍ବବତ୍ ଠାକୁରଙ୍କୁ ଆବାହନ କଲା ମାତ୍ରେ, ପ୍ରଭୁ ଅଲାରନାଥ ନଇଁ ପଡ଼ି କ୍ଷୀରି ଖାଉଥିବା ବେଳେ ବାଳକଟିର ମା' ଭୟରେ ଚିତ୍କାର କରି ଉଠିଲେ । ଗରମ କ୍ଷୀରି ପ୍ରଭୁଙ୍କ ହାତ ଓ ମୁହଁରେ ପଡ଼ି ଫୋଟକା ହୋଇଯାଇଥିଲା । ଅଦ୍ୟାବଧି ଏହାର ସ୍ମୃତି ସ୍ୱରୂପ ସ୍ଥାନୀୟ ପୂଜକମାନେ ବିଗ୍ରହଙ୍କର ମୁହଁରେ ଥିବା ଫୋଟକା ଚିହ୍ନ ଦେଖାଇଥାନ୍ତି । ସ୍ଥାନୀୟ ଅଧିବାସୀଙ୍କ ବିଶ୍ୱାସ ଯେ, ପ୍ରଭୁ ଅଲାରନାଥ ସ୍ୱୟଂ କ୍ଷୀରିକୁ ଏଠାରେ ଆଘ୍ରାଣ କରି ଥାଆନ୍ତି, ଯାହାଫଳରେ କି ଏଠାରେ କ୍ଷୀରି ଭୋଗ ଅତ୍ୟନ୍ତ ସୁସ୍ୱାଦୁ ହୋଇଥାଏ ।

ଶ୍ରୀଜଗନ୍ନାଥଙ୍କ ଭଳି ଶ୍ରୀ ଅଲାରନାଥଙ୍କ ପୀଠରେ ମଧ ବାରମାସରେ ତେର ଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀ ଜଗନ୍ନାଥଙ୍କ ପରି ଶ୍ରୀ ଅଲାରନାଥଙ୍କର ମଧ ବିଭିନ୍ନ ସମୟରେ ବିଭିନ୍ନ ବେଶ କରାଯାଏ । ସେହିଭଳି ଶ୍ରୀମନ୍ଦିର ଭଳି ବିଭିନ୍ନ ପର୍ବପର୍ବାଣି ମଧ ଅନୁଷ୍ଠିତ ହୋଇଥାଏ ।

ଜୟ ପ୍ରଭୁ ଶ୍ରୀ ଅଲାରନାଥ!!!


ଶାରଳା ଭବନ, ପୋତାପୋଖରୀ,
କଟକ-୪
ମୋ:୯୩୩୭୨୭୨୬୪୭


# କୁଆଡେ ଗଲା ସେ ଜହ୍ନମାମୁଁ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**



ଏକ ହିନ୍ଦି ସିନେମା ଗୀତର ଲାଇନ୍ , ବଚ୍ ପନ କେ ଦିନ ଭି କ୍ୟା ଦିନ ଥେ,ଓଡ଼ିଆରେ ଦରଦୀ କବିଙ୍କ ନିବେଦନ କିଏ ଆଣିଦେବ ମୋ ପିଲାଦିନ 'ବାସ୍ତବରେ ସେ ଦିନରେ ନଥିଲା କିଛି ଆଶା ନଥିଲା କିଛି ସ୍ୱପ୍ନ।

ବର୍ତ୍ତମାନକୁ ଉପଭୋଗ କରିବାଟା ହିଁ ଥିଲା ଜୀବନ। ମନ କାନଭାସର ଚିତ୍ରପଟ୍ଟରୁ ଆଜି ଖୋଜୁଛି ଧୂଳିମାଟି କାଦୁଅ ଭିତରେ ଛାଡି ଆସିଥିବା ଚିତ୍ରିତ ପିଲା ଦିନକୁ। ସେହି ସମୟରେ ଏକ କାଠ ଫଳକରେ ରଙ୍ଗବୋଳି ଉଭୟ ପାର୍ଶ୍ୱରେ ଚିତ୍ରକରି ବ୍ୟାଟ ତିଆରି କରାଯାଏ। ଗେଣ୍ଡୁ ଫୁଲ ଓ ଏକ ପିଷ୍ଟବୋଡ ରେ ବ୍ୟାଟମିଣ୍ଟନ ଖେଳ। କଲମରେ ସ୍ୟାହି ଢାଳି ଅ, ଆ ଲେଖା। ପୁଣି ଚତୁର୍ଥ ଶ୍ରେଣୀରେ ଇଂରାଜୀ ଆଲିଫା' ଏ', 'ବି', 'ସି' , ଯାହା ଦ୍ୱାରା ଲେଖିବା ଶୈଳୀ ଏବେ ବି ବହୁତ ସୁନ୍ଦର । ସେହିଭଳି କଲମ ଧାରକରେ 'ଜି' ନିବ୍ ଲଗାଇ, ଟିନ୍ ମେଡିସିନରେ ପାଣିରେ କାଳି ପାଇଁ ନୀଳ ବଟିକା ମିଶାଇ ଚାରି ଧାଡ଼ିର ଅଭ୍ୟାସ ପୁସ୍ତକରେ ଇଂରାଜୀ ଲେଖା। ଯାହାକୁ ଇଂରାଜୀରେ 'କୋରସିଭ୍ ରାଇଟିଂ' ମଧ୍ୟ କୁହାଯାଏ । ହଁ, ଏହା ଭିନ୍ନ କଥା ଯେ ଆଜି ସେହି ପ୍ଲାକାର୍ଡ ଲେଖିବା ଏବଂ କାଗଜରେ ଝୁଲୁଥିବା ରିଡ୍ ବଦଳରେ ଲୁହା କଲମ ଅର୍ଥାତ୍ କମ୍ପ୍ୟୁଟର ଲଗାଯାଇଛି।

ପିଲାଦିନ ଜୀବନ ସାରଣୀର ସୁବର୍ଣ୍ଣ ସମୟ ଏବଂ ଏହି ସମୟ ମଧ୍ୟରେ, ପ୍ରାୟ ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ଶିଶୁ ପତ୍ରିକା ସହିତ ଜଡିତ ଥିଲେ, ପତ୍ରିକା ଗୁଡ଼ିକ ଭାଷା ନିର୍ବିଶେଷରେ ଉର୍ଦ୍ଦୁ , ହିନ୍ଦୀ, ଇଂରାଜୀ, ବଙ୍ଗଳା, ଆସାମୀ, କନ୍ନଡ଼, ଓଡ଼ିଆ ଇତ୍ୟାଦି। ରେଡିଓରେ ଅମିନ ସାୟାନୀ, ସଲମା ସୁଲତାନ ,ଓ ଆକାଶ ବାଣୀ କଟକ, ଟ୍ରାନଜିଷ୍ଟର ଏବଂ କଳା ଧଳା ଟିଭି ଏବଂ ସେହି ଦିନର ଶିଶୁ ଖେଳ ଯଥା 'ପୁଚି, ବୋହୂ ବୋହୂକା, କିତିକିତି, ଚୋର ପୁଲିସ, ଚକା ଚକା ଭଉଁରୀ, ଆମ ଗାଁ ମଣ୍ଡପରେ ଖୁଣ୍ଟିକି ଖୁଣ୍ଟି।ଆଜି ଲାଗୁଛି ଯେମିତି ଗୋଟିଏ ମୁହୂର୍ତ୍ତରେ ଆଖି ବୁଜିବା ରେ ଛଅ ଦଶନ୍ଧି ବିତିଗଲାଣି । କିଛି ଶିଶୁ ପତ୍ରିକାର ନାମ ଚନ୍ଦାମାମା, ପରାଗ, ବାଲ ଭାରତୀ, ଲୋଟପଟ, ଚମ୍ପକ, ରାଜା ଭୈୟା, ନନ୍ଦନ, ମିଲିନ୍ଦ, ମଧୁ ମୁସ୍କାନ, ଇନ୍ଦ୍ରଜଲ କମିକ୍ସ, ସୁମନ ସୌରଭ ଇତ୍ୟାଦି (ସମସ୍ତ ହିନ୍ଦୀ), ଖିଲୋନା, ପାୟମ୍-ଏ-ତାଲିମ, ନୂର, ଚନ୍ଦନଗରୀ, ଟଫି, ଜନ୍ନତ କା ଫୁଲ, ଗୁଞ୍ଚା ଇତ୍ୟାଦି (ସମସ୍ତ ଉର୍ଦ୍ଦୁ), ଶିଶୁ ଜଗତ, ଉପଭୋଗ (ଇଂରାଜୀ) ଜହ୍ନମାମୁ, ମୀନା ବଜାର, ସଂସାର, ମନପବନ, ନନ୍ଦନକାନନ ଇତ୍ୟାଦି (ଓଡ଼ିଆ) । ଆମେ ପ୍ରାୟ ସମସ୍ତେ ପିଲାଦିନେ ଏହାକୁ ପଢ଼ିଛୁ। ନୂଆବର୍ଷ ଆସିଲେ ସାଙ୍ଗ ମାନଙ୍କ ପାଇଁ ରଙ୍ଗ ବେରଙ୍ଗର ଗ୍ରିଟିଂସ୍ କାର୍ଡ଼ କିଣାହୁଏ, ଆଉ ତା ପଛପଟେ ଲେଖା ହୁଏ କିଛି ଢଗ ମାଧ୍ୟମରେ ବାର୍ତ୍ତା। ଯେପରି 'ଗୋଲାପ ଗଛରେ ବହୁତ କଣ୍ଟା ସାଙ୍ଗକୁ ମୋର ଟା ଟା '। ମୁଁ ଯଦିଓ କିଛିଟା ଆଧୁନିକ ଯୁଗରେ ପାଦ ଦେଇଥିଲି ସେଥିପାଇଁ ମୋର ବସ୍ତାନି ବଦଳରେ ସ୍କୁଲ ପାଇଁ ଗୋଟେ ଛୋଟ ବାକ୍ସ ଥିଲା। ଜେଜେ ବାପା କହୁଥିଲେ ସେତେବେଳେ ସେମାନେ ସ୍କୁଲ ଯିବା ବାଟରେ ଏପରି କିଛି ଦ୍ରବ୍ୟ ବିକ୍ରି ହେଉଥିଲା, ଯାହା ଆଜିର ପିଲାମାନେ ଦେଖିନାହାନ୍ତି କି ଶୁଣିନାହାନ୍ତି ।ବାଟରେ ଖିରି କୋଳି, କଣ୍ଟେଇ କୋଳି, ବରକୋଳି ଓ ଭଇଂଚ କୋଳି। ଘୋଡା, ହାତୀ ଆକାରରେ ମିଠା ଓ ଚକୋଲେଟ୍ କମଳା କୋଳ। ଆକାଶରୁ ଖସୁଥିବା କୁଆପଥରରେ ଗୁଡ ମିଶାଇ ଥଣ୍ଡା ପାନୀୟ। ପିଲାଦିନେ ଖବରକାଗଜ ସହ ଅନେକ ଶିଶୁ ପତ୍ରିକାର ଟ୍ରେଣ୍ଡ ଥିଲା । ମାସର ପ୍ରଥମ ତାରିଖରେ ଓଡ଼ିଶାର ଘରେ ଘରେ ଲୋକପ୍ରିୟ ଶିଶୁ ମାସିକ ପତ୍ରିକା ଜହ୍ନମାମୁଁ । ଅନେକ ପତ୍ରିକା ରେ ଚିତ୍ର ରେ ରଙ୍ଗ ଦିଅ, ପ୍ରହେଳିକା, ପ୍ରଶ୍ନ ର ଉତ୍ତର ଦିଅ, ପ୍ରତିଯୋଗିତା ପ୍ରଶ୍ନ , କୁଇଜ୍, କବିତା ଓ କାହାଣୀ ଆଦି ସ୍ଥାନ ପାଉଥିଲେ ।ଜହ୍ନମାମୁଁ ଏକ ଲୋକପ୍ରିୟ ମାସିକ ପତ୍ରିକା ଯାହା ହିନ୍ଦୀ ପତ୍ରିକା ଚନ୍ଦାମାମା ର ଓଡିଆ ରୂପାନ୍ତର। ଏହା ଶିଶୁ ଏବଂ ଯୁବକମାନଙ୍କ ଉପରେ ଆଧାରିତ ଏବଂ ଭାରତୀୟ ଲୋକକଥା, ପୁରାଣ ଏବଂ ଐତିହାସିକ ଘଟଣା ଉପରେ ଆଧାରିତ କାହାଣୀ କୁ ଆଣେ । ୧୯୪୭ ମସିହାରେ ଦକ୍ଷିଣ ଭାରତର ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ବି ନାଗି ରେଡ୍ଡୀଙ୍କ ଦ୍ୱାରା ଏହି ପତ୍ରିକା ପ୍ରତିଷ୍ଠା କରାଯାଇଥିଲା, ଯାହାଙ୍କ ବନ୍ଧୁ ଚକ୍ରପାଣି ଏହି ପତ୍ରିକାର ସମ୍ପାଦକ ହୋଇଥିଲେ । ନାଗି ରେଡ୍ଡୀଙ୍କ ପୁଅ ବିଶ୍ୱନାଥ ୧୯୭୫ ମସିହାରୁ ଏହାର ସମ୍ପାଦନା କରୁଛନ୍ତି। ମାର୍ଚ୍ଚ ୨୦୦୭ରେ ମୁମ୍ବାଇର ସଫ୍ଟୱେୟାର କମ୍ପାନୀ ଜିଓଡେସିକ୍ ପତ୍ରିକା ଗ୍ରୁପକୁ ଅଧିଗ୍ରହଣ କରିଥିଲା । ଜୁଲାଇ ୨୦୦୮ରେ ଏହି ଗ୍ରୁପ୍ ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ପତ୍ରିକାର ପୁରୁଣା ସଂସ୍କରଣକୁ ନିଜ ୱେବସାଇଟରେ ଉପଲବ୍ଧ କରାଇବା ଆରମ୍ଭ କରିଥିଲା ।

ପରାଗ, ବାଲ ଭାରତୀ, ଲୋଟପୋଟ, ଚମ୍ପକ, ରାଜା ଭୈୟା, ନନ୍ଦନ, ମିଲିନ୍ଦ, ମଧୁ ମୁସ୍କାନ ଆଦି ଶିଶୁ ହିନ୍ଦୀ ପତ୍ରିକାରେ ସମାନ ବିଷୟବସ୍ତୁ ରହିଥିଲା। ଯେଉଁ ପିଲାମାନେ ଏହି ଶିଶୁପତ୍ରିକା ପଢୁଥିଲେ, ସେମାନଙ୍କର ମାନସିକ ଓ ଆଧାତ୍ମିକ ଉନ୍ନତି ଅତ୍ୟନ୍ତ ସଠିକ ଥିଲା ଏବଂ ସେମାନେ ଶାରୀରିକ ଭାବରେ ଶକ୍ତିଶାଳୀ ଥିଲେ, ଅଧିକାଂଶ ପ୍ରକାଶକ ଏବେ ବି କିଛି ଶିଶୁ ପତ୍ରିକା ପ୍ରକାଶିତ କରୁଛନ୍ତି । କିନ୍ତୁ ସେଥିରେ ଜହ୍ନମାମୁଁ ର ସ୍ଥାନ ନାହିଁ। କାରଣ ଏବେ ସାରା ଦୁନିଆ ସ୍ମାର୍ଟଫୋନରେ ଉପଲବ୍ଧ ।


+ ନୟାଗଡ଼
ମୋ: ୯୪୩୭୬୪୨୯୪୭


## ମୌସୁମୀ ଆଣିଛି କିଛି

**ସୁନନ୍ଦା ମହାନ୍ତି**



ରଙ୍ଗକୁ ଖୋଜିଛି ଘାସରେ ଦୁବରେ
ଦୁବାଇ ସହର ଦୁବ ଅରଣ୍ୟେ
ରଙ୍ଗକୁ ଖୋଜି ମୁଁ ହାଲିଆ ହୋଇଛି
ରଙ୍ଗୋଲି ଭିତରେ ଅତି ନଗଣ୍ୟେ
ସବୁଜ ଖୋଜି ସବୁଜିମା ପାଶେ ପାଶେ
ଗାଇଛି ଜଣାଣେ ଭଜନେ
କିଏ ଦେବ ଆଞ୍ଜୁଳାଏ ରଙ୍ଗ ଏ ଆଞ୍ଜୁଳିରେ
ମାଗିମାଗି ଲାଜେ ମରେ ସରମେ
ଆକାଶେ ଦେଖିଛି ଜହ୍ନ ହସୁଛି ଆଖିମାରି
ଉଦାସୀ ଲାଗିଛି ଏଇ ଜୀବନେ
ଅଧା ଚାନ୍ଦ କେବେ ପୁରା ଚାନ୍ଦ ଦେଖି
ହସିଛି ଦଦରା ନାଆରେ ମିଛ ସପନେ
ଖୋଜି ଖୋଜି ରଙ୍ଗ କେତେ କେ ବିହଙ୍ଗ
ଆନମନା ହୋଇ ଉଡି ଗଗନେ
ମାଟିମାଆ ମାଗେ ପ୍ରତିଶ୍ରୁତି ପକ୍ଷୀ କି ବୁଝେ
ମାଟିମାଆ ବାସ୍ନା ତୃଷ୍ଣା ଏଇ ଲଗନେ
ଏକାନ୍ତରେ ବସି ଭାବେ ଏକା ଏକା ରଙ୍ଗ
ଖୋଜିବା ଦହନେ ଭୁବନେ
କାହିଁକି କେଜାଣି ଖୋଜୁଛି ରଙ୍ଗ ମୁଁ ଏତେ
ଦିବା ନିଶି ଶୟନେ ସ୍ୱପନେ
ବୁଝିଯାଇଛି ବୋଧେ ମୁଁ ରଙ୍ଗହୀନ ହେଲେ
ସବୁଜ ଭାଗ୍ୟ ବିଧାତା ସଦନେ
ଆସିବେନି ଆଉ ସମୟ ଯାଉ ଯାଉ
ଭରା ନଈର ସୁଅ ଲଗ୍ନ ଭଗ୍ନ ସଘନେ
ମୌସୁମୀ ତୋଳୁଛି ରାଗିଣୀ ମାଟିମା ଓଦା
ସବୁଜ ପଣତେ ସବୁଜିମା ଧରା ହସେ ଏସନେ
ରଙ୍ଗ ପସରାରେ ଏତେ ରଙ୍ଗ ଆଣିଛି ମୌସୁମୀ
ମାଟିମାଆ ହସେ ବିଜନ କାନନେ।


+ସାକ୍ଷୀଗୋପାଳ,
ପୁରୀ
ମୋ: ୯୦୪୦୯୭୭୩୨୭


## ଯୁଗ ଯୁଗର ପ୍ରତୀକ୍ଷା

**ଟିନା ଚଲାନ**



ଆଜି ବି ଦିନ ବିତିଗଲା,
ତୁମରି ଅପେକ୍ଷାରେ,
ତୁମେ ଆସିବ ବୋଲି
ତୁମ ପ୍ରେମର ଆଲାପରେ।
ହେଲେ ତୁମ ପାଇଁ କରିଥିବା,
ଏ ନିଷ୍ପାପ ଅପେକ୍ଷା,
ସତେ କ'ଣ ଏମିତି ରହିବ ?
ଯୁଗ ଯୁଗର ପ୍ରତୀକ୍ଷା ?
ସୂର୍ଯ୍ୟ ଦେଲେଣି ମେଲାଣି,
ସଞ୍ଜ ନଇଁଲାଣି ଧୀରେ,
ନୀଡ଼କୁ ଫେରିଲେ ପକ୍ଷୀ,
କାହିଁ ତୁମେ ନାହିଁ କୂଳରେ
ସଳିତା ଜଳିଲା ସିନା,
ଆଲୋକ ତେଜିଲା ନାହିଁ,
ତୁମ ବିନା ଏଇ ମନ,
କାହିଁକି ଗୁଞ୍ଜରେ ସଦାଶ୍ରୁ ଗାଇ
ବାଟ ଚାହିଁ ଚାହିଁ ଆଖିରୁ,
ଲୁହ ବି ଶୁଖିଗଲାଣି,
ଏ ପ୍ରେମର ବ୍ୟଥା କଥା,
କିଏ ବା ପାରିବ ଜାଣି ?
ଦିନ ପରେ ଦିନ ଯାଏ,
ମାସ ପରେ ମାସ ସରେ,
ଋତୁରାଜ ଆସି ପୁଣି,
ବସନ୍ତର ବାର୍ତ୍ତା ଭରେ।
ହେଲେ ମୋ ମନର ଉପବନେ,
ଫୁଟିଲା ନାହିଁ ତ ଫୁଲ,
ତୁମେ ବିନା ସବୁ ଫିକା,
ସବୁ ଲାଗେ ଅନାକୁଳ
ଯଦି ଏ ଅପେକ୍ଷା ମୋର,
ସାଜିବ ଜୀବନର ସ୍ୱର,
ତେବେ ମୁଁ ସଜେଇ ଦେବି,
ବିରହର ଏଇ ଘର।
ତୁମେ ନ ଆସିଲେ ନାହିଁ,
ତୁମ ସ୍ମୃତି ତ ସାଥେ ଅଛି,
ସେଇ ସ୍ମୃତିକୁ ସାଉଁଟି,
ମୁଁ ତ ଯୁଗ ଯୁଗ ଧରି ବଞ୍ଚିଛି।
ଜନ୍ମ ଜନ୍ମର ଏ ପିପାସା,
କେବେ ତ ହେବ ପୂରଣ,
ତୁମ ପ୍ରେମ ଆଲାପରେ,
ଧନ୍ୟ ହେବ ମୋର ଜୀବନ ।


+ଚଲାନପଡ଼ା, ଖଡ଼ିଆଳ, ନୂଆପଡ଼ା


## ବୋକୀ

**କବିତା ପଣ୍ଡା**



କିଛି ବୁଝେ ନାହିଁ
ଯେମିତି ପଢାଏ ସେମିତି ପଢ଼େ
ଯେମିତି କୁହେ ସେମିତି କରେ
ଯେମିତି ଉଡ଼ାଏ ସେମିତି ଉଡ଼େ ବୋକୀ ।

ଯେତେ ଦୂରରେ ଥିଲେ ବି
ଲଗାମ୍ ଧରି ହୁକୁମ୍ ଦେବାରେ
ଖିଲାପ କରେନି କେବେ ।

ତା ହଁରେ ମାନେ ହଁ
ତା ନାଁ ର ମାନେ ନାଁ ପରି
ମୁଣ୍ଡ ଟୁଙ୍ଗାରି ଚାଲୁଥାଏ ବୋକୀ ।

ଯେତେ ବେଳେ କ୍ଲାନ୍ତ
ପାଲଟି ଯିବାର ଅନୁଭବ କରେ
ମିଛ ବାହାନା କରି ଚାଲେ
ପୁଣି ଭୁଲିଯାଏ ହଜେଇ ଦିଏ ମନକୁ ବୋକୀ ।

ତା ମିଛକୁ ସତ ମଣି
ସବୁ କିଛି ଠିକ୍ ଠାକ୍ ସଜାଡ଼ି
ଗଢ଼ି ଚାଲେ ବସାଟିଏ ବୋକୀ ।

ଅପେକ୍ଷା କରି ବସିଥାଏ ରାତି ଦିନ
ମନ ଇଛା ରେ ଉଡ଼ି ବାକୁ ଇଛା କରେ
ତା ସାରା ଆକାଶରେ ବୋକୀ ।

ତା ଛଳନା ର ଶକ୍ତ ଆଘାତ ରେ
ନହୁ ନୁହାଣ କରି ଦିଏ ସାରା ମନକୁ ।
ନାଁ କିଛି କହିପାରେଓଠ ଖୋଲି
ନାଁ ସହିପାରେ ଯନ୍ତ୍ରଣା
ତଥାପି ନିଜକୁ ଦୋଷୀ ସଜେଇ
ପ୍ରେମ କୁ ନିଜର କରେ ବୋକୀ ।।


+ମଙ୍ଗଳପୁର ସୋର ବାଲେଶ୍ୱର

## ସରସ୍ୱତୀ ବିହାରରେ ଜ୍ଞାନଭାରତମ୍ ମିଶନ୍ ଉଦ୍‌ଘାଟିତ

ଭଦ୍ରକ, ୦୧/୦୭ (ନି.ପ୍ର): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ଭଦ୍ରକସ୍ଥ ସରସ୍ୱତୀ ବିହାର ଠାରେ ଜ୍ଞାନଭାରତମ୍ ମିଶନ୍‌ର ପୋଥିପଞ୍ଜୀକରଣ କେନ୍ଦ୍ରକୁ ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସ୍‌ର ସତ୍ୟ ନାରାୟଣ ଆଚାର୍ଯ୍ୟ ଉଦ୍‌ଘାଟନ କରି ଓଡ଼ିଶାର ବିପୁଳ ପୋଥି ଭଣ୍ଡାର ଉପରେ ଅଲୋକପାତ କରିଛନ୍ତି । ଭଦ୍ରକର ବିଶିଷ୍ଟ ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅମରକୃତି ଓଡ଼ିଶାର ଜାତୀୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଉପରେ ଏକ ରାଷ୍ଟ୍ରୀୟ ଚର୍ଚାସତ୍ରର ଅୟୋଜନ କରିବାକୁ ସେ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ତିରୁପତିସ୍ଥ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ପୋଥି ମଧ୍ୟରେ ଲୁକ୍କାୟିତ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଭଣ୍ଡାରକୁ ସଂରକ୍ଷିତ କରିଥିବା ସରସ୍ୱତୀ ପୋଥି ଗବେଷଣା କେନ୍ଦ୍ରର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ସରସ୍ୱତୀ ବିହାରର ପ୍ରତିଷ୍ଠାତା ଡକ୍ଟର ସଦାନନ୍ଦ ଦୀକ୍ଷିତ ଭାରତୀୟ ଜ୍ଞାନ ପରଂପରା ଉପରେ ଗତ ୨୮ ବର୍ଷ ଧରି କାର୍ଯ୍ୟକରୁଥିବା ସରସ୍ୱତୀ ଗବେଷଣା ସଂସ୍ଥାନ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜ୍ଞାନ ଭାରତମ୍ ମିଶନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସରସ୍ୱତୀ ବିଦ୍ୟାବିହାରରେ ଛାତ୍ରଛାତ୍ରୀଗଣ ସ୍ୱାଗତ କରିଥିଲେ ଏବଂ ସରସ୍ୱତୀ ବେଦ ବିଦ୍ୟାପୀଠର ବିଦ୍ୟାର୍ଥୀଗଣ ବେଦପାଠ କରିଥିଲେ । ଜ୍ଞାନ ଭାରତ ମିଶନର ପୋଥି ସଂରକ୍ଷକ ଶ୍ରୀ ବିକାଶ ଚନ୍ଦ୍ର ଜେନା ଓ ଡିଜିଟାଇଜେସନ ବିଭାଗର ଶ୍ରୀ ଚନ୍ଦ୍ରକାନ୍ତ ନାୟକ, ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମଲ୍ଲିକ ସହଯୋଗ କରିଥିଲେ । ବିଦ୍ୟାବିହାରର ଅଧକ୍ଷା ଆଚାର୍ଯ୍ୟ ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ଧ୍ରପ୍ରଦେଶର କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ

### ଜନଜାତି ସମୁଦାୟର ବିକାଶ ଓ ସମାଜ କଲ୍ୟାଣ ପାଇଁ କାର୍ଯ୍ୟ କରିବା- ଧର୍ମେନ୍ଦ୍ର ପ୍ରଧାନ




ଆନ୍ଧ୍ରପ୍ରଦେଶ, ୦୧/୦୭ (ନି.ପ୍ର): ମାନ୍ୟବର ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗରିମାମୟ ଉପସ୍ଥିତିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ (ସିଟିୟୁଏପି)ର ପ୍ରଥମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଡିଗ୍ରୀ ହାସଲ କରିଥିବା ପ୍ରଥମ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସାରସ୍ୱତ ସମାରୋହରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଜନଜାତି ସମୁଦାୟର ବିକାଶ ଓ ସମାଜ କଲ୍ୟାଣ ପାଇଁ କାର୍ଯ୍ୟ କରିବା ପାଇଁ ଆଗେଇ ଆସିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ସଂକଳ୍ପକୁ ସାକାର କରିବା ପାଇଁ ଆମ ସମସ୍ତଙ୍କୁ ଉତ୍କର୍ଷତା ଆଡ଼କୁ ଅଗ୍ରସର ହେବାକୁ ପଡିବ । ସେହିପରି ମାନ୍ୟବର ରାଷ୍ଟ୍ରପତିଙ୍କ ପରାମର୍ଶ କ୍ରମେ ଛାତ୍ରଛାତ୍ରୀମାନେ ନିଜର ସଂସ୍କୃତି, ପରମ୍ପରା ଓ ସମୁଦାୟ ସହ ଜଡ଼ିତ ରହି ସମାଜର କଲ୍ୟାଣ ତଥା ଜନଜାତି ଭାଇଭଉଣୀଙ୍କ ଜୀବନଜୀବିକାର ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ।

ସେ ଆହୁରି କହିଛନ୍ତି ଯେ, ୨୦୨୩ ମସିହାରେ ଏହି ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ରହିବାର ସୌଭାଗ୍ୟ ତାଙ୍କୁ ମିଳିଥିଲା । ମାତ୍ର କେଇ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟର ପ୍ରଥମ ବ୍ୟାଚ୍‌ର ଶିକ୍ଷାର୍ଥୀମାନଙ୍କୁ ଡିଗ୍ରୀ ଗ୍ରହଣ କରୁଥିବାର ଦେଖିବା ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ । ଏହା ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ଏବଂ ଉଲ୍ଲେଖନୀୟ ପ୍ରଗତିର ପ୍ରମାଣ । ଭାରତର ପାରମ୍ପରିକ ଜନଜାତି ଜ୍ଞାନର ସଂରକ୍ଷଣ କରିବା ଏବଂ ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଏହି କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ 'ଜାତୀୟ ଶିକ୍ଷା ନୀତି 'ର ପ୍ରକୃତ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି।

ଏହି ଗସ୍ତ ଅବସରରେ କେନ୍ଦ୍ର ମନ୍ତ୍ରୀ ଏବଂ ଆନ୍ଧ୍ରପ୍ରଦେଶର ଆଇଟି ଓ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ନାରା ଲୋକେଶ 'ପିଏମ୍ ଶ୍ରୀ ଆନ୍ଧ୍ରପ୍ରଦେଶ ମଡେଲ ସ୍କୁଲ୍'ର କୋମଳମତି ଶିକ୍ଷାର୍ଥୀମାନଙ୍କ ସହ ଏକ ଭର୍ଚ୍ଚୁଆଲ୍ ସେସନ୍‌ରେ ଆଲୋଚନା କରିଥିଲେ । ଡିଜିଟାଲ୍ ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ଆତ୍ମବିଶ୍ୱାସ ଏବଂ ବୈଷୟିକ ଜ୍ଞାନକୌଶଳର ବ୍ୟବହାରକୁ ଦେଖି ଶ୍ରୀ ପ୍ରଧାନ ଖୁସିପ୍ରକାଶ କରିଥିଲେ । ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷାକୁ ଅଧିକ ଆକର୍ଷଣୀୟ ଓ ସହଜଲବ୍ଧ କରାଯାଉଥିବାରୁ ଏହା ଆଗାମୀ ଦିନରେ ଏକ ଭବିଷ୍ୟତ-ଉପଯୋଗୀ ପିଢ଼ି ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ସମାବର୍ତ୍ତନ ସମାରୋହରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଶ୍ରୀ ଏସ୍. ଅବଦୁଲ ନଜିର, ରାଜ୍ୟ ମାନବ ସମ୍ବଳ ବିକାଶ ମନ୍ତ୍ରୀ, ମହିଳା, ଶିଶୁ ଓ ଜନଜାତି କଲ୍ୟାଣ ମନ୍ତ୍ରୀ, ବିଶ୍ୱବିଦ୍ୟାଳୟର କୁଳାଧିପତି ଏବଂ କୁଳପତି ପ୍ରମୁଖ ଉପସ୍ଥିତ ଥିଲେ।

## ନଳକୂପ ଅଚଳ, ପିଇବା ପାଣି ବିନା କେମିତି ଚାଲିବ ବିଦ୍ୟାଳୟ ?: ଛାତ୍ରଛାତ୍ରୀ ହନ୍ତସନ୍ତ

ନୂଆପଡା, ୦୧/୦୭ (ନି.ପ୍ର): ଛାତ୍ରଛାତ୍ରୀ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଅନ୍ତର୍ଗତ ଖଇରା ଗ୍ରାମ ପଂଚାୟତର ଅମେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସୁବିଧା ଭାବେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଗ୍ରାମବାସୀ ଓ ବୁଦ୍ଧିଜୀବୀମାନଙ୍କ ମତରେ, ଯଦି କୌଣସି ସରକାରୀ କାର୍ଯ୍ୟାଳୟରେ ଦୁଇ ଦିନ ପାଇଁ ପାଣି ବନ୍ଦ ହୋଇଯାଏ, ତେବେ ତୁରନ୍ତ ବ୍ୟବସ୍ଥା ଗ୍ରହଣଂ କରାଯାଏ। କିନ୍ତୁ ଏଠାରେ ତିନି ମାସ ଧରି ଛାତ୍ରଛାତ୍ରୀଙ୍କ ପାଇଁ ଏକମାତ୍ର ନଳକୂପ ଅଚଳ ରହିଥିବା ସତ୍ତ୍ୱେ ପ୍ରଶାସନର ନୀରବତା ଦାୟିତ୍ୱବୋଧ ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅମେରା ଗ୍ରାମବାସୀଙ୍କ ଦାବି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତର ସମସ୍ୟାକୁ ଆଉ ଅଣଦେଖା ନ କରାଯାଉ। ବିଦ୍ୟାଳୟ ପରିସରରେ ଥିବା ନଳକୂପ ଗତ ତିନି ମାସ ଧରି ଅଚଳ ହୋଇ ପଡ଼ିଥିଲେ ମଧ ଏପର୍ଯ୍ୟନ୍ତ ଏହାର ମରାମତି ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ପ୍ରତିଦିନ ବିଦ୍ୟାଳୟକୁ ଆସୁଥିବା କୁନି କୁନି ଛାତ୍ରଛାତ୍ରୀ ପିଇବା ପାଣି ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ସ୍ଥାନୀୟ ଅଭିଭାବକଙ୍କ କହିବା ଅନୁଯାୟୀ, ସ୍କୁଲରେ ପାଣି ନଥିବାରୁ ଛାତ୍ରଛାତ୍ରୀଙ୍କ ଖାଦ୍ୟ ଗ୍ରହଣ, ହାତ ଧୋଇବା, ପରିଷ୍କାର-ପରିଚ୍ଛନ୍ନତା ଓ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରଭାବିତ ହେଉଛି। ପାଣି ଆଣିବା ପାଇଁ କେବେ ପଡ଼ୋଶୀ ଘର ତ କେବେ ଦୂର ସ୍ଥାନକୁ ଯିବାକୁ ପଡୁଥିବା ଅଭିଯୋଗ ହେଉଛି। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଅସୁରକ୍ଷିତ ଓ ଅପରିଷ୍କାର ପାଣି ବ୍ୟବହାର କରିବାକୁ ପଡ଼ିଲେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ଜଳବାହିତ ରୋଗର ଶିକାର ହୋଇପାରନ୍ତି ବୋଲି ଅଭିଭାବକ ଓ ସଚେତନ ମହଲ ଆଶଙ୍କା ପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ଭବିଷ୍ୟତ ଗଢ଼ାଯାଉଛି, ସେଠାରେ ତିନି ମାସ ଧରି ପାନୀୟ ଜଳ ଭଳି ମୌଳିକ ସୁବିଧା ଅଚଳ ରହିଥିଲେ ମଧ ସମ୍ପୃକ୍ତ ବିଭାଗର ଦୃଷ୍ଟି କାହିଁକି ପଡୁନାହିଁ ? ଗ୍ରାମବାସୀ ଓ ବୁଦ୍ଧିଜୀବୀମାନଙ୍କ ମତରେ, ଯଦି କୌଣସି ସରକାରୀ କାର୍ଯ୍ୟାଳୟରେ ଦୁଇ ଦିନ ପାଇଁ ପାଣି ବନ୍ଦ ହୋଇଯାଏ, ତେବେ ତୁରନ୍ତ ବ୍ୟବସ୍ଥା ଗ୍ରହଣଂ କରାଯାଏ। କିନ୍ତୁ ଏଠାରେ ତିନି ମାସ ଧରି ଛାତ୍ରଛାତ୍ରୀଙ୍କ ପାଇଁ ଏକମାତ୍ର ନଳକୂପ ଅଚଳ ରହିଥିବା ସତ୍ତ୍ୱେ ପ୍ରଶାସନର ନୀରବତା ଦାୟିତ୍ୱବୋଧ ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅମେରା ଗ୍ରାମବାସୀଙ୍କ ଦାବି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତର ସମସ୍ୟାକୁ ଆଉ ଅଣଦେଖା ନ କରାଯାଉ। ବୋଡେନ ବ୍ଲକ ପ୍ରଶାସନ, ପଂଚାୟତ ପ୍ରତିନିଧି ଓ ପାନୀୟ ଜଳ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଅଚଳ ନଳକୂପର ମରାମତି କରି ବିଦ୍ୟାଳୟରେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ । ଏନେଇ ବୋଡ଼େନ ବିଡ଼ିଓ ଚିନ୍ମୟ ସାଗରଙ୍କୁ ଯୋଗାଯୋଗ କରାଯିବାରୁ ସେ ତୁରନ୍ତ ନଳକୂପ ମରାମତି ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କନ୍ଧମାଳ ପୋଲିସର ବଡ଼ ସଫଳତା: ୧.୫ କୋଟି ଟଙ୍କାର ଗଞ୍ଜେଇ ସମେତ ଏକ ଟ୍ରକ୍, ସ୍କର୍ପିଓ ଜବତ ଦୁଇ ଗିରଫ

କନ୍ଧମାଳ, ୦୧/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ପୋଲିସ୍ କୁ ମିଳିଛି ଏକ ବଡ ଧରଣର ସଫଳତା । ଗତ ୨ ତାରିଖ ଦିନ ଗୋଛାପଡ଼ା ଥାନା ଅଂଚଳରୁ, ଏକ ବଡ ଟାଟା ଟ୍ରକ୍(ଏମ.ଏଚ୍.୦୩ ସିଭି ୫୦୩୦)ରେ ୧୪୭୦ କିଲୋ ଗଞ୍ଜେଇ ଚାଲାଣ ର ଖବର ପାଇ ଗୋଛାପଡ଼ା ଥାନା ପୋଲିସ ଏହାକୁ ଜବତ କରିଥିଲା । ଯାହାର ଆନୁମାନିକ ମୂଲ୍ୟ ୧.୫ କୋଟି ଟଙ୍କା ହେବ ବୋଲି ପୋଲିସ୍ ସୁତ୍ରରୁ ଜଣାପଡିଛି । ଗାଡିର ଡ୍ରାଇଭର, ମଧ୍ୟପ୍ରଦେଶ ର ଦେୱାସ୍ ଥାନା ଅଂଚଳର ଯୋଗେଶ୍ ମୀନାକୁ ଅଟକ ରଖି ପଚରାଉଚରା କରୁଥିଲା ପୋଲିସ୍ । ତାଠାରୁ ମିଳିଥିବା ସୂଚନା ଅନୁସାରେ ଏହି ଗଞ୍ଜେଇ କାରବାରର ମୁଖ୍ୟ କିଙ୍ଗପିନ୍, ମଧ୍ୟପ୍ରଦେଶ ର ବିଛିଆ, ଗୋବିନ୍ଦ ଗଡ ରୋଡ୍ ଥାନା ଅଂଚଳର ଆଦିତ୍ୟ ମିଶ୍ର, ଓରଫ୍ ରାକେଶ ଓରଫ୍ ସାଡ୍ୱେରିଆ (୨୮)କୁ ଗିରଫ କରିଛି ପୋଲିସ୍ । କନ୍ଧମାଳ ଏସପି ଶ୍ରୀ ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ସାଇବର୍ ଏକ୍ସପର୍ଟଙ୍କ ସମେତ ଟ୍ରାକିଙ୍ଗ କରି ମଧ୍ୟପ୍ରଦେଶ ଯାଇ ତାକୁ ଗିରଫ କରିଛନ୍ତି । ତା' ଠାରୁ ଏକ ମହିନ୍ଦ୍ରା ସ୍କର୍ପିଓ ଏନ୍(ଏମ. ପି. ୧୭ ଜେଡ୍ ଆର୍ ୯୩୭୫)ଗାଡି ସମେତ ଚାରିଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଆଜି ଫୁଲବାଣୀ ସ୍ଥିତ ପୋଲିସ୍ ମୁଖ୍ୟାଳୟରେ ଗଣମାଧ୍ୟମକୁ ଏହି ସୂଚନା କନ୍ଧମାଳ ଏସ୍‌ପି ଶ୍ରୀ ରାମେନ୍ଦ୍ର ପ୍ରସାଦ । ସେ ଦେଇଥିବା ସୂଚନା ଅନୁଯାୟୀ କିଙ୍ଗପିନ୍ ସାଡ୍ୱେରିଆ ଗତ ପ୍ରାୟ ଦୁଇ ବର୍ଷ ହେଲା କନ୍ଧମାଳ ଜିଲ୍ଲାରେ ଏହି ଗଞ୍ଜେଇ କାରବାରରେ ଲିପ୍ତ ଥିବା ନେଇ ପୋଲିସ୍ ନିକଟରେ ଖବର ଥିଲା । କନ୍ଧମାଳ ପୋଲିସ୍ ପକ୍ଷରୁ ନିଶା ମୁକ୍ତ ଭାରତ ଅଭିଯାନ କୁ ସଫଳ କରିବା ପାଇଁ ରାଜ୍ୟ ଉଚ୍ଚ ପୋଲିସ୍ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଏହି ଅଭିଯାନ ପାଇଁ ସମର୍ପିତ ଥିବା ଜିଲ୍ଲା ପୋଲିସ୍ ର ଟିମ୍ ଜୋରଦାର ଭାବରେ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ ।

## ବ୍ରଜରାଜନଗରରେ ୩.୩୨୦ କେଜି ଗଞ୍ଜେଇ ଜବତ : ଜଣେ ମାଦକ ବ୍ୟବସାୟୀ ଗିରଫ

ଝାରସୁଗୁଡ଼ା, ୦୧/୦୭ (ନି.ପ୍ର): ମାଦକ ଦ୍ରବ୍ୟ କାରବାର ବିରୋଧରେ ବ୍ରଜରାଜନଗର ପୋଲିସ ଏକ ବଡ଼ ସଫଳତା ହାସଲ କରିଛି । ରବିବାର ରାମପୁର ଫାଣ୍ଡି ଅଧୀନ ରାମପୁର କୋଲିୟାରୀ ଛକ ନମ୍ବର-୫ ନିକଟରେ ନିୟମିତ ଗାଡ଼ି ଯାଂଚ୍ ବେଳେ ପୋଲିସ ୩ କେଜି ୩୨୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ମାଦକ ବ୍ୟବସାୟୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପବନ ପ୍ରଧାନ (୫୧) । ସେ ଏକ ହିରୋ ସ୍ପ୍ଲେଣ୍ଡର ମୋଟରସାଇକେଲ ନମ୍ବର (ଓଡି-୨୩-ସି-୩୩୪୪) ଯୋଗେ ଗଞ୍ଜେଇ ପରିବହନ କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ । ଉପ-ନିରୀକ୍ଷକ (ଏସ୍‌ଆଇ) ସୁଦର୍ଶନ ବେହେରାଙ୍କ ନେତୃତ୍ୱରେ ପୋଲିସ ଦଳ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା । ଏନ୍ଡିପିଏସ୍ ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ ଆଇନଗତ ପ୍ରକ୍ରିୟା, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ତଲାସୀ କରାଯାଇଥିଲା । ଚଢ଼ଉ ସମୟରେ ପୋଲିସ ୩.୩୨୦ କେଜି ଗଞ୍ଜେଇ, ଏକ ହିରୋ ସ୍ପ୍ଲେଣ୍ଡର ମୋଟରସାଇକେଲ, ଏକ ରିଅଲମି ମୋବାଇଲ ଫୋନ, ୪୫୦ ଟଙ୍କା ନଗଦ, ଗଞ୍ଜେଇ ପ୍ୟାକିଂ ସାମଗ୍ରୀ ସମେତ ଅନ୍ୟାନ୍ୟ ଆପତିଜନକ ସାମଗ୍ରୀ ଜବତ କରିଛି । ଏହି ଘଟଣାରେ ଏନ୍ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ସସ)(ବି) ଅନୁଯାୟୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

## ଝାରସୁଗୁଡ଼ାର ୨୦ ଜଣ ପିତୃମାତୃହୀନ ଛାତ୍ରଛାତ୍ରୀଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତର ପଦକ୍ଷେପ: ଏସଆଇଏଚଏମ ବଲାଙ୍ଗୀରରେ ନାମଲେଖା ଓ ପ୍ରଶିକ୍ଷଣ ପାଇଁ ଶୁଭାରମ୍ଭ ହେଲା ଯାତ୍ରା

ଝାରସୁଗୁଡ଼ା, ୦୧/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚଓ୍ୱାଣଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ମୁନିସିପାଲିଟି ଅଂଚଳରୁ ଚୟନୀତ ୨୦ ଜଣ ପିତୃମାତୃହୀନ ଛାତ୍ରଛାତ୍ରୀ ଆଜି ରାଜ୍ୟର ପ୍ରମୁଖ ଆତିଥ୍ୟ ଓ ହୋଟେଲ ପରିଚାଳନା ପ୍ରଶିକ୍ଷଣ ପ୍ରତିଷ୍ଠାନ ଷ୍ଟେଟ୍ ଇନଷ୍ଟିଟ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ (ଏସଆଇଏଚଏମ), ବଲାଙ୍ଗୀରରେ ନାମଲେଖା ଓ ପ୍ରଶିକ୍ଷଣ ଗ୍ରହଣ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି । ଆତିଥ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରି ସ୍ୱାବଲମ୍ବୀ ହେବାର ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଚୟନୀତ ଛାତ୍ରଛାତ୍ରୀମାନଙ୍କୁ ଏସ ଆଇ ଏଚ ଏମ ବଲାଙ୍ଗୀର ପଠାଯାଇଛି । ଏହି ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ନିଷ୍ଠା, ଅଧ୍ୟବସାୟ ଓ ପରିଶ୍ରମର ସହିତ ପ୍ରଶିକ୍ଷଣ ଗ୍ରହଣ କରି ଆତିଥ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ସହିତ ଝାରସୁଗୁଡ଼ା ଜିଲ୍ଲାର ଗୌରବ ବୃଦ୍ଧି କରିବେ ବୋଲି କାମନା କରିଥିଲେ । ଏହି ସମଗ୍ର କାର୍ଯ୍ୟକ୍ରମ ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମନିୟୋଜନ ଅଧିକାରୀ ସଙ୍ଗୀତା ମେହେରଙ୍କ ସମନ୍ୱୟରେ ସମ୍ପାଦିତ ହୋଇଥିଲା । ସେହିପରି ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଚୂଡ଼ାମଣି ପଣ୍ଡା ନିଜେ ଛାତ୍ରଛାତ୍ରୀମାନଙ୍କ ସହ ବଲାଙ୍ଗୀର ଯାଇ ସେମାନଙ୍କ ନାମଲେଖା ପ୍ରକ୍ରିୟାକୁ ସୁନିଶ୍ଚିତ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ୨୦ ଜଣ ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ପ୍ରଚଳିତ ଯଶୋଦା ଯୋଜନା, ଗ୍ରୀନ୍ ପ୍ୟାସେଜ୍ ଯୋଜନା ଏବଂ ଦକ୍ଷତା ବିକାଶ ଯୋଜନା ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ଯୋଜନାରୁ ଉପକୃତ ହୋଇ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଜିଲ୍ଲା ପ୍ରଶାସନ ସୁନିଶ୍ଚିତ କରିଛନ୍ତି । ଦକ୍ଷତା ବିକାଶ, ଗୁଣାତ୍ମକ ପ୍ରଶିକ୍ଷଣ ଏବଂ ରୋଜଗାରମୁଖୀ ଶିକ୍ଷା ମାଧ୍ୟମରେ ପିତୃମାତୃହୀନ ତଥା ଅସହାୟ ଯୁବପିଢ଼ୀଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପ ଏକ ଉଲ୍ଲେଖନୀୟ ଏବଂ ମାନବିକ ପ୍ରୟାସ । ଏହା ମାଧ୍ୟମରେ ଏହି ଛାତ୍ରଛାତ୍ରୀମାନେ ନିଜ ଜୀବନରେ ସଫଳତା ହାସଲ କରିବା ସହ ରାଜ୍ୟର ଆତିଥ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳ ଭାବେ ପ୍ରତିଷ୍ଠିତ ହେବେ ବୋଲି ଜିଲ୍ଲା ପ୍ରଶାସନ ଆଶାବ୍ୟକ୍ତ କରିଛନ୍ତି ।

## ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାରେ ପୁଲିସ ଫୋର୍ସଙ୍କ ଯୋଗଦାନ: ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ପୁଲିସ ଫୋର୍ସକୁ ସ୍ୱାଗତ

ରାଇରଙ୍ଗପୁର, ୦୧/୦୭ (ନି.ପ୍ର): ରାଇରଙ୍ଗପୁରରେ ନୂତନ ପୁଲିସ ଜିଲ୍ଲା ପାଇଁ ଗତ ୧୯ ତାରିଖରେ ମହାମହିମ ରାଷ୍ଟ୍ରପତିଙ୍କ କରକମଳରେ ଆରକ୍ଷୀ ଅଧିକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଗୃହ ଉଦଘାଟିତ ହେବାପରେ ଇତିମଧ୍ୟରେ ଜିଲ୍ଲାରେ ପ୍ରଥମ ଆରକ୍ଷୀ ଅଧିକ୍ଷକ ଭାବେ ସୁରେଶ ଚନ୍ଦ୍ର ପାତ୍ର ଯୋଗଦାନ କରିଛନ୍ତି । ନୂତନ ପୁଲିସ ଜିଲ୍ଲାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆଜି ପ୍ରଥମ ପର୍ଯ୍ୟାୟରେ ୧୦୦ ଜଣିଆ ପୋଲିସ ଫୋର୍ସ ଏଠାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହି ଉପଲକ୍ଷେ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ଆର.ଆଇ. ଲକ୍ଷ୍ମୀ ରଞ୍ଜନ, ସବଇନିସପେକ୍ଟର ରଞ୍ଜନ ସେଠୀ, କାର୍ଯ୍ୟାଳୟର ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ, କର୍ମଚାରୀଙ୍କ ସମେତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ ।

ପୁଲିସ ଫୋର୍ସକୁ ସ୍ୱାଗତ କରିବା ଅବସରରେ ଆରକ୍ଷୀ ଅଧିକ୍ଷକ କହିଥିଲେ ଯେ, ଆଜିର ଦିନ ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାର ଇତିହାସରେ ଏକ ସ୍ୱର୍ଣ୍ଣିମ ଓ ସ୍ମରଣୀୟ ଅଧ୍ୟାୟ ହୋଇ ରହିବ । ଏହି ନୂତନ ପୁଲିସ ଜିଲ୍ଲାରେ ପୁଲିସ ଫୋର୍ସର ଆଗମନ କେବଳ ଜଣେ କର୍ମଚାରୀଙ୍କ ଯୋଗଦାନ ନୁହେଁ, ବରଂ ଆଇନର ଶାସନକୁ ସୁଦୃଢ଼ କରିବା, ଜନସାଧାରଣଙ୍କୁ ଉତମ ସେବା ପ୍ରଦାନ କରିବା ଏବଂ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷାକୁ ଆହୁରି ମଜବୁତ କରିବା ଦିଗରେ ଏକ ନୂତନ ପଦକ୍ଷେପ । ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସେ ପୁଷ୍ପ ଗୁଚ୍ଛ ଦେଇ ପୁଲିସ ଜିଲ୍ଲା ପକ୍ଷରୁ ହାର୍ଦ୍ଦିକ ସ୍ୱାଗତ ଜଣାଇଥିଲେ । ଅଧିକାରୀ ଓ କର୍ମଚାରୀମାନଙ୍କୁ ମାର୍ଗଦର୍ଶନ ଦେବା ସହିତ ଉତ୍ସାହିତ କରିବା ଉଦ୍ଦେଶ୍ୟରେ କହିଥିଲେ ଆପଣମାନଙ୍କର ଅନୁଭବ, ଦକ୍ଷତା, ନିଷ୍ଠା ଓ କର୍ତବ୍ୟପରାୟଣତା ଏହି ଜିଲ୍ଲାର ପୁଲିସ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ । ଆମର ଲକ୍ଷ୍ୟ କେବଳ ଅପରାଧ ନିୟନ୍ତ୍ରଣ ନୁହେଁ, ବରଂ ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା, ସମ୍ବେଦନଶୀଳତା ସହିତ ସେବା ପ୍ରଦାନ କରିବା ଏବଂ ଜନସାଧାରଣଙ୍କ ସହ ସୁଦୃଢ଼ ସମ୍ପର୍କ ଗଢ଼ି ତୋଳିବା । ଆମେ ସମସ୍ତେ ଏକ ଟିମ୍ ଭାବେ କାର୍ଯ୍ୟ କରି ଏହି ନୂତନ ପୁଲିସ ଜିଲ୍ଲାକୁ ରାଜ୍ୟର ଏକ ଆଦର୍ଶ ପୁଲିସ ଜିଲ୍ଲାରେ ପରିଣତ କରିବା ପାଇଁ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ ଜଣାଇଥିଲେ । ସମସ୍ତଙ୍କ ସହଯୋଗ, ଶୃଙ୍ଖଳା, ସତ୍ୟନିଷ୍ଠା ଏବଂ ଉତ୍ସର୍ଗୀକୃତ ସେବା ଆମର ସଫଳତାର ମୂଳ ଆଧାର ହେବ ଏବଂ ସମସ୍ତଙ୍କ ମିଳିତ ପ୍ରୟାସରେ ଜିଲ୍ଲାରେ ଏକ ସୁରକ୍ଷିତ, ଅପରାଧମୁକ୍ତ ଓ ଅଂଚଳବାସୀଙ୍କ ପାଇଁ ଏକ ଜନବନ୍ଧବ ପୁଲିସ ବ୍ୟବସ୍ଥା ଗଢ଼ି ତୋଳିବା ଆମର ପ୍ରତିବଦ୍ଧତା ରହିବ । ଶେଷରେ ଆରକ୍ଷୀ ଅଧିକ୍ଷକ ଓ ଅଧିକାରୀବୃନ୍ଦ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସେମାନଙ୍କ ଉପସ୍ଥିତି ପାଇଁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ ।

## ୪୦ଟି ଫେକ୍ ହୋଟେଲ ୱେବସାଇଟ: ଇମେଲ ଟେକ୍-ଡାଉନ କଲା ପୁରୀ ପୋଲିସ

ପୁରୀ, ୦୧/୦୭ (ନି.ପ୍ର): ଆଗାମୀ ପବିତ୍ର ରଥଯାତ୍ରା ୨୦୨୬ ଉପଲକ୍ଷେ ଦେଶ ଓ ବିଦେଶର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଭକ୍ତ ପୁରୀକୁ ଆଗମନ କରିବେ । ଏହି ପରିପ୍ରେକ୍ଷୀରେ ହୋଟେଲ ବୁକିଂ ନାମରେ ସାଇବର ଠକେଇ ବୃଦ୍ଧି ପାଇବାର ଆଶଙ୍କାକୁ ନଜରରେ ରଖି ପୁରୀ ପୋଲିସ ପକ୍ଷରୁ ସାଇବର ଠକେଇ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଏହି ନିରୀକ୍ଷଣ ସମୟରେ ପୁରୀ ସହରର ବିଭିନ୍ନ ହୋଟେଲ ନାମରେ ଅନେକ ଫେକ୍ ୱେବସାଇଟ ଚାଲୁ ଥିବା ଚିହ୍ନଟ କରି ସେଗୁଡିକୁ ହଟାଇ ଦିଆଯାଇଛି । ସାଇବର ଅପରାଧୀମାନେ ଏହି ଭୁଆ ୱେବସାଇଟ ମାଧ୍ୟମରେ ହୋଟେଲ ବୁକିଂ ନାମରେ ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ଠକୁଥିଲେ ଏବଂ ଅବୈଧ ଭାବରେ ଟଙ୍କା ଆଦାୟ କରୁଥିଲେ । ୪୦ଟି ଫେକ୍ ୱେବସାଇଟ, ଇମେଲ ଚାଲୁ ଥିବା ଜଣାପଡ଼ିଛି । ଏହି ସାଇଟଗୁଡ଼ିକରେ ହୋଟେଲର ନାମ, ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡିକୁ ଅବୈଧ ଭାବରେ ବ୍ୟବହାର କରାଯାଉଥିଲା । ଏଥିସହିତ ଭିନ୍ନ ଭିନ୍ନ ଫେକ ଇ-ମେଲ୍ ଆଇଡି ମାଧ୍ୟମରେ ଗ୍ରାହକଙ୍କ ସହ ଯୋଗାଯୋଗ କରି ଠକେଇ କରାଯାଉଥିଲା । ପୁରୀ ପୋଲିସ ପକ୍ଷରୁ ତୁରନ୍ତ କଡ଼ା ପଦକ୍ଷେପ ଗ୍ରହଣ କରାଯାଇ ସମ୍ପୃକ୍ତ ସମସ୍ତ ଫେକ୍ ୱେବସାଇଟକୁ ସଫଳତାର ସହ ଟେକ୍-ଡାଉନ କରାଯାଇଛି । ଏହା ଫଳରେ ଉକ୍ତ ୱେବସାଇଟ ମାଧ୍ୟମରେ ଆଗାମୀ ଠକେଇର ସମ୍ଭାବନାକୁ ଅନେକାଂଶରେ ରୋକାଯାଇପାରିବ । ଏହି ଘଟଣାରେ ଏସ୍ପି ପୁରୀ ପ୍ରତୀକ ସିଂ କହିଛନ୍ତି ଯେ, ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁରକ୍ଷା ପୁରୀ ପୋଲିସର ପ୍ରଥମ ପ୍ରାଥମିକତା । ସାଇବର ଅପରାଧ ବିରୋଧରେ ପୁରୀ ପୋଲିସ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରୁଛି ଏବଂ ଏପରି ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ ଜାରି ରହିବ । ପୁରୀ ପୋଲିସ ସମସ୍ତ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ସଚେତନତାମୂଳକ ପରାମର୍ଶ ଯେ, ହୋଟେଲ ବୁକିଂ ପୂର୍ବରୁ ୱେବସାଇଟର ସତ୍ୟତା ଯାଂଚ୍ କରନ୍ତୁ । କେବଳ ଅଫିସିଆଲ ୱେବସାଇଟ ମାଧ୍ୟମରେ ବୁକିଂ କରନ୍ତୁ । ଅତ୍ୟଧିକ ଶସ୍ତା ଅଫର କିମ୍ବା ଅସ୍ୱାଭାବିକ ଡିସକାଉଂଟ ଦେଖି ବୁକିଂ କରନ୍ତୁ ନାହିଁ । ବୁକିଂ ପୂର୍ବରୁ ହୋଟେଲ ସହ ସିଧାସଳଖ ଯୋଗାଯୋଗ କରି ସତ୍ୟତା ଜାଣନ୍ତୁ । ଅଜଣା ବ୍ୟାଙ୍କ ଆକାଉଂଟ, ୟୁପିଆଇ କିମ୍ବା. କ୍ୟୁ ଆର କୋଡ କୁ ଟଙ୍କା ପଠାନ୍ତୁ ନାହିଁ । ଯଦି କୌଣସି ଫେକ୍ ୱେବସାଇଟ, ଫେକ ବୁକିଂ ଲିଙ୍କ କିମ୍ବା ସନ୍ଦେହଜନକ ସାଇବର କାର୍ଯ୍ୟକଳାପ ଆପଣଙ୍କ ନଜରକୁ ଆସେ, ତେବେ ସାଇବର ହେଲ୍ପଲାଇନ୍ : ୧୯୩୦, ପୁରୀ ସାଇବର ହେଲ୍ପଲାଇନ୍ : ୮୨୮୦୪୯୧୩୦୦ କୁ ଯୋଗାଯୋଗ କରନ୍ତୁ । ଆଗାମୀ ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ସୁଚାରୁ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପୁରୀ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ସମସ୍ତଙ୍କୁ ଅନୁରୋଧ ସଚେତନ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ଏବଂ ସନ୍ଦେହଜନକ କୌଣସି ଘଟଣା ଦେଖିଲେ ତୁରନ୍ତ ପୋଲିସକୁ ଜଣାନ୍ତୁ ।

## ଭିବି-ଜି ରାମ ଜି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନେଇ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର

ନୂଆପଡ଼ା, ୦୧/୦୭ (ନି.ପ୍ର): ଭିବି-ଜି ରାମ ଜି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନେଇ ବ୍ଲକ୍ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ନିମନ୍ତେ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ନୂଆପଡ଼ା ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ, ନୂଆପଡ଼ା ପକ୍ଷରୁ ଆୟୋଜିତ ଏହି ଶିବିର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଧରୁଆ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ବିଡିଓ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଭିବି-ଜି ରାମ ଜି ଯୋଜନା ଗ୍ରାମୀଣ ପରିବାରକୁ ରୋଜଗାର ନିଶ୍ଚିତତା ଯୋଗାଇବା ସହ ଗ୍ରାମାଚଂଳରେ ସ୍ଥାୟୀ ସମ୍ପତି ସୃଷ୍ଟି ଉପରେ ଆଧାରିତ । ଏହି ଯୋଜନାରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରି ଭିତିକ ରୋଜଗାର ଯୋଗାଇବାର ବ୍ୟବସ୍ଥା ରହିଛି । ପ୍ରଶିକ୍ଷଣ ଶିବିରରେ ଜିଲ୍ଲାପାଳ ଶ୍ରୀ ଦାଶ ଯୋଜନାର ସୁଚାରୁ ରୂପାୟନ ପାଇଁ ସମସ୍ତ ବିଭାଗର ସମନ୍ୱୟ ଓ ଟିମ୍ ସ୍ପିରିଟ୍ ରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ବିଡିଓମାନେ ଯୋଜନାର ସମସ୍ତ ନିୟମ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ସ୍ପଷ୍ଟ ଧାରଣା ରଖି କ୍ଷେତ୍ରସ୍ତରରେ ଏହାକୁ ସଫଳ କରିବାକୁ ସେ କହିଥିଲେ । ସେ କହିଥିଲେ, ଯୋଜନାର ଉଦ୍ଦେଶ୍ୟ କେବଳ ରୋଜଗାର ଯୋଗାଇବା ନୁହେଁ, ବରଂ ଗ୍ରାମାଚଂଳରେ ଦୀର୍ଘସ୍ଥାୟୀ ଭିତିଭୂମି ଓ ସମ୍ପତି ସୃଷ୍ଟି କରିବା ।

# ବାଲେଶ୍ୱରର ଆଶୁ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସିଭିଲ୍ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ବାଲେଶ୍ୱର, ୦୧/୭ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ତିନୋଟି ପ୍ରମୁଖ ସମସ୍ୟା ସଂପର୍କରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଲିଖିତ ଦାବିପତ୍ର ବୁଧବାର ପୂର୍ବାହ୍ନରେ ପ୍ରଦାନ କରାଯାଇଛି। ବାଲେଶ୍ୱର ସହରରେ ଥିବା ସରକାରୀ ଜମିକୁ ଅବରୋଧ ମୁକ୍ତ କରିବା, ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ଓ ସରକାରୀ ବିଦ୍ୟାଳୟରେ ୧ମ ଶ୍ରେଣୀଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଚଳିତବର୍ଷର ନୂତନ ପାଠ୍ୟପୁସ୍ତକକୁ ସଂପୂର୍ଣ୍ଣ ତ୍ରୁଟିମୁକ୍ତ କରି ଛାତ୍ରଛାତ୍ରୀମାନଙ୍କୁ ତୁରନ୍ତ ଯୋଗାଇଦେବା ପାଇଁ ସିଭିଲ୍ ସୋସାଇଟି ଦାବି କରିଛି। ଗତ ୨୦୦ ବର୍ଷ ତଳର ବାଲେଶ୍ୱର ସହରରେ ଏବେ ଯାନବାହନ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ସହରକୁ ମୁଖ୍ୟ ପ୍ରବେଶ ପଥ (ଓ.ଟି. ରୋଡ୍) ସଂପ୍ରସାରଣ ପାଇଁ ସରକାରଙ୍କ ନିଷ୍ପତ୍ତିକୁ ସିଭିଲ୍ ସୋସାଇଟି ସ୍ୱାଗତ କରିଛି। ଏହି ସଂପ୍ରସାରଣରେ ସରକାରୀ ଜମିକୁ ଅବରୋଧ କରାଯାଇଥିବାରୁ ସଂପ୍ରସାରଣ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନାହିଁ। ତାମୁଲିଆ ଓଭରବ୍ରିଜ୍ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ଜବରଦଖଲରେ ଥିବା ବହୁ ପକ୍କାନିର୍ମାଣ ଓ ବିଦ୍ୟୁତଖୁଣ୍ଟ, ଟ୍ରାନ୍ସଫର୍ମର ଗୁଡ଼ିକୁ ଉଚ୍ଛେଦ କରାଯାଇନାହିଁ। ତେଣୁ ରାସ୍ତା ସଂପ୍ରସାରଣ ଓ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନାହିଁ। ଅଙ୍ଗାରଗଡ଼ିଆ, ତେଲେଙ୍ଗା ସାହି ଓ ପଢୁଆଁପଦା ମୌଜାରେ ଥିବା ପ୍ରାୟ ୪୦ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଇ ସେଠାରେ ନୂତନ ମାର୍କେଟ ଓ ଦୈନିକ ହାଟ ପ୍ରତିଷ୍ଠାପାଇଁ ସିଭିଲ୍ ସୋସାଇଟି ସରକାରଙ୍କୁ ଏହି ଚିଠି ଦେଇଛି। ରାସ୍ତା ପାର୍ଶ୍ୱରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀମାନଙ୍କୁ ଏହି ନୂତନ ପ୍ରସ୍ତାବିତ ମାର୍କେଟ୍ ଓ ଦୈନିକ ହାଟରେ ବ୍ୟବସାୟ ପାଇଁ ଥଇଥାନ ପାଇଁ ଓ ଯାନବାହନ ପାର୍କିଂରେ ସୁଯୋଗ ଦିଆଯାଇପାରନ୍ତା ବୋଲି ସିଭିଲ୍ ସୋସାଇଟି ମତ ଦେଇଛି। ବାଲେଶ୍ୱର ସହର ସମେତ ସମଗ୍ର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇଯାଇଛି। ପ୍ରକାଶ୍ୟ ଦିବାଲୋକରେ ହତ୍ୟା, ଛିନତାଇ, ମହିଳାମାନଙ୍କ ଉପରେ ଅତ୍ୟାଚାର ଓ ହିଂସା ବଢ଼ିଚାଲିଛି। ଅସାମାଜିକ ବ୍ୟକ୍ତିମାନେ ବନ୍ଧୁକ ଓ ମାରଣାସ୍ତ୍ର ଧରି ସଡ଼କରେ ବୁଲୁଛନ୍ତି। ମଦ ଓ ଉତ୍କଟ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ନିଶାସକ୍ତଙ୍କ ପାଇଁ ବହୁ ଦୁର୍ଘଟଣା ଓ ଅଘଟଣ ଘଟୁଛି। ପୋଲିସ୍ ଓ ଅବକାରୀ ବିଭାଗର ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇନର ଶାସନ ଚାଲୁଥିବାର ସାଧାରଣ ଜନତା ଜାଣିପାରୁ ନାହାନ୍ତି। ଏତଦ୍‌ଭିନ୍ନ ରାଜ୍ୟରେ ଜାତୀୟ ଶିକ୍ଷାନୀତି ପ୍ରଚଳନ ପାଇଁ ସରକାରୀ ପାଠ୍ୟପୁସ୍ତକରେ ଅକ୍ଷମଣୀୟ ତ୍ରୁଟି ରହିଛି। ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟ ପୁସ୍ତକ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରି ତୁରନ୍ତ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ ପାଇଁ ସିଭିଲ୍ ସୋସାଇଟି ଅନୁରୋଧ କରିଛି। ଏହି ତ୍ରୁଟି ପାଇଁ ଦୋଷୀ ବ୍ୟକ୍ତିଙ୍କ ଠାରୁ ବହି ଛପା ବାବଦକୁ ସମସ୍ତ କ୍ଷତି ଭରଣା ନିମିତ୍ତ ଶିକ୍ଷାବିଭାଗ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସିଭିଲ୍ ସୋସାଇଟି ଦାବି କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରରେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ସର୍ବଶ୍ରୀ ଅଜିତ କୁମାର ବରାଳ, ମଳୟ ରାୟ, ଶ୍ୟାମସୁନ୍ଦର ଜେନା, କମଳାକାନ୍ତ ବେହେରା, ସନ୍ତୋଷ କୁମାର ସାହୁ, ଅରୁଣ ଜେନା ଓ ମହମ୍ମଦ ଇସଲାମ ପ୍ରମୁଖ ସଦସ୍ୟ ଓ କର୍ମକର୍ତ୍ତା ସ୍ୱାକ୍ଷର କରିଛନ୍ତି।

# ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପରେ ପଲ୍ସ ପୋଲିଓ ଅଭିଯାନ




ପାରାଦ୍ୱୀପ, ୦୧/୭ (ନି.ପ୍ର): ଭାରତ ସରକାରଙ୍କ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ କରି ଏଏମ୍/ଏନ୍ଏସ୍ ପୋର୍ଟସ୍ ଭାରତ ସରକାରଙ୍କ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ କରି ପାରାଦ୍ୱୀପର ପ୍ରତ୍ୟେକ ଲୋକଙ୍କ ପାଖରେ ଜୀବନରକ୍ଷାକାରୀ ପୋଲିଓ ଟିକା ପହଞ୍ଚିବା ସୁନିଶ୍ଚିତ କରିବା ସହ ଜନସ୍ୱାସ୍ଥ୍ୟ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଛି। ୨୮ ରୁ ୩୦ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନ ବିଜୁ ମେମୋରିଆଲ୍ ହସ୍ପିଟାଲ୍ର ସହଯୋଗରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଟିକାକରଣ କେନ୍ଦ୍ରଗୁଡ଼ିକୁ ଭ୍ୟାକ୍ସିନ୍ କ୍ୟାରିୟର୍ ଯୋଗାଇବା ସହ ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲା। ଏହି ଅଭିଯାନ ଅବଧି ମଧ୍ୟରେ, ୧୯ଟି ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନରେ ପାଞ୍ଚ ବର୍ଷରୁ କମ୍ ବୟସର ସମୁଦାୟ ୬,୫୫୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ ହସ୍ପିଟାଲ, ଶିକ୍ଷାଞ୍ଚଳ, ମତ୍ସ୍ୟଜୀବୀ ବସ୍ତି, ସ୍ଲମ୍ ଅଞ୍ଚଳ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବସ୍ ଟର୍ମିନାଲ୍ ଓ ରେଳ ଷ୍ଟେସନ୍ ଭଳି ଜନଗହଳିପୂର୍ଣ୍ଣ ଗମନାଗମନ ସ୍ଥଳଗୁଡ଼ିକୁ ସାମିଲ କରାଯାଇଥିଲା। ଏହି ଟୀକାକରଣ କାର୍ଯ୍ୟକ୍ରମ ଏକ ସୁଚିନ୍ତିତ ତିନି ଦିନିଆ ଯୋଜନା ଅନୁଯାୟୀ ପରିଚାଳିତ ହୋଇଥିଲା, ଯେଉଁଥିରେ ପ୍ରଥମ ଦିନ ବୁଥ୍ ଜରିଆରେ, ଦ୍ୱିତୀୟ ଦିନ ଘରକୁ ଘର ବୁଲି ଏବଂ ଶେଷ ଦିନରେ ପ୍ରତ୍ୟେକ ପରିବାର ପାଖରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଚୂଡ଼ାନ୍ତ ତଦାରଖ କରାଯାଇଥିଲା। ପାରାଦୀପର ବିଜୟଚନ୍ଦ୍ରପୁର, ଶଣ୍ଢକୁଦ, ନେହେରୁ ବଙ୍ଗଳା, ଅଠରବାଙ୍କି, ପାରାଦ୍ୱୀପ ସମୁଦ୍ର ବେଳାଭୂମି ଏବଂ ବଜାର ଅଞ୍ଚଳ ଭଳି ବିଭିନ୍ନ ବସ୍ତି ଅଞ୍ଚଳରେ ସହାୟକ ନର୍ସ ମିଡୱାଇଫ୍ (ଏଏନ୍ଏମ୍), ଅଙ୍ଗନବାଡ଼ି କର୍ମୀ, ଆଶା ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନଗୁଡ଼ିକ ସହିତ ଏଏମ୍/ଏନ୍ଏସ୍ ପୋର୍ଟସ୍ର ସିଏସଆର ଟିମ୍ ନିରନ୍ତର ପରିଶ୍ରମ କରି ଏହି ଅଭିଯାନକୁ ସଫଳ କରିଥିଲେ। ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିବା ପାଇଁ ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ କମ୍ପାନୀର କନଭେୟର ବେଲ୍ଟ ଲାଇନ୍ ଅଞ୍ଚଳ ଅନ୍ତର୍ଗତ ଲକପଡ଼ା ଟ୍ରାନ୍‌ଜିଟ୍ ପଏଣ୍ଟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ପୌରପାଳିକାର ଉପାଧକ୍ଷା ଶ୍ରୀମତୀ ଛବିଲତା ରାଉତଙ୍କ ସମେତ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନେ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। କନଭେୟର ବେଲ୍ଟ ଲାଇନ୍ ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପଲ୍ସ ପୋଲିଓ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା ଯାହା ଅଭିଯାନର ପରିସର ଓ ପ୍ରଭାବକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିଥିଲା। ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ଏଡିଏମ୍ଓ) ଡା. ବସନ୍ତ କୁମାର ବାରିକ ଏବଂ ପାରାଦ୍ୱୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ଆୟୁଷ ଚିକିତ୍ସକ ଡା. ଆସିଫ୍ ଇକବାଲ୍‌ଙ୍କ ସହ ହସ୍ପିଟାଲର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ସମଗ୍ର ପଲ୍ସ ପୋଲିଓ ଅଭିଯାନର ତଦାରଖ କରିଥିଲେ। ସେମାନଙ୍କର ସମନ୍ୱିତ ପ୍ରୟାସ ଫଳରେ ପାରାଦ୍ୱୀପର ପ୍ରତ୍ୟେକ ଶିଶୁ ପୋଲିଓ ଟିକାକରଣର ସୁରକ୍ଷା କବଚ ପ୍ରଦାନ କରିବା ସୁନିଶ୍ଚିତ କରିଥିଲା। ଏହି ପଦକ୍ଷେପ ସମୁଦାୟର ସ୍ୱାସ୍ଥ୍ୟ ରକ୍ଷା କରିବା ଏବଂ ଏକ ପୋଲିଓ ମୁକ୍ତ ଭବିଷ୍ୟତ ପାଇଁ ସରକାରୀ ଓ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ସହ ଭାଗିଦାରୀକୁ ସୁଦୃଢ଼ କରିବା ଦିଗରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି।

## ବସ୍ତାରେ ୨୬ ଗ୍ରାମ ବ୍ରାଉନସୁଗାର ଜବତ: ୨ ଅଭିଯୁକ୍ତ ଗିରଫ

ବସ୍ତା ୧/୭(ନିପ୍ର):ବାଲେଶ୍ୱର ଜିଲ୍ଲା ବସ୍ତା ପୋଲିସକୁ ନିଶା କାରବାର ବିରୋଧୀ ଅଭିଯାନରେ ପୁଣି ଥରେ ବଡ଼ ସଫଳତା ମିଳିଛି। ଅମର୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକଙ୍କ ନେତୃତ୍ୱରେ ଚାଲିଥିବା ସ୍ୱତନ୍ତ୍ର ଚଢ଼ାଉ ବେଳେ ବସ୍ତା ଥାନା ଅନ୍ତର୍ଗତ ନଳବାହାର ନିକଟରେ ଦୁଇ ଜଣ ନିଶା କାରବାରୀଙ୍କୁ କାବୁ କରାଯାଇଛି।ପୋଲିସ ସୂଚନା ଅନୁଯାୟୀ,ଅଭିଯୁକ୍ତମାନେ ଜଳେଶ୍ୱରରୁ କେନ୍ଦ୍ରାପଡ଼ା ଅଭିମୁଖେ ବ୍ରାଉନସୁଗାର ନେଇ ଯାଉ ଥିବା ବେଳେ ଗୁପ୍ତ ସୂଚନା ଆଧାରରେ ନଳବାହାର ଠାରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୨୬ ଗ୍ରାମ ବ୍ରାଉନସୁଗାର,ନଗଦ ୬ ହଜାର ଟଙ୍କା ଓ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି।ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ବ୍ରାଉନସୁଗାର କେଉଁଠାରୁ ଆଣା ଯାଇଥିଲା ଏବଂ କେଉଁଠାକୁ ଚାଲାଣ ହେବାକୁ ଥିଲା,ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଏହି ଚଢ଼ାଉ ପଛରେ ଆଉ କିଛି ନିଶା କାରବାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।ନିଶା କାରବାରକୁ ରୋକିବା ପାଇଁ ବସ୍ତା ପୋଲିସ ପକ୍ଷରୁ ଲଗାତାର ସ୍ୱତନ୍ତ୍ର ଅଭିଯାନ ଚାଲିଥିବା ବେଳେ ଏହି ସଫଳତାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି। ସମ୍ପୂର୍ଣ୍ଣ ଘଟଣାରେ ଏନଡିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ 'ସ୍ୱଚ୍ଛତା ପଖୱାଡ଼ା-୨୦୨୬'ର ଶୁଭାରମ୍ଭ



ପାରାଦୀପ, ୦୧/୭ (ନି.ପ୍ର): ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀରେ ୦୧ ଜୁଲାଇ ୨୦୨୬ ରେ ସ୍ୱଚ୍ଛତା ପଖୱାଡ଼ା-୨୦୨୬ ଉତ୍ସାହର ସହ ଶୁଭାରମ୍ଭ ହେଇଅଛି ଓ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, ରିଫାଇନରୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଲେ। ଏହି ଅବସରରେ ଶ୍ରୀ ବସୁ, ସ୍ୱଚ୍ଛ ଭାରତ ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ସ୍ୱଚ୍ଛତା ପ୍ରତି ସକ୍ରିୟ ଭାବେ ଭୂମିକା ଗ୍ରହଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସେ ସମସ୍ତଙ୍କୁ କାର୍ଯ୍ୟସ୍ଥଳ, ଗୃହ, ନିକଟବର୍ତ୍ତୀ ଅଞ୍ଚଳ ଏବଂ ରିଫାଇନରୀ ପରିସରରେ ସ୍ୱଚ୍ଛତା ବଜାୟ ରଖିବାକୁ ଆହ୍ୱାନ କରିଥିଲେ। ପାରିପାର୍ଶ୍ୱ ଗ୍ରାମଗୁଡ଼ିକରେ ସ୍ୱଚ୍ଛତା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ, ପାରାଦୀପ ରିଫାଇନରୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ 'ସ୍ୱଚ୍ଛତା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଓ ଜୁଲାଇ ୧ ରୁ ୧୫, ୨୦୨୬ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ସ୍ୱଚ୍ଛତା ପଖୱାଡ଼ା ଅବସରରେ, ସ୍ୱଚ୍ଛତା ସମ୍ପର୍କରେ ସଚେତନତା ପ୍ରସାର କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବ ଓ ଏହି ସ୍ୱଚ୍ଛତା ପଖୱାଡ଼ା ଅବସରରେ, ପାରାଦୀପ ରିଫାଇନରୀ ଏବଂ ପାରିପାର୍ଶ୍ୱ ଗ୍ରାମଗୁଡ଼ିକରେ, ବୃକ୍ଷରୋପଣ ଅଭିଯାନ, ପ୍ଲଗିଂ, ନୁକ୍କଡ଼ ନାଟକ, ସ୍ୱଚ୍ଛତା ଅଭିଯାନ, ସଚେତନତାମୂଳକ ଆଲୋଚନା, ଡଷ୍ଟବିନ୍ ଏବଂ ସ୍ୱଚ୍ଛତା କିଟ୍ ବଣ୍ଟନ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଭଳି ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ।

# ୭୭ତମ ବନ ମହୋତ୍ସବ-୨୦୨୬ ପାଳିତ ଓ ୨୦ରୁ ଅଧିକ ବୃକ୍ଷରୋପଣ




ବାଲିଅନ୍ତା, ୦୧/୭ (ନି.ପ୍ର): ଆଜି ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ, ଗ୍ରିନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ଉତ୍କଳ ଜୟଦେବ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ସୁଦର୍ଶନ ଦାରୁ ପୀଠସ୍ଥିତ ମୋଦୀ ଅରଣ୍ୟ ବାଟିକାରେ ୭୭ତମ ବନ ମହୋତ୍ସବ-୨୦୨୬ ପାଳିତ ହୋଇଯାଇଛି। ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀ ଡ଼. ଅରବିନ୍ଦ ଢାଲି ଯୋଗଦେଇ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ବିଜେପି ନେତା ମାଗୁଣୀ ସେଠୀ, ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଲକ୍ଷ୍ମଣ ଜେନା, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ପ୍ରିୟବ୍ରତ ପାତ୍ର, ହରେକୃଷ୍ଣ ମହାରଣା, ବିଜୟ ନାୟକ, ଓ ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଆମ୍ବ, ନଡ଼ିଆ, ଲେମ୍ବୁ ଆଦିର ୨୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା ଓ ସବୁଜ ବନାନୀ ସୃଷ୍ଟି ପାଇଁ ସମସ୍ତଙ୍କୁ ବୃକ୍ଷରୋପଣ କରିବାକୁ ଅତିଥିମାନେ ଆହ୍ୱାନ ଜଣାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆମେରିକୀୟ ସହାୟତା...

ଆମେରିକାର ସହାୟତା ଇସ୍ରାଏଲର ମୋଟ ପ୍ରତିରକ୍ଷା ବଜେଟର ପ୍ରାୟ ୧୦% ରୁ ୧୫% ପ୍ରତିନିଧିତ୍ୱ କରେ। ଯଦି ଏହି ସହାୟତା ହଠାତ୍ ବନ୍ଦ ହୋଇଯାଏ ତେବେ ଇସ୍ରାଏଲକୁ ନିଜର ଘରୋଇ ବଜେଟର ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣ ପ୍ରତିରକ୍ଷା କ୍ଷେତ୍ରକୁ ସ୍ଥାନାନ୍ତର କରିବାକୁ ପଡିବ ଯାହା ଅତ୍ୟନ୍ତ କଷ୍ଟକର ହେବ। ଇସ୍ରାଏଲର ଏଫ-୩୫ ଗୁପ୍ତ ଯୁଦ୍ଧ ବିମାନ, ଏଫ-୧୫ ଜେଟ୍, ଲୋରା କ୍ଷେପଣାସ୍ତ୍ର, ଅନ୍ୟାନ୍ୟ ଗାଇଡେଡ୍ ବୋମା ସବୁକିଛି ଆମେରିକାରୁ ଆସିଥାଏ କିମ୍ବା ଆମେରିକୀୟ ପାଣ୍ଠିରେ ନିର୍ମିତ ହୋଇଥାଏ। ଆମେରିକୀୟ ପାଣ୍ଠି ଇସ୍ରାଏଲୀ ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମ ଗୁଡ଼ିକର ଗବେଷଣାକୁ ମଧ୍ୟ ପାଣ୍ଠି ଯୋଗାଇଥାଏ। ତେଣୁ, ଯଦି ଇସ୍ରାଏଲ ଆର୍ଥିକ ସହାୟତା ନେବା ବନ୍ଦ କରିଦିଏ, ତେବେ ମଧ୍ୟ ବିମାନସ୍ପେୟାର ପାର୍ଟସ, ସଫ୍ଟୱେର୍ ଅପଗ୍ରେଡ୍ ଏବଂ ଗୋଳାବାରୁଦ ପାଇଁ ଆମେରିକୀୟ କାରଖାନା ଏବଂ ୱାସିଂଟନର ରାଜନୈତିକ ଅନୁମୋଦନ ଉପରେ ନିର୍ଭରଶୀଳ ରହିବ।

### ପଶ୍ଚିମ ଓଡ଼ିଶାକୁ ବଡ଼ ଭେଟି ...

୨୦୧୭ ଆରମ୍ଭ ହୋଇଥିଲା ୧୭୫୦ କୋଟିର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ । ଏହି ପ୍ଲାଣ୍ଟରେ ଧାନ ନଡ଼ାରୁ ଇଥାନଲ୍ ପ୍ରସ୍ତୁତ କରାଯିବ, ଯାହାଦ୍ୱାରା ଚାଷୀ ଉପକୃତ ହେବେ ଏବଂ ପଶ୍ଚିମ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିକୁ ମିଳିବ ବୁଷ୍ଟର ଡୋଜ୍ । ଏହାବାଦ୍ ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଅନ୍ୟାନ୍ୟ ପ୍ରକଳ୍ପର ଉଦଘାଟନ କରି ସାଧାରଣ ସଭାକୁ ସମ୍ବୋଧିତ କରିବେ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବେ । ସେହିପରି ଆଗକୁ ବରଗଡ଼ ଜିଲ୍ଲାରେ ଚିନିକଳ ଏବଂ ସିମେଣ୍ଟ କମ୍ପାନୀକୁ କିପରି କାର୍ଯ୍ୟକ୍ଷମ କରାଯିବ ସେନେଇ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ଦୁଇ ଦିନର ଗସ୍ତ ଅବସରରେ ଭୁବନେଶ୍ୱର ରାଜ୍ୟ ବିଜେପି ମୁଖ୍ୟ କାର୍ଯ୍ୟାଳୟକୁ ଆସିପାରନ୍ତି ଗୃହମନ୍ତ୍ରୀ ଅମିତ୍ ଶାହ । ଦଳୀୟ ମନ୍ତ୍ରୀ, ବିଧାୟକ ଓ ସାଂସଦ ମାନଙ୍କ ସହ ସରକାର ଓ ସଂଗଠନ ନେଇ ଆଲୋଚନା କରିପାରନ୍ତି ବୋଲି ଚର୍ଚ୍ଚା କରାଯାଉଛି ।

### ସରିଲା ପ୍ରଥମ ପର୍ଯ୍ୟାୟ...

କିଛି ସମୟ ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ୍‌ଙ୍କ ଅଧ୍ୟକ୍ଷତାରେ ବସିଥିଲା ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କୁ ନେଇ ବୈଠକ ହୋଇଥିଲା । ଏଥିରୁ ୨୦ ଲକ୍ଷ ଭୋଟର ବାଦ୍ ପଡ଼ିଥିବା ନେଇ ସୂଚନା ମିଳିଛି । ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ, ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଯିବ । ନାଁ କଟିଥିଲେ ଯୋଡ଼ାଯିବ ଏବଂ ଭୋଟର ଲିଷ୍ଟର ସଂଶୋଧନ କରିପାରିବେ । ସେପ୍ଟେମ୍ବର ୯ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

### ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ...

ସେହିପରି ଉଚ୍ଚଶିକ୍ଷା ବିଭାଗ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗୋଟିଏ ଲେଖାଏଁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଧ୍ୟ ରାଜ୍ୟ ମନ୍ତ୍ରୀମଣ୍ଡଳ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି । ବିଭିନ୍ନ ବିଭାଗର ଏହି ପ୍ରସ୍ତାବଗୁଡ଼ିକ ଓଡ଼ିଶାର ଶିକ୍ଷା, କୃଷି, ଚାଷୀ ଓ ଜଳସେଚନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ୪୨ତମ କ୍ୟାବିନେଟ୍ ବୈଠକ ରାଜ୍ୟର ସର୍ବାଙ୍ଗୀନ ବିକାଶ ଦିଗରେ ଏକ ବଡ଼ ପଦକ୍ଷେପ । ଏହି ପ୍ରସ୍ତାବଗୁଡ଼ିକ ମାଧ୍ୟମରେ ସରକାର ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହନ ଦେବା ସହ ଖାଦ୍ୟ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଆହୁରି ସରଳ ଏବଂ ପ୍ରଭାବଶାଳୀ କରିବାକୁ ଲକ୍ଷ୍ୟ ରଖିଛନ୍ତି । କ୍ୟାବିନେଟ୍‌ର ଏହିସବୁ ନିଷ୍ପତ୍ତି ଆଗାମୀ ଦିନରେ ଓଡ଼ିଶାର ପ୍ରଗତି ପଥକୁ ଆହୁରି ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି ।

### ୩୫ କୋଟି ଟଙ୍କାର ପ୍ରଲୋଭନ...

କିଛି ସୂତ୍ର ଅନୁସାରେ, ଡିଏମ୍‌କେ ସହ ସମ୍ଭାବ୍ୟ ସମ୍ପର୍କକୁ ନେଇ ମଧ୍ୟ ତଦନ୍ତ ଚାଲିଛି। ତେବେ ଏହି ଅଭିଯୋଗ ଉପରେ ଡିଏମ୍‌କେ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଅନ୍ୟପକ୍ଷରେ, ଡିଏମ୍‌କେ ମଧ୍ୟ ପାଲଟା ଅଭିଯୋଗ କରିଛି ଯେ, ବିଜୟ ସରକାରବିରୋଧୀ ଦଳର ବିଧାୟକମାନଙ୍କୁ ନିଜ ଦଳକୁ ଆଣିବା ପାଇଁ ପ୍ରୟାସ କରୁଛି। ଏହାକୁ ନେଇ ରାଜ୍ୟର ରାଜନୀତି ସରଗରମ ହୋଇଛି। ଉଭୟ ପକ୍ଷ ପରସ୍ପର ବିରୋଧରେ ବିଧାୟକ କିଣାବିକାର ଅଭିଯୋଗ କରୁଥିବାବେଳେ, ପୁଲିସ ସମସ୍ତ ଦିଗକୁ ଧ୍ୟାନରେ ରଖି ତଦନ୍ତ ଜାରି ରଖିଛି। ତଦନ୍ତ ଶେଷ ହେବା ପରେ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ଅଧିକାରୀମାନେ କହିଛନ୍ତି।

# ବାଲେଶ୍ୱର ଇମାମି ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନ ଓ ଗଜାନନ ବେଶ



ବାଲେଶ୍ୱର , ୦୧/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣା ବାଲ ଗୋପାଳ ପୁର୍ ଶିଳ୍ପାଞ୍ଚଳ ଇମାମି ନଗର ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାସ୍ନାନ ଓ ଗଜାନନ ବେଶ ପୁରୀ ଶ୍ରୀକ୍ଷେତ୍ରର ପାରମ୍ପାରିକ ପଦ୍ଧତି ଓ ନିର୍ଦ୍ଧାରିତ ନୀତି କାନ୍ତି ଅନୁଯାୟୀ ବାଲେଶ୍ୱର ଇମାମି ଜଗନ୍ନାଥ ମନ୍ଦିରରେ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ୍ କୁମାର ପାଢ଼ୀଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି ଦେବସ୍ନାନ ପୂର୍ଣ୍ଣିମାରେ ଜଗନ୍ନାଥ ମନ୍ଦିରରେ ଇମାମି ଗ୍ରୁପ୍‌ର ପ୍ରତିଷ୍ଠାତା ଶ୍ରୀ ରାଧେଶ୍ୟାମ ଅଗ୍ରୱାଲ ଇମାମି ଗ୍ରୁପ୍ ର ଯୁଗ୍ମ ଅଧ୍ୟକ୍ଷ ଶ୍ରୀ ରାଧେଶ୍ୟାମ ଗୋଏଙ୍କ ଇମାମି ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ଶ୍ରୀ ସୁଶିଲ କୁମାର ଖେତାନ, ବରିଷ୍ଠ ସଭାପତି ଶ୍ରୀ ଆଶିଷ ଅବିନାଶ ଗୁପ୍ତା, ଇମାମି ଲେଡ଼ିସ କ୍ଲବ ସଦସ୍ୟ ଗଣ ଯୋଗ ଦେଇଥିଲେ । ଏହି ମହାସ୍ନାନ ଯାତ୍ରାରେ ମଙ୍ଗଳାର୍ପଣ, ଆଜ୍ଞାମାଳ, ଧାଡ଼ି ପହଣ୍ଡି, ମଙ୍ଗଳ ଆଳତି, ଅବକାଶ, ମଇଲମ, ବଲ୍ଲଭ ଭୋଗ ସୁବର୍ଣ୍ଣ କୂପ ପୂଜା ଓ କଳସ ଅଧିବାସ ନୀତି ସହ ୧୦୮ ଟି ପବିତ୍ର କଳସ ରେ ସୁଗନ୍ଧିତ ଜଳ ଦ୍ୱାରା ମହାସ୍ନାନ ହୋଇଥିଲା । ଏହା ଦେଖିବାକୁ ପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଶ୍ରଦ୍ଧାଳୁ ଚତୁର୍ଦ୍ଧା ମୂର୍ତ୍ତି ଗଜାନନ ବେଶ ଦେଖିବା ସଙ୍ଗେ ସଙ୍ଗେ ପ୍ରସାଦ ସେବନ କରିଥିଲେ। ମନ୍ଦିର ରେ ଭକ୍ତି ମୟ ପରିବେଶ ହେବା ସଙ୍ଗେ ବିଭିନ୍ନ ପ୍ରକାର ବାଦ୍ୟ ଘଣ୍ଟ, ଖୁଳ, କୁବଜୀ, ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହେଉଥିଲା । ଭକ୍ତ ଶ୍ରଦ୍ଧାଳୁ ଏହାକୁ ଦେଖି ଆନନ୍ଦିତ ହୋଇଥିଲେ । ଏହି ମହାସ୍ନାନ ଯାତ୍ରା କାର୍ଯ୍ୟ କୁ ଇମାମି ଜଗନ୍ନାଥ ମନ୍ଦିର କର୍ମ କର୍ତ୍ତା ଓ ସ୍ୱେଚ୍ଛା ସେବୀ ସଂଗଠନ, ପୋଲିସ, ପ୍ରଶାସନ ପରିଚାଳନାରେ ସହଯୋଗ କରିଥିଲେ।


## Quotation Call Notice

**Office of the Principal**
**Nilamani Mahavidyalaya**
**Rupsa, Balasore**

Sealed Quotations are invited from different firms/ suppliers for supply of IT items as per the specifications given below within Seven Days from the date of publication of this quotation.

Core i5 (Or above. Minimum 12th Generation). All in One Desktop. 23.8-Inch FHD Display. Intel Core i5 Processor. 8GB DDR5 Ram. 512 GB SSD. Windows 11 Home. Multi Function Printer & UPS.

**Sd/-**
**Principal-cum-Secretary**
**Nilamani Mahavidyalaya**
**Rupsa, Balasore**
**E. Mail: mmv.rupsa@gmail.com**

ଗୁରୁବାର, ଜୁଲାଇ ୦୨, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କାର୍ଯ୍ୟରତ ଡାକ୍ତରଙ୍କ ସମୂହ ଆନ୍ଦୋଳନ ଯୋଗୁଁ ନୀଳଗିରି ମେଡିକାଲରେ ରୋଗୀସେବା ବାଧାପ୍ରାପ୍ତ




ନୀଳଗିରି, ୦୧/୭ (ନି.ପ୍ର): ଓଡ଼ିଶା ମେଡ଼ିକାଲ୍ ସର୍ଭିସେସ ଆସୋସିଏସନ ଆହ୍ୱନ କମିଟି ନିର୍ଦ୍ଦେଶରେ ଓଡିଶାର ସମସ୍ତ କାର୍ଯ୍ୟରତ ଡାକ୍ତରଙ୍କ ସମୂହ ଆନ୍ଦୋଳନ କରିଛନ୍ତି। ଏହିକ୍ରମରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଅନୁରୂପଭାବେ ଏହାର ଦୃଶ୍ୟ ପରିଲକ୍ଷିତ ହୋଇଥିଲା। ଏଠାରେ ସମସ୍ତ କାର୍ଯ୍ୟରତ ଡାକ୍ତର ହସ୍ପିଟାଲ ପରିସରରେ ଏକ ପୋଷ୍ଟରଲଗାଇ ରୋଗୀସେବାକୁ ବନ୍ଦ କରିଛନ୍ତି। ଯାହାଫଳରେ ମେଡିକାଲକୁ ଆସିଥିବା ରୋଗୀ ସେବାପାଇବାରେ ବଞ୍ଚିତହୋଇ ଫେରିଯାଉଥିବା ଦେଖିବାକୁ ମିଳିଛି। ଏମିତିକି ନିୟମିତ ଡ୍ରେସିଂ କରିବାପାଇଁ ଆସୁଥିବା ରୋଗୀମଧ୍ୟ ସେବାପାଇବାରୁ ବଞ୍ଚିତ ହୋଇଥିଲେ। ତେବେ ନୀଳଗିରି ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଅନେକ ଦୂର ଦୂରନ୍ତରୁ ରୋଗୀ ନୀଳଗିରି ମେଡ଼ିକାଲ୍ ଉପରେ ଭରଷାରଖି ଆସି ନିରାଶହୋଇ ଫେରିଯାଉଥିବାରୁ ରୋଗୀମାନେ କ୍ଷୋଭପ୍ରକାଶ କରିଛନ୍ତି।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା ଓ ବିଦାୟ ସମ୍ବର୍ଦ୍ଧନା ସଭା

## ୩୦ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା: ୮ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରାପ୍ୟ ଓ ୫ ଜଣ ଏନ୍.ପି.ଏସ୍. ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ସୁବିଧା ପ୍ରଦାନ



ବାରିପଦା, ୦୧/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଏକ ପେନସନ ମେଳା ଓ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ମାସରେ ଅବସର ଗ୍ରହଣ କରିଥିବା ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ନୂତନ ପେନସନ ଯୋଜନା (ଏନ୍.ପି.ଏସ୍.) ଅନ୍ତର୍ଗତ ମୋଟ ୩୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସେମାନଙ୍କର ପୂର୍ଣ୍ଣାଙ୍ଗ ଅବସରକାଳୀନ ପ୍ରାପ୍ୟ (ପେନସନ ସମ୍ବନ୍ଧୀୟ ସମସ୍ତ ସୁବିଧା) ପ୍ରଦାନ କରାଯାଇଥିବା ବେଳେ ୫ ଜଣ ନୂତନ ପେନସନ ଯୋଜନାଭୁକ୍ତ (ଏନ୍.ପି.ଏସ୍.) ଅବସରପ୍ରାପ୍ତ ଶିକ୍ଷକଙ୍କୁ ମଧ୍ୟ ଯୋଜନା ଅନୁଯାୟୀ ସୁବିଧା ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଉତ୍ତରୀୟ, ସ୍ମାରକ ଉପହାର ଏବଂ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିବା ସହ ସେମାନଙ୍କ ସୁସ୍ଥ, ସୁଖମୟ ଓ ସମୃଦ୍ଧ ଅବସର ଜୀବନ କାମନା କରିଥିଲେ। ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଦୀର୍ଘଦିନର ନିଷ୍ଠାପୂର୍ଣ୍ଣ ଅବଦାନକୁ ସେ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଗୌତମ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସେକ୍ସନ ଅଫିସର ଶ୍ରୀ ସୁଦୀପ୍ତ କୁମାର ମୌଳିକ, ବରିଷ୍ଠ ସହାୟକ ଶ୍ରୀମତୀ ଶକୁନ୍ତଳା ସେଠୀ ଓ ଶ୍ରୀ ପିନାକୀ ବେରା, କନିଷ୍ଠ ସହାୟକ ଶ୍ରୀ କ୍ଷେତ୍ରମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ବର୍ଦ୍ଧିତ ଅବସରପ୍ରାପ୍ତମାନଙ୍କ ମଧ୍ୟରେ ଗମ୍ଭାରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଯୋଗେଶ୍ୱର ବେହେରା, ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ, କାଳିପୋଷିର ପ୍ରଧାନ ଶିକ୍ଷକ ଶ୍ରୀ ଭାଗ୍ୟବାନ ମହାନ୍ତଙ୍କ ସମେତ ଶ୍ରୀ ନିମାଇଁ ଚରଣ ପାଲ, ଶ୍ରୀ ଗଣେଶ୍ୱର ସି., ଶ୍ରୀ ଅଶୋକ କୁମାର ଜେନା, ଶ୍ରୀ ବ୍ରହ୍ମାନନ୍ଦ ମଣ୍ଡଳ, ଶ୍ରୀମତୀ ରାଜଲକ୍ଷ୍ମୀ ମିଶ୍ର, ଶ୍ରୀ ଈଶ୍ୱର ଚନ୍ଦ୍ର ମହାନ୍ତ, ଶ୍ରୀ ଅର୍ଜୁନ ଚରଣ ମହାନ୍ତ, ଶ୍ରୀ ସୁଧଳ ଚନ୍ଦ୍ର ମହାନ୍ତ, ଶ୍ରୀମତୀ ମଞ୍ଜୁଲତା ମହାନ୍ତ, ଶ୍ରୀ ମହାଦେବ ନାଏକ, ଶ୍ରୀ ହରିହର ପାଟବନ୍ଧା, ଶ୍ରୀ ନବକିଶୋର ମହାନ୍ତ, ଶ୍ରୀମତୀ କଲ୍ୟାଣୀ ମଞ୍ଜରୀ ଗିରି, ଶ୍ରୀ ଚିତ୍ତରଞ୍ଜନ ଦାସ, ଶ୍ରୀ ଚିନ୍ମୟ କୁମାର ମିଶ୍ର, ଶ୍ରୀ ଜନ୍ମଜେୟ ବେହେରା, ଶ୍ରୀ ଚିତ୍ତରଞ୍ଜନ ସାହୁ, ଶ୍ରୀ ଲମ୍ବୋଦର ମହାନ୍ତ, ଶ୍ରୀମତୀ ବୀଣାପାଣି ଖୁଣ୍ଟିଆ, ଶ୍ରୀ ସୁବାସ ଚନ୍ଦ୍ର ରାଉଳ, ଶ୍ରୀମତୀ ଆଭାରାଣୀ ନାଥ, ଶ୍ରୀ ପରମେଶ୍ୱର ନାଏକ, ଶ୍ରୀ ସମୟ ମାଝୀ, ଶ୍ରୀ ମୃତ୍ୟୁଞ୍ଜୟ ସାହୁ, ଶ୍ରୀ ବାଞ୍ଛାନିଧି ଦାସ ଏବଂ ଶ୍ରୀମତୀ ବିନୋଦିନୀ ଦାସ ପ୍ରମୁଖ ରହିଥିଲେ। କାର୍ଯ୍ୟକ୍ରମଟି ସୌହାର୍ଦ୍ଦପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀମାନେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ମିଳିଥିବା ସମ୍ମାନ ଓ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ।

# ଉତ୍କଳ ସାମ୍ବାଦିକ ସଂଘର ୩ ଦିନ ବ୍ୟାପୀ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ଉଦ୍‌ଯାପନୀ ସନ୍ଧ୍ୟା

ଭଦ୍ରକ, ୦୧/୭ (ନି.ପ୍ର): ଉଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଓ ଜିଲ୍ଲା ସାମ୍ବାଦିକ ସଂଘ ର ବାର୍ଷିକ ଉତ୍ସବ ର ତୃତୀୟ ଦିବସ ର ଉଦଯାପନୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି ।ଉଦଘାଟକ ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଏସ. ପି. ମନୋଜ କୁମାର ରାଉତ ଯୋଗଦେଇ ନିରପେକ୍ଷ ସାମ୍ବାଦିକତା ଉପରେ ଗୁରୁତ୍ୱ ଦେଇଥିଲେ । ଗଠନମୂଳକ ସମ୍ବାଦ ଜନସାଧାରଣଙ୍କୁ ପ୍ରଭାବିତ କରେ ତେଣୁ ସାମ୍ବାଦିକ ମାନେ ଏହାକୁ ନିଶା ଭାବେ ଗ୍ରହଣ କରିବା ଉଚିତ ବୋଲି କହିଥିଲେ କ୍ଷରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ତଥା ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ପୌରାଧକ୍ଷ ଗୁଲମୁକି ଦଲଓ୍ୱାଜି ହବିବ, ମୁଖ୍ୟ ବକ୍ତା ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ବରେଣ୍ୟ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ରାଜ୍ୟ ସଂଗଠନ ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା, ରାଜ୍ୟ ସଦସ୍ୟ ପ୍ରଦୀପ ମହାପାତ୍ର, ଜିଲ୍ଲା ଉପସଭାପତି ଦୀପ୍ତି ନାୟକ ପ୍ରମୁଖ ଯୋଗଦେଇ ଏବେ ଟିଆରପି ପାଇଁ ପ୍ରତିଯୋଗିତା ଚାଲିଛି ! ଟିଆରୂପି ଯୁଗରେ ଗଠନ ମୂଳକ ସମ୍ବାଦ ପ୍ରଭାବିତ ହେଉଛି, ସାମାଜିକ ଗଣ ମାଧ୍ୟମ ରେ ମଧ୍ୟ ଖବର ଶୀଘ୍ର ଆସୁଛି ବୋଲି କହିଥିଲେ। ସାମ୍ବାଦିକ ମାନଙ୍କ ର ନ୍ୟାର୍ଯ୍ୟ ଦାବୀ ପୂରଣ କରା ନ ଗଲେ ଆଗାମି ଦିନରେ ବିଧାନ ସଭା ସମ୍ମୁଖରେ ଧାରଣା ଓ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି କହିଥିଲେ। ବିଧାୟକ ଶ୍ରୀ ଦାସ ସାମ୍ବାଦିକ ଙ୍କ ଦାବୀ ଆଗାମି ବିଧାନସଭା ର ଅଧିବେଶନ ରେ ଉଠାଇବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଅଶୋକ କୁମାର ନାୟକ, ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, ରାଜେଶ ଦାସ, ସନ୍ତୋଷ କୁମାର ସାହୁ, ରମେଶ ଚନ୍ଦ୍ର ପାଗଳ, ସୁଜୟ ପାକଳ, ସଂଜୀବ ନାୟକ, ଅକ୍ଷୟ ନାୟକ, ଅଶୋକ ସାହୁ, ମାନସ ପରିଡା, ମାନସ ମହାନ୍ତି, ସୁଭାଶିଷ ଦ୍ୱିବେଦୀ, ଅଜିତ ରାୟ, ଫିରୋଜ ଖାନ, ସେକ ଟିଂକୁ, ମନୋରଞ୍ଜନ ମହାନ୍ତି, ଜୁନିୟର ରାଜେଶ ଦାସ,ପ୍ରକାଶ ସ୍ୱାଇଁ, ପିକେ କାଳନ୍ଦୀ ପ୍ରମୁଖ ଯୋଗଦେଇଥିଲେ ,ଏହି ଅବସରରେ ସମସ୍ତ ନୃତ୍ୟ ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକା ଓ ସାମ୍ବାଦିକ ଦୟାନିଧି ନାୟକ, କବୟତ୍ରୀ ସୁପ୍ରଭାତ ମିଶ୍ର ସରପଞ୍ଚ ସୁପ୍ରଭା ପାଣି, ଦ୍ୱିବେଦୀ ଫାଉଣ୍ଡେସନ, କଣ୍ଠ ଶିଳ୍ପୀ ଶୁଭ୍ରସ୍ମିତା ରାଉତ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଦୀପ ବଳ ଧନ୍ୟବାଦ ଅର୍ପଣ କରିଥିଲେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରି ପରିବେଷଣ କରାଯାଇଥିଲା ।

# ବିଏମ୍‌ସିରୁ ଅବସର ଗ୍ରହଣ କଲେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର , ୦୧/୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି)ରୁ ଅବସର ନେଲେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ମହାପାତ୍ର । ଦୀର୍ଘ ୩୬ ବର୍ଷ କର୍ମମୟ ଜୀବନର ସର୍ବାଧିକ କାଳ ବିଏମ୍ ସିରେ କାର୍ଯ୍ୟକରି ସେ ଅବସର ଗ୍ରହଣ କରିଛନ୍ତି । ଜଣେ ଅମାୟିକ, ଭଦ୍ର ଓ ଦକ୍ଷ ଇଂଜିନିୟର ଭାବେ ତାଙ୍କର ବେଶ ସୁଖ୍ୟାତି ରହିଛି । ଭୁବନେଶ୍ୱରକୁ ଅତି ନିକଟରୁ ଦେଖିଆସିଥିବା ଶ୍ରୀ ମହାପାତ୍ର ୨୦୦୭ରୁ ୨୦୧୧ ଏବଂ ପରବର୍ତ୍ତୀ କାଳରେ ୨୦୧୩ରୁ ୨୦୨୬ ଦୀର୍ଘ ୧୭ ବର୍ଷ କାଳ ସେ ବିଏମ୍ ସିରେ କାର୍ଯ୍ୟ କରିଛନ୍ତି । ୧୯୯୦ ମସିହାରେ ଚାକିରୀ ଜୀବନ ଆରମ୍ଭ କରିଥିବା ଶ୍ରୀ ମହାପାତ୍ର, ଜୟପୁର, ସୁନାବେଢା, କୋଟପାଟ, ବ୍ରହ୍ମପୁର, ଜଟଣୀ ଆଦି ସ୍ଥାନରେ ଦକ୍ଷତାର ସହ କାର୍ଯ୍ୟକରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ ସୌନ୍ଦର୍ଯ୍ୟକରଣରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କେବଳ ସେ ଯେ ଜଣେ ଦକ୍ଷ ଇଂଜିନିୟର ତାହା ନୁହେଁ, ସେ ଜଣେ ଜଣାଶୁଣା କବି ।

# ଚୋରା ମଦ ବୋଝେଇ ଗାଡ଼ି ଉପରେ ଚଢ଼ାଉ: ୫୦ରୁ ଅଧିକ ପେଟି ବିଦେଶୀ ମଦ ଜବତ



ବସ୍ତା, ୦୧/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରୁପ୍ସା ଥାନା ଅନ୍ତର୍ଗତ ହୀରାପୁର ଅଞ୍ଚଳରୁ ବିଳମ୍ବିତ ରାତିରେ ଚୋରା ମଦ କାର ବାର ବିରୋଧରେ ଏକ ବଡ଼ ଧରଣର ସଫଳ ଚଢ଼ାଉ କରା ଯାଇଛି। ରୁପ୍ସା ପୋଲିସ ଓ ବସ୍ତା ଅବକାରୀ ବିଭାଗର ମିଳିତ ଅଭିଯାନରେ ଏକ ଚୋରା ମଦ ବୋଝେଇ ଗାଡ଼ିକୁ ଜବତ କରାଯିବା ସହ ସେଥିରୁ ୫୦ରୁ ଅଧିକ ପେଟି ବିଦେଶୀ ମଦ ଜବତ କରାଯାଇଛି ।ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ରୁପ୍ସା ପୋଲିସ ଓ ବସ୍ତା ଅବକାରୀ ବିଭାଗର ଅଧିକାରୀମାନେ ମିଳିତ ଭାବେ ରାତିରେ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିଥିଲେ। ଏହି ସମୟରେ ସନ୍ଦେହଜନକ ଏକ ଗାଡ଼ିକୁ ଅଟକାଇ ତଲାସି କରାଯାଇଥିଲା। ତଲାସି ବେଳେ ଗାଡ଼ିରୁ ୫୦ରୁ ଅଧିକ ପେଟି ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ ହୋଇଥିଲା ।ଏହା କେଉଁ ଠାରୁ ଆସୁଥିଲା ଏବଂ କେଉଁଠାକୁ ଚାଲାଣ ହେଉଥିଲା ସେନେଇ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏହି ଚୋରା ମଦ କାରବାର ପଛରେ କୌଣସି ସଂଗଠିତ ରାକେଟ କାର୍ଯ୍ୟ କରୁଛି କି ନାହିଁ, ସେନେଇ ମଧ୍ୟ ଖୋଳତାଡ଼ ଚାଲିଛି। ଅଧିକାରୀମାନଙ୍କ ସୂଚନା ଅନୁଯାୟୀ, ଜବତ ମଦର ପରିମାଣ ଓ ମୂଲ୍ୟ ଆକଳନ କରାଯାଉଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବାକୁ ତଦନ୍ତ ଜୋରଦାର କରାଯାଇଛି। ଆବଶ୍ୟକ ପଡ଼ିଲେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଚଢ଼ାଉ କରାଯିବ ବୋଲି ସୂଚନା ମିଳିଛି। ଏହି ସଫଳ ଚଢ଼ାଉକୁ ନେଇ ରୁପ୍ସା ଅଞ୍ଚଳରେ ଚୋରା ମଦ କାରବାର ଉପରେ ଅଙ୍କୁଶ ଲାଗିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି। ତେବେ ଘଟଣାରେ କେତେଜଣଙ୍କ ସମ୍ପୃକ୍ତି ରହିଛି ଓ କେହି ଗିରଫ ହୋଇଛନ୍ତି କି ନାହିଁ, ସେନେଇ ପୋଲିସ ପକ୍ଷରୁ ଅଧିକ ତଥ୍ୟ ଅପେକ୍ଷା।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭଦ୍ରକ ପକ୍ଷରୁ କିଶୋର ନ୍ୟାୟ ଆଇନ ଏବଂ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଉପରେ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୦୧/୭ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଭଣ୍ଡାରି ପୋଖରୀ ସ୍ଥିତ ହାରାମଣି ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ, ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ରତିପକ୍ଷ ଅଧୀବକ୍ତା, ବହ୍ନିଶିଖା ବିଶ୍ୱାଳଙ୍କ ମଞ୍ଚ ସଂଚାଳନାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କର ସାମ୍ବିଧାନିକ ଅଧିକାର, ଶିକ୍ଷାର ଗୁରୁତ୍ୱ ଏବଂ ପ୍ରତ୍ୟେକ ଶିଶୁର ବିଦ୍ୟାଳୟମୁଖୀ ହେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସୁରକ୍ଷା ବିଭାଗର ଶିଶୁ ଆଇନ ବିଶେଷଜ୍ଞ ସୁବ୍ରତ କୁମାର ଦାସ ଯୋଗଦେଇ ଶିଶୁମାନଙ୍କର ମୌଳିକ ଅଧିକାର, କିଶୋର ନ୍ୟାୟ ଆଇନ ଓ ବିଭିନ୍ନ ଆଇନଗତ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଅଧାରୁ ପାଠପଢ଼ା ଛାଡ଼ିଥିବା ଶିଶୁମାନଙ୍କୁ ପୁନର୍ବାର ବିଦ୍ୟାଳୟମୁଖୀ କରିବା ଏବଂ ସଚେତନତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଓ ବ୍ଲକସ୍ତରୀୟ ମଣ୍ଡଳ କ୍ରୀଡ଼ା ସଂଯୋଜକ ରାଜେନ୍ଦ୍ର ନାୟକ, ଜିତେନ୍ଦ୍ର ସାହୁ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପହି ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଧାମନଗର ବନାଞ୍ଚଳ ଅଧୀନ ବନପାଳ କୃଷ୍ଣଚନ୍ଦ୍ର ବାସ୍କେ, ବନରକ୍ଷୀ ମଧୁସ୍ମିତା ଦାସ ଓ ବନ ବିଭାଗର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏବଂ ପାରାଲିଗାଲ ସ୍ୱେଚ୍ଛାସେବୀ ହରେକୃଷ୍ଣ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ପହି ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳଗିରି ଥାନା ପକ୍ଷରୁ ନିଶାମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୦୧/୭ (ନି.ପ୍ର): ରାଜ୍ୟ ସରକାର ସମଗ୍ର ରାଜ୍ୟରେ ନିଶା ମୁକ୍ତ କରିବାପାଇଁ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' କାର୍ଯ୍ୟକ୍ରମ ଓଡ଼ିଶା ପୋଲିସ ପକ୍ଷରୁ ସମସ୍ତ ଥାନାରେ ଆୟୋଜନ କରାଯାଉଛି। ଏହି କ୍ରମରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ନୀଳଗିରି ଥାନାର ଏସ୍.ଡି.ପି.ଓ ତଥା ବାଲେଶ୍ୱର ଆଡିସନାଲ ଏସ୍.ପି ପ୍ରମୋଦ କୁମାର ମଲ୍ଲିକ ଏବଂ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ଅଧ୍ୟକ୍ଷତାରେ ନୀଳଗିରି ଥାନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳଗିରି ଥାନାର କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ନିଶାମୁକ୍ତ ଓଡ଼ିଶା ଗଠନରେ ନିଜକୁ ସମର୍ପିତ କରିବାକୁ ଶପଥ ନେଇଥିଲେ। ପରେ ଏସ୍.ଡି.ପି.ଓ ପ୍ରମୋଦ ମଲ୍ଲିକ ଆଗାମୀ ଦିନରେ ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଉପସ୍ଥିତ ଲୋକଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ।

# ଜଳେଶ୍ୱରରେ ସମ୍ବାଦ ସାହିତ୍ୟ ଘର ତରଫରୁ ବନ ମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ଜଳେଶ୍ୱର, ୦୧/୭ (ନି.ପ୍ର): ବିଶ୍ୱବ୍ୟାପୀ ଜଙ୍ଗଲ କ୍ଷୟ ଏବଂ ପରିବେଶ ପ୍ରଦୂଷଣର ମୁକାବିଲା କରି ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଶିଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବାଦ ସାହିତ୍ୟ ଘର ଜଳେଶ୍ୱର ଶାଖାର ସଭାପତି ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ରକ୍ତ ଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ପ୍ରତି ଜନ୍ମଦିନରେ ଗୋଟିଏ ଲେଖାଏଁ ଗଛ ଲଗାଇ ପ୍ରକୃତିକୁ ବଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରକୃତି ବନ୍ଧୁ ଡଃ ଅଜିତ କୁମାର ମହାନ୍ତି ଯୋଗଦେଇ 'ଗୋଟିଏ ବୃକ୍ଷ ଗୋଟିଏ ଜୀବନ'ର ବାର୍ତ୍ତା ଦେବା ସହ ବନ ମହୋତ୍ସବ ସପ୍ତାହର ଗୁରୁତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ପ୍ରଦୀପ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ସିଂ, ସରପଞ୍ଚ ଜୟନ୍ତୀ ପରିଡା ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହି ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଷ୍ଟେଟ ବ୍ୟାଙ୍କ ପକ୍ଷରୁ 'ମାଆ କେ ନାମ ଏକ ପେଡ୍' ଅଭିଯାନରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଶେଷରେ ସଞ୍ଜିବ କୁମାର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ



ଖୋର୍ଦ୍ଧା , ୦୧/୭ (ନି.ପ୍ର): ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଖୋର୍ଦ୍ଧା ଶ୍ରୀ ଅରବିନ୍ଦ ନାୟକ ଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନାଦି ଚରଣ ସେଠୀ, ଆଞ୍ଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱର -୨, ଶ୍ରୀ ସନତ କୁମାର ଜେନା, ଆଞ୍ଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱର -୧, ଶ୍ରୀ ମାନସ ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜ ଅଧୀନରେ ସଡ଼କ ସୁରକ୍ଷା ତଥା ସଡ଼କ ଦୁର୍ଘଟଣା ରୋକିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଖୋର୍ଦ୍ଧା ଶ୍ରୀ ଅରବିନ୍ଦ ନାୟକ ଜିଲ୍ଲାରେ ରାସ୍ତା ଏବଂ କୋଠା ବାଡ଼ି ଅଧୀନ ସଡ଼କ ପଥ ଏବଂ ଜାତୀୟ ରାଜମାର୍ଗରେ ସଡ଼କ ସୁରକ୍ଷା ଏବଂ ଦୁର୍ଘଟଣା ରୋକିବା ଦିଗରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ । ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ପୂର୍ତ୍ତ ବିଭାଗ, ଜାତୀୟ ରାଜମାର୍ଗ ପ୍ରାଧିକରଣ ପଦାଧିକାରୀ, ପୁଲିସ ପ୍ରଶାସନ, ମୋଟର ଯାନ ନିରୀକ୍ଷକ ଭୁବନେଶ୍ୱର ଏବଂ ଖୋର୍ଦ୍ଧା, ଟ୍ରାଫିକ ପୋଲିସ ଆଦି ସଂପୃକ୍ତ ବିଭାଗର କାର୍ଯ୍ୟକ୍ରମକୁ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରି ସଡ଼କ ଦୁର୍ଘଟଣା କୁ ଶତ ପ୍ରତିଶତ ଏଡ଼ାଇବା ଦିଗରେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଆଗକୁ ମହାପ୍ରଭୁଙ୍କ ଘୋଷ ଯାତ୍ରା ଥିବାରୁ ବିଭାଗୀୟ ଅଧିକାରୀ ମାନେ ଟାସ୍କ ଫୋର୍ସ ଦ୍ୱାରା ନିରନ୍ତର ଯାଞ୍ଚ କରିବା, ପାଟ୍ରୋଲିଂ ସେବାକୁ କଡାକଡି କରିବା ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସଡ଼କ ସୁରକ୍ଷା ନିମନ୍ତେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ନାମାକୁ କାର୍ଯ୍ୟକାରୀ କରିବା, ପ୍ରତ୍ୟେକ ଥାନା ୱାରି, ସଡ଼କ ସୁରକ୍ଷା ତଥ୍ୟ ପ୍ରତ୍ୟେକ ମାସରେ ପ୍ରଦାନ କରିବା, ଜିଲ୍ଲା ରାଜମାର୍ଗ ସୁରକ୍ଷା କାର୍ଯ୍ୟକାରୀ ଦଳ ଆସନ୍ତା ୧୧ ତାରିଖ ସୁଦ୍ଧା ଗଠନ କରିବା, ସଡ଼କ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ ପ୍ରଦାନ କରୁଥିବା ଉତ୍ତମ ସମରିଟାନ ମାନଙ୍କୁ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିବା, ଆମ୍ବୁଲାନ୍ସ ସେବାକୁ କ୍ରିୟାଶୀଳ କରିବା, ରାଜମାର୍ଗରେ ବୃହତ୍ କ୍ରେନ୍ ବ୍ୟବସ୍ଥା କରିବା, ଭୁବନେଶ୍ୱର ମହାନଗର ନିଗମ ଏବଂ ବିଭିନ୍ନ ତହସିଲ ଅଧୀନ ସଡ଼କ ପଥ ଜବରଦଖଲ ହଟାଇବା ସହ ସଡ଼କ ସୁରକ୍ଷା ପୁସ୍ତିକା ଛାପିବା ଏବଂ ବହୁଳ ପ୍ରଚାର ପ୍ରସାର ଦିଗରେ ଅଧ୍ୟକ୍ଷ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଶଙ୍ଖ ଧ୍ୱନି ରାସ୍ତା ସୁରକ୍ଷା ସମିତି ସମ୍ପାଦକ ଶ୍ରୀ ପ୍ରକାଶ କୁମାର ମହାପାତ୍ରଙ୍କ ପୁସ୍ତିକା 'ଗାଡ଼ି ଚାଳକ ସୂଚନା ପୁସ୍ତିକା' ଏବଂ 'ପିଲାଙ୍କ ସଡ଼କ ସୁରକ୍ଷା ଶିକ୍ଷା ପୁସ୍ତିକା'କୁ ଉନ୍ମୋଚନ କରି ଭୂୟସୀ ପ୍ରସଂଶା କରିଥିଲେ । ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା,ଅତିରିକ୍ତ ପୋଲିସ ଆୟୁକ୍ତ, ଟ୍ରାଫିକ ସଂପୃକ୍ତ ବିଭାଗୀୟ ଅଧିକାରୀ ତଥା ସଡ଼କ ସୁରକ୍ଷା କମିଟି ସଦସ୍ୟ ଓ ସଦସ୍ୟା ମାନେ ଯୋଗ ଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida